بِسۡمِ اللّٰہِ الرَّحۡمٰنِ الرَّحِیۡمِ نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ: 9

**ସମ୍ପାଦକ:**

କମ୍ରୁଲ୍ ହକ୍ ଖାନ୍

**ସହ ସମ୍ପାଦକ:**

ସୟଦ୍ ଅତାଉଲ୍ ୱାହାବ୍

ସାପ୍ତାହିକ

# ବଦର

Weekly BADAR Qadian

କାଦିଆନ

Odia

ସଂଖ୍ୟା: 44-45

ବାର୍ଷିକ ଦେୟ : 600/-

27 ରବିଉଲ୍ ଅୱଲ୍ 1446 ହି.କ, 31 ଇଖା 1403 ହି.ଶ, 31 Oct-7 Nov 2024-ମସିହା

www.akhbarbadr.in

## ଅଲ୍ଲାଃତାଲାଙ୍କ ବାଣୀ

وَاِنۡ تَعُدُّوۡا نِعۡمَۃَ اللّٰہِ لَا تُحۡصُوۡہَا ؕ اِنَّ اللّٰہَ لَغَفُوۡرٌ رَّحِیۡمٌ ○

(ଅନ୍ ନହଲ୍ : 19)

ଅନୁବାଦ: ଏବଂ ଯଦି ତୁମେମାନେ ଅଲ୍ଲାଃତାଲାଙ୍କର କୃପାକୁ ଗଣନା କରିବାକୁ ଚେଷ୍ଟା କରିବ ତେବେ ତୁମେମାନେ ତାହାକୁ କଦାପି ଗଣନା କରିପାରିବ ନାହିଁ । ବାସ୍ତବରେ ଅଲ୍ଲାଃତାଲା ହିଁ ଅତ୍ୟନ୍ତ କ୍ଷମାଶୀଳ ଓ ସଦା କରୁଣାମୟ ।

## ଅହମଦିୟା ଖବର

**ଅଲହମଦୁ ଲିଲ୍ଲାଃ** ! ଅଲ୍ଲାଃତାଲାଙ୍କ କୃପାରୁ ହୁଜୁର ଅନ୍ୱର୍ ଅ.ବ ସକୁଶଳେ ଅଛନ୍ତି ।

ଜମାଅତର ସଦସ୍ୟବୃନ୍ଦଙ୍କୁ ବିନମ୍ରତାପୂର୍ବକ ଅନୁରୋଧ କି ସେମାନେ ହୁଜୁର ଅନ୍ୱର୍ ଅ.ବଙ୍କ ସ୍ୱାସ୍ଥ୍ୟବାନ୍, ନିରୋଗ, ଦୀର୍ଘାୟୁ ହେବା ନିମନ୍ତେ ଦୁଆ କରନ୍ତୁ । ସକଳ ଏବଂ ସର୍ବୋଚ୍ଚ ଉଦ୍ଦେଶ୍ୟରେ ସାଫଲ୍ୟ ମଣ୍ଡିତ ହେବା ନିମନ୍ତେ ଓ ହୁଜୁର ଅନ୍ୱର୍ ଅ.ବଙ୍କ ବିଶେଷ ସୁରକ୍ଷା ନିମନ୍ତେ ଦୁଆ ଜାରି ରଖନ୍ତୁ। ଅଲ୍ଲାଃତାଲା ପ୍ରତ୍ୟେକ ମୁହୂର୍ତ୍ତ ହୁଜୁର ଅନ୍ୱର୍ ଅ.ବଙ୍କର ରକ୍ଷକ ଓ ସହାୟକ ହୁଅନ୍ତୁ । ଆମିନ୍ ।

## ଆଁହଜରତ ସ.ଅଙ୍କ ବାଣୀ

**ଲାଭଦାୟକ ଜିନିଷ ବା ବସ୍ତୁ ଋଣ ଆକାରରେ ଅନ୍ୟ ବ୍ୟକ୍ତିଙ୍କୁ ଦେବା ଦ୍ୱାରା ପୁଣ୍ୟ ପ୍ରାପ୍ତି ହୋଇଥାଏ।**

(2629) ହ. ଅବୁ ହୁରୈରାହ୍ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲୁଲ୍ଲାଃ ସ.ଅ କହିଲେ: ଏକ ଦୁଧିଆଳୀ ଓଟ ଯେକି ଭଲ କ୍ଷୀର ଦିଏ ତେବେ ସେହି ଓଟକୁ ଋଣରେ ଦେବା ଭଲ ହେବ । ସେହିପରି ଯେଉଁ ଛେଳୀ ଭଲ କ୍ଷୀର ଦିଏ ତେବେ ସେହି ଛେଳୀକୁ ଋଣ ଆକାରରେ ଦେବା ଫଳରେ ଋଣ ଦାତାକୁ ପୁଣ୍ୟ ପ୍ରାପ୍ତି ହୋଇଥାଏ। ପୁନଶ୍ଚ ସେହି ଛେଳୀ ସକାଳ ସୟରେ ବାହାରକୁ ଚରିବାକୁ ଗଲାବେଳେ ଯଦି ପାତ୍ର ଭର୍ତ୍ତି କରି କ୍ଷୀର ଦିଏ । ସେହିପରି ଉକ୍ତ ଛେଳୀ ଯଦି ସନ୍ଧ୍ୟା ସମୟରେ ଘରକୁ ଆସି ପାତ୍ର ଭର୍ତ୍ତି କରି କ୍ଷୀର ଦିଏ ତେବେ ସେ ପରିପ୍ରେକ୍ଷୀରେ ଉକ୍ତ ଛେଳୀକୁ ଋଣରେ ଦେଇ ଦିଆଯାଉ (ଦେଇଦେବା ଉଚିତ୍) ।

**(2631)** ହ. ଅବ୍ଦୁଲ୍ଲାଃ ବିନ୍ ଆମ୍ର ର.ଅ ବର୍ଣ୍ଣନା କରନ୍ତି ଯେ, ନବୀ କରୀମ୍ ସ.ଅ କହିଲେ: ଭଲ ଗୁଣ ବା ଶିଷ୍ଟାଚାର 40 ଭାଗରେ ବିଭକ୍ତ । ତନ୍ମଧ୍ୟରୁ ସର୍ବୋଚ୍ଚ ଗୁଣ ହେଉଛି ଦୁଧିଆଳି ଛେଳୀକୁ ଋଣରେ ଦେଇ ଦେବା । ଅତଏବ୍ ଯେଉଁ ବ୍ୟକ୍ତି ଏହି 40ଟି ଶିଷ୍ଟାଚାର ବା ଗୁଣ ମଧ୍ୟରୁ ଯେକୌଣସି ଗୋଟିଏ ଗୁଣ ଉପରେ ବି କାର୍ଯ୍ୟାନୁସରଣ କରେ ତେବେ ସେହି ବ୍ୟକ୍ତି ଉକ୍ତ ଶିଷ୍ଟାଚାର ଅବସ୍ଥାରେ ସେହି ଛେଳୀକୁ ଋଣ ଆକାରେ ଦେଇଦେଉ । ଋଣ ଦେବା ଫଳରେ ଋଣ ଦେବାକୁ ସେ ପୁଣ୍ୟ ପ୍ରାପ୍ତି ବୋଲି ମନେକରୁ। ସେହିପରି ସେ ଯଦି ଅଲ୍ଲାଃତାଲାଙ୍କ ପକ୍ଷରୁ କରାଯାଇଥିବା ପୁଣ୍ୟାମ୍ ଅଙ୍ଗୀକାର ବା ପ୍ରତିଶୃତିକୁ ସତ୍ୟ ବୋଲି ମନେକରେ ତେବେ ଅଲ୍ଲାଃତାଲା ସେହି ବ୍ୟକ୍ତିକୁ ତା'ର ଆଶା ଏବଂ ବିଶ୍ୱାସ ଯୋଗୁଁ ବୈକୁଣ୍ଠ ପୁରରେ ପ୍ରବିଷ୍ଟ କରାଇଦେବେ । ହ. ହସ୍ସାନ୍ ର.ଅ କୁହନ୍ତି; "ଆମେମାନେ ଦୁଧିଆଳୀ ଛେଳୀର ଋଣ ଦେବା ବ୍ୟତୀତ ଅନ୍ୟାନ୍ୟ ଗୁଣାବଳୀକୁ ଗଣ୍ୟ (ଗଣିଲୁ) କଲୁ। ଯେପରି କି ସଲାମ୍‌ର ଉତ୍ତର ଦେବା ଏବଂ ଛିଙ୍କିବା ସମୟରେ ଦୁଆ କରିବା ଓ ମାର୍ଗରେ ପଡ଼ିଥିବା କଷ୍ଟଦାୟକ ବସ୍ତୁକୁ ମାର୍ଗରୁ ହଟାଇଦେବା ଇତ୍ୟାଦି ଅନେକ କଥା ମଧ୍ୟ ଏହି ପରିସରଭୁକ୍ତ ଅଟେ। କିନ୍ତୁ ଆମେମାନେ 15ଟି ଗୁଣାବଳୀ ପର୍ଯ୍ୟନ୍ତ ଅତି କଷ୍ଟରେ ଗଣତି (ଗଣନା) ପୂର୍ଣ୍ଣ କଲୁ ।" **(ସହିହୁଲ୍ ବୁଖାରୀ, ଭାଗ-4, ବାବ୍- କିତାବ୍ ଇଲାହିୟାହ୍)** ☆--☆--☆

## ହଜରତ୍ ମସିହ୍ ମଉଦ୍ ଅସ.ଙ୍କ ନିତୀବାଣୀ

### ମନେରଖ ! ଈଶ୍ୱରଙ୍କ ଉପରେ ବିଶ୍ୱାସ ଆଣିବା ଏକ ମହତ୍ ପ୍ରସଙ୍ଗ ଅଟେ ।

**ସାହାବାମାନଙ୍କ ବିଶ୍ୱାସ:**

ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ମୁଁ ପୁନଶ୍ଚ ସାହାବାମାନଙ୍କ ଅବସ୍ଥାକୁ ଦୃଷ୍ଟାନ୍ତମୂଳକ ଭାବରେ ଉପସ୍ଥାପିତ କରି କହୁଛି ଯେ, ସେମାନେ ଅର୍ଥାତ୍ ସାହାବାମାନେ ରସୁଲୁଲ୍ଲାଃ ସ.ଅଙ୍କ ଉପରେ ବିଶ୍ୱାସ ଆଣି ନିଜର ଚାରିତ୍ରିକ ଅବସ୍ଥାରେ ଏହିସବୁ ଲକ୍ଷଣ ପ୍ରଦର୍ଶନ କରିଛନ୍ତି ଯେ, ସେହି ଈଶ୍ୱର ଯିଏ ଆଦୃଷ୍ଟରୁ ଆଦୃଷ୍ଟନୀୟ ଅସ୍ତିତ୍ୱ ଅଟନ୍ତି ଏବଂ ଯିଏ ମିଥ୍ୟାବାଦୀ ଉପାସନାକାରୀ ପ୍ରାଣୀମାନଙ୍କ ଦୃଷ୍ଟିଗୋଚରରୁ ଲୁକ୍କାୟିତ ଏବଂ ଗୁପ୍ତ ଅଟନ୍ତି । ସେମାନେ ଅର୍ଥାତ୍ ସାହାବାମାନେ ସ୍ୱଚକ୍ଷୁରୁ ସେହି ସତ୍ୟକୁ ଉପଲବ୍ଧି କରିନେଇଥିଲେ । ତେଣୁ ଏପରି କେଉଁ କଥା ରିହଥିଲା ଯାହା ପାଇଁ ସେମାନେ ତିଳେମାତ୍ର ଭୃକ୍ଷେପ କଲେ ନାହିଁ । ଅର୍ଥାତ୍ ସେମାନେ ଦେଶକୁ ପରିତ୍ୟାଗ କରିଦେଲେ, ଧନ ସମ୍ପତ୍ତିକୁ ପରିତ୍ୟାଗ କରିଦେଲେ, ବନ୍ଧୁ ପରିଜନ, ଜ୍ଞାତି କୁଟୁମ୍ବ ଏବଂ ଆତ୍ମୀୟ ସ୍ୱଜନମାନଙ୍କ ସହିତ ସଂପର୍କ ଛିନ୍ନ କରିନେଲେ । ସେମାନେ କେବଳ ଓ କେବଳ ଈଶ୍ୱରଙ୍କ ଉପରେ ବିଶ୍ୱାସ କରୁଥିଲେ । ଈଶ୍ୱରଙ୍କ ବ୍ୟତୀତ ଅନ୍ୟ କାହା ଉପରେ ସେମାନଙ୍କର ବିଶ୍ୱାସ ନଥିଲା ।

ଆମେ ଯଦି ଇତିହାସର ପୃଷ୍ଠାକୁ ଯଦି ଓଲଟାଇ ଦେଖୁ ତେବେ ମନୁଷ୍ୟ ଆଶ୍ଚର୍ଯ୍ୟ ଚକିତ ହୋଇଯାଏ । ଅନ୍ୟଥା ସେମାନଙ୍କ ବିପକ୍ଷରେ ଅର୍ଥାତ୍ ବିଶ୍ୱାସକାରୀଙ୍କ ବିପରୀତ ଯେଉଁ ଅବିଶ୍ୱାସ କାରୀମାନେ ରହିଥିଲେ ସେମାନେ ସାଂସାରିକ ବ୍ୟକ୍ତିମାନଙ୍କଯୋଜନାଏବଂଉପାୟଓସକଳଉଦ୍ୟମ, ତନ୍ମୟତାକୁ ବିନିଯୋଗ କରିଥିଲେ । କିନ୍ତୁ ସେମାନେ ନିଜ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ହୋଇପାରିଲେ ନାହି। ସେହି ଅବିଶ୍ୱାସକାରୀମାନଙ୍କର ସଂଖ୍ୟା, ଜମାଅତ୍ (ସଂପ୍ରଦାୟ), ଧନ ସମ୍ପତ୍ତି ସବୁକିଛି ବିଶ୍ୱାସକାରୀଙ୍କ ତୁଳନାରେ ଅଧିକ ଥିଲା । କିନ୍ତୁ ସେମାନଙ୍କ ମଧ୍ୟରେ ବିଶ୍ୱାସ ନଥିଲା ।

ଏହି ବିଶ୍ୱାସ ନହେବା ଯୋଗୁଁ ସେମାନଙ୍କର ବିନାଶ ହୋଇଗଲା ସେମାନେ ଧ୍ୱଂସ ହୋଇଗଲେ। ସେମାନେ ସଫଳତାର ମୁଖ (ମୁହଁ) ଦେଖି ପାରିଲେ ନାହିଁ । କିନ୍ତୁ ସାହାବାମାନେ ବିଶ୍ୱାସର ସେହି ଅପୂର୍ବ ଶକ୍ତି ମାଧ୍ୟମରେ ସମସ୍ତ ବାଧା ବିଘ୍ନ ଏବଂ ଅବିଶ୍ୱାସକାରୀତା ତଥା ଅତ୍ୟାଚାର ଉପରେ ବିଜୟ ପ୍ରାପ୍ତ କରିଥିଲେ । ସେହି ସାହାବାମାନେ ଯେତେବେଳେ ଜଣେ ବ୍ୟକ୍ତି ଅର୍ଥାତ୍ ହ. ମୁହମ୍ମଦ ସ.ଅ ଯେକି ଅଶିକ୍ଷିତ ତଥା ନିରକ୍ଷର ହେବା ଅବସ୍ଥାରେ ଲାଳିତ ପାଳିତ ହୋଇଥିଲେ, କିନ୍ତୁ ନିଜର ସତ୍ୟବାଦୀତା ବିଶ୍ୱସ୍ତତା, ଅବିଚଳତା ଓ ସନ୍ତକ ରକ୍ଷକତା ଭଳି ବିଶିଷ୍ଟ ସୁଗୁଣାବଳୀ ଦ୍ୱାରା ପରିପୂର୍ଣ୍ଣ ହେବା ହେତୁ ଆରବ ବିଦିତ (ବିଖ୍ୟାତ ବା ପ୍ରସିଦ୍ଧ) ଥିଲେ । ସେହି ବ୍ୟକ୍ତି ଅର୍ଥାତ୍ ହ. ମୁହମ୍ମଦ ସ.ଅ ଯେତେବେଳେ ଆରବବାସୀଙ୍କୁ ଓ ସେହି ସାହାବାମାନଙ୍କୁ ଏହା କହିଲେ ଯେ, ହେ ସାହାବାମାନେ ଓ କୁଫ୍ଫାରମାନେ ! ମୁଁ ଈଶ୍ୱରଙ୍କ ତରଫରୁ ଆସିଅଛି । ଅତଏବ୍ ଆଁହଜରତ ସ.ଅ.ଙ୍କର ସ୍ୱରକୁ ଶୁଣିବା ମାତ୍ରେ ସେହି ସାହାବାମାନେ ମବୀ କରୀମ୍ ସ.ଅଙ୍କ ସାଥିରେ ହୋଇଗଲେ ଏବଂ ସେମାନେ ପାଗଳଙ୍କ ପରି ସେହି ନବୀ ସ.ଅଙ୍କ ପଛେ ପଛେ ଚାଲିବାକୁ ଲାଗିଲେ ।

ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ମୁଁ ପୁଣିଥରେ କହି ଦେଉଛି ଯେ, କେବଳ ଗୋଟିଏ କଥା ହିଁ ସେହି ସାହାବାମାନଙ୍କର ଏଭଳି ଅବସ୍ଥା କରିଦେଇଥିଲା, ସେମାନଙ୍କର ଘଟ ପରିବର୍ତ୍ତନ ହୋଇଥିଲା । ସେହି ଅବସ୍ଥା ହେଉଛି "ବିଶ୍ୱାସର ଅବସ୍ଥା"ଯାହାକି ସେମାନଙ୍କ ମଧ୍ୟରେ ଏକ ଅଭୂତପୂର୍ବ ପରିବର୍ତ୍ତନ ଆଣି ଦେଇଥିଲା। ଅତଏବ୍ ତୁମେମାନେ ଉକ୍ତ କଥାକୁ ସ୍ମରଣ ରଖ ଯେ, ବିଶ୍ୱାସ ଏକ ମହତ୍ ପ୍ରସଙ୍ଗ ଅଟେ ।"

**ଈଶ୍ୱରଙ୍କ ଅସ୍ତିତ୍ୱ :**

ଇଂରେଜ ଏବଂ ପାଶ୍ଚାତ୍ୟ ଜାତି ମଧ୍ୟରେ ବିଶ୍ୱ ସନ୍ଧାନ ଓ ଆବିଷ୍କାରର ପ୍ରବଳ ଆଗ୍ରହ, ଉତ୍କଣ୍ଠା ଏବଂ ଇଚ୍ଛାଶକ୍ତି ରହିଛି । ତେଣୁ ଇଂରେଜ ଜାତି ବିଶ୍ୱ ସନ୍ଧାନ ଓ ଆବିଷ୍କାର କରିବା ଦିଗରେ ପ୍ରୟାସରତ । ସେମାନେ ପ୍ରଥମେ ପ୍ରଥମେ ଏକ କାଳ୍ପନିକ ଚିନ୍ତାଧାରା ଉପରେ କାମ କରିବାକୁ ଆରମ୍ଭ କରନ୍ତି । ଶତାଧିକ ଜୀବନ ଅବକ୍ଷୟ ହୁଅନ୍ତି । ସହସ୍ର ସହସ୍ର, ଲକ୍ଷ ଲକ୍ଷ ଟଙ୍କା ଅପଚୟ ହୋଇଥାଏ । ପରିଶେଷରେ ସେମାନେ ଗୋଟିଏ କଥା (ଫଳାଫଳରେ ଉପନୀତ ହୁଅନ୍ତି) ପାଇ ନିଅନ୍ତି । ପୁନଶ୍ଚ ସେମାନଙ୍କର ଉକ୍ତ କଥା ଅର୍ଥାତ୍ ଈଶ୍ୱର ପ୍ରାପ୍ତ ହୋଇପାରିବେ ନାହିଁ । ମିଳି ପାରିବେ ନାହିଁ । କେହି ଶ୍ରମ ଏବଂ ତପସ୍ୟା କରି ଈଶ୍ୱରଙ୍କୁ ପ୍ରାପ୍ତ କରିପାରିଲା ନାହିଁ । ନା ଈଶ୍ୱର ଅବଶ୍ୟ ମିଳନ୍ତି ଏବଂ

ଖୁବ୍ ଶୀଘ୍ର ପ୍ରାପ୍ତ ହୁଅନ୍ତି । କିନ୍ତୁ ସେହି ଈଶ୍ୱରଙ୍କୁ ପ୍ରାପ୍ତକାରୀ ବ୍ୟକ୍ତି କେଉଁଠି ଅଛନ୍ତି? **(ମଲଫୁଜାତ୍, ଭାଗ-2, ପୃ-41, ସଂସ୍କରଣ ବର୍ଷ-2018 ମସିହା, କାଦିଆନ୍)**

☆--☆--☆

**ଏହି ମର୍ତ୍ତ୍ୟମଣ୍ଡଳରେ ଯେତେବେଳେ ବି ଅବତାରମାନେ ଧରାବତରଣ କରନ୍ତି ଏବଂ ସେମାନେ ଯେତେବେଳେ ଲୋକମାନଙ୍କର ସଂଶୋଧନ ନିମନ୍ତେ ପ୍ରସ୍ତାବ ଦିଅନ୍ତି ସେତେବେଳେ ସୈତାନ୍ ସେମାନଙ୍କ ମାର୍ଗରେ ବାଧା ସୃଷ୍ଟି କରିଥାଏ । କିନ୍ତୁ ଏହାର ପରିଣାମ ଏହା ହୋଇଥାଏ ଯେ, କପଟବିଶ୍ୱାସୀ ଏବଂ ଦୁର୍ବଳ ବିଶ୍ୱାସୀ ଲୋକମାନେ ଭିନ୍ନ ହୋଇଯାଇ ଥାଆନ୍ତି ଓ ଈଶ୍ୱର ନିଜ ସଂପ୍ରଦାୟର ଦୃଢତା ଏବଂ ସେହି ସଂପ୍ରଦାୟର ମର୍ଯ୍ୟାଦାକୁ ଅହୁରି ଅଭିବୃଦ୍ଧି କରିଥାଆନ୍ତି ।**

ସୟେଦିନା ହ. ମୁସ୍‌ଲେହ୍ ମଉଦ୍ ର.ଅ ସୁରାହ୍ ହଜ୍‌ର ଆୟତ୍ ସଂଖ୍ୟା 56 ର ବ୍ୟାଖ୍ୟା କରି କୁହନ୍ତି: ବର୍ତ୍ତମାନ ଏହି ପ୍ରଶ୍ନ ଉତ୍ଥାପିତ ହୁଏ ଯେ, ଅଲ୍ଲାଃତାଲା ସୈତାନମାନଙ୍କୁ ଅବତାରମାନଙ୍କ ମାର୍ଗରେ ବାଧା ସୃଷ୍ଟି କରିବା ନିମନ୍ତେ କାହିଁକି ସୁଯୋଗ ପ୍ରଦାନ କରୁଛନ୍ତି? ଉକ୍ତ ପ୍ରଶ୍ନର ଉତ୍ତର ପ୍ରଦାନ କରି ଅଲ୍ଲାଃତାଲା କୁହନ୍ତି, ଆମ୍ଭେ (ଅର୍ଥାତ୍ ଅଲ୍ଲାଃତାଲା) ଏଇଥି ପାଇଁ ଏପରି କରିଥାଉ ଯେ, ସେହି ସୈତାନୀୟ ଉପଦ୍ରବ ଦ୍ୱାରା ଅବତାରମାନଙ୍କ ଜମାଅତ ପ୍ରତ୍ୟେକ ପ୍ରକାରର କପଟବିଶ୍ୱାସ ଏବଂ ଅବିଶ୍ୱାସକାରୀତା ଅଧର୍ମ ପାଳନ କରୁଥିବା ବ୍ୟକ୍ତିମାନଙ୍କ ଠାରୁ ଦୂରେଇ ଯିବେ ଏବଂ ଶତ୍ରୁମାନଙ୍କ ଶତ୍ରୁତା ଲୋକମାନଙ୍କ ସମ୍ମୁଖରେ ପରିପ୍ରକାଶିତ ହୋଇଯାଉ । ଅତଏବ୍ ସୈତାନ୍ ଯେତେବେଳେ କୌଣସି ବାଧା ସୃଷ୍ଟି କରିଥାଏ ସେତେବେଳେ ଯେଉଁ ଲୋକମାନଙ୍କ ମନରେ ପାପ ଭର୍ତ୍ତି ହୋଇ ରହିଥାଏ, ଯେଉଁ ଲୋକମାନଙ୍କର ହୃଦୟ ଓ ସ୍ୱଭାବ କୁଟୁଳିଆ ହୋଇଥାଏ ସେମାନେ ସୈତାନର କଥାକୁ ମାନି ନେଇଥାଆନ୍ତି । ସେମାନେ ଅକାରଣରେ ବିଶ୍ୱାସକାରୀମାନଙ୍କ ଉପରେ ଅକଥନୀୟ ଅତ୍ୟାଚାର କରିବାକୁ ଲାଗି ଯାଆନ୍ତି । ସୁତରାଂ ସେତେବେଳେ ଦୁର୍ବଳ ବିଶ୍ୱାସୀ ବ୍ୟକ୍ତିଙ୍କ ଦୁର୍ବଳତା ଏବଂ ଶତ୍ରୁମାନଙ୍କର ଶତ୍ରୁତା ଉଭୟ ପ୍ରକଟିତ ହୋଇଯାଇଥାଏ । ଏହା ଜଣା ପଡ଼ିଯାଏ ଯେ, ଇସଲାମ୍ ଧର୍ମର ଶତ୍ରୁମାନେ ହଠ ଧର୍ମୀତା ଓ ବିରୋଧରେ କେତେ ଅଗ୍ରସର ହୋଇଯାଇଛନ୍ତି । ଏହା ଜଣାପଡ଼େ ଯେ, ଇସଲାମ୍ ଧର୍ମ ଉପରେ ପ୍ରକୃତ ବିଶ୍ୱାସ ଆଣୁଥିବା ଲୋକମାନେ ଉପଦ୍ରବୀ ଲୋକମାନଙ୍କର ଉପଦ୍ରବକୁ ଭୟ କରନ୍ତି ନାହିଁ । ବଂର ବିଶ୍ୱାସରେ ଆହୁରି ଆଗକୁ ଅଗ୍ରସର ହୁଅନ୍ତି । ଏହିପରି ଭାବରେ ବିଶ୍ୱାସକାରୀମାନଙ୍କୁ ଅଲ୍ଲାଃତାଲା ସତ୍‌ମାର୍ଗରେ ଅଗ୍ରସର କରାଇ ଥାଆନ୍ତି। ଉକ୍ତ ଆୟତ୍‌ରେ ଅଲ୍ଲାଃତାଲା ଏହି ନିୟମ ବିଧି ବର୍ଣ୍ଣନା କରିଛନ୍ତି ଯେ, ଯେତେବେଳେ ବି କୌଣସି ଅବତାର ଧରାପୃଷ୍ଠରେ ଜନ୍ମ ଗ୍ରହଣ କରନ୍ତି ଏବଂ ଲୋକମାନଙ୍କର ସଂସ୍କାର ଓ ସଂଶୋଧନର ପ୍ରସ୍ତାବ ଦେଇଥାଆନ୍ତି ସେତେବେଳେ ସୈତାନ୍ ସେହି ଅବତାର ମାର୍ଗରେ ବାଧା ସୃଷ୍ଟି କରିବାକୁ ଆରମ୍ଭ କରି ଦେଇଥାଏ । କିନ୍ତୁ ଏହାର ପରିଣାମ ଏହା ହୁଏ ଯେ, କପଟବିଶ୍ୱାସୀ ଏବଂ ଦୁର୍ବଳ ବିଶ୍ୱାସୀ ଲୋକମାନେ ଭିନ୍ନ ହୋଇଯାଆନ୍ତି ଏବଂ ଈଶ୍ୱର ନିଜ ସଂପ୍ରଦାୟର ଦୃଢତ୍ୱତା ଓ ଏବଂ ସେହି ସଂପ୍ରଦାୟର ମର୍ଯ୍ୟାଦାକୁ ଅହୁରି ବୃଦ୍ଧି କରିଥାଆନ୍ତି । ବର୍ତ୍ତମାନ ଉପୋରକ୍ତ ଅର୍ଥ ଉପରେ ଯଦି ବିଚାର କରାଯାଏ ତେବେ ପ୍ରାୟତଃ ଉକ୍ତ ଅର୍ଥ ସମସ୍ତ ଅବତାର ଏବଂ ବିଶେଷ କରି ହ. ମୁହମ୍ମଦ ସ.ଅଙ୍କୁ କିପରି ସୈତାନ୍‌ର ଜାଲ ଓ ସୈତାନ୍‌ର ଆକ୍ରମଣରୁ ଅଲ୍ଲାଃତାଲା ସୁରକ୍ଷିତ ରଖିଲେ । ବରଂ ଅଲ୍ଲାଃତାଲା ଏହା କହିଲେ ଯେ, ଅବତାରମାନଙ୍କର ଉପରେ ସୈତାନ୍‌ର ଆଧିପତ୍ୟ ଏବଂ କର୍ତ୍ତୃତ୍ୱ କଥା ଛାଡ଼ ସେହି ଅବତାରମାମନଙ୍କ ଠାରୁ ସୈତାନ୍ ମାଡ଼ ଖାଇଲା । ଆମେମାନେ ଯେତେବେଳେ ପବିତ୍ର କୁରଆନ୍ କରୀମ୍‌ର ଉକ୍ତ ଆୟତ୍‌କୁ ଦେଖୁ ଯେ, إِنَّ عِبَادِي لَيْسَ لَكَ عَلَيْهِمْ سُلْطَانٌ **(ସୁରାଃ ବନି ଇସ୍ରାଇଲ୍: 66)** ଅର୍ଥାତ୍ ଯେଉଁମାନେ ଅମମାନଙ୍କର ଭକ୍ତ ସେମାନଙ୍କ ଉପରେ ତୋର (ସୈତାନର) କୌଣସି ଆଧିପତ୍ୟ ଏବଂ କର୍ତ୍ତୃତ୍ୱ ରହିବ ନାହିଁ । ହେ ଆମ୍ଭର ଭକ୍ତମାନେ ତୁମ୍ଭମାନଙ୍କର ପାଳନକର୍ତ୍ତା କାର୍ଯ୍ୟ ସମ୍ପାଦନ କରିବାରେ (ତୁମମାନଙ୍କ ପକ୍ଷରେ) ଯଥେଷ୍ଟ।"

ହ. ମୁସ୍‌ଲେହ୍ ମଉଦ୍ ର.ଅ କୁହନ୍ତି; "ଉପରୋକ୍ତରେ ମୁଁ ଯେଉଁ ଅନୁବାଦ କରିଛି ତାହା ସଠିକ୍ ବୋଲି ପ୍ରମାଣିତ ହୁଏ ଏବଂ ବ୍ୟାଖ୍ୟାକାରମାନେ ଯେଉଁ ଅର୍ଥ କରିଛନ୍ତି ତାହା ଭୁଲ୍ ପ୍ରମାଣିତ ହୁଅନ୍ତି । କାରଣ କୌଣସି ଅବତାରଙ୍କ ତୁଣ୍ଡ ଉପରେ ସୈତାନର ଆଧିପତ୍ୟ ବିଶେଷ କରି ଈଶ୍ୱରବାଣୀର ଆବୃତ୍ତି ସମୟରେ ଏତେ ବଡ଼ "ସୁଲତାନ୍" (ଆଧିପତ୍ୟ) ଅଟେ ଯାହାର ଦୃଷ୍ଟାନ୍ତ ସଂସାରଲୋକରେ ଦେଖିବାକୁ ମିଳେ ନାହିଁ । ଆମେମାନେ ତ' ସାଧାରଣ ଲୋକମାନଙ୍କୁ ଦେଖିଥାଉ ଯେ, ସରକାର ସେମାନଙ୍କ ଉପରେ କେତେ ବଳ ପ୍ରୟୋଗ କରନ୍ତି ଏବଂ ସେହି ଲୋକମାନେ ସରକାରଙ୍କ ବିରୋଧରେ ସ୍ଲୋଗାନ ଓ ନାରାବାଜି କରିବାକୁ ଲାଗି ଯାଆନ୍ତି । ପୁନଶ୍ଚ ଏହା କହିବା କି ମୁହମ୍ମଦ ସ.ଅ ଯେକି ସମସ୍ତ ଅବତାରମାନଙ୍କ ଅପେକ୍ଷା ନବୀ ଶ୍ରେଷ୍ଠ ଓ ନବି ଶିରୋମଣି ଥିଲେ ସୈତାନ ତାଙ୍କ ତୁଣ୍ଡ ଉପରେ ଆଧିପତ୍ୟ ବିସ୍ତାର କରିନେଲା । **ନାଉଜୁବିଲ୍ଲାଃ** ଅଲ୍ଲାଃତାଲା ଆପଣ ସ.ଅଙ୍କ ତୁଣ୍ଡରୁ ସିର୍କମୂଳକ ବାଣୀ ନିସୃତ କରାଇଦେଲେ । ଉକ୍ତ କଥାଟି ତ' ସୁରାଃ ବନି ଇସ୍ରାଇଲ୍‌ର ଆୟତ୍ ଅଟେ ଏବଂ ଏହା ସୁରାଃ ବନି ଇସ୍ରାଇଲ୍‌ର ଆୟତ୍‌ର ଖଣ୍ଡନ କରିଥାଏ । ପବିତ୍ର କୁରଆନ୍ କରୀମ୍‌ର କୌଣସି ଆୟତ୍ ଅନ୍ୟ ଆୟତ୍‌ର ଖଣ୍ଡନ କରିପାରିବ ନାହିଁ । ସୁତରାଂ ଅଲ୍ଲାଃତାଲା କୁହନ୍ତି: أَفَلَا يَتَدَبَّرُونَ الْقُرْآنَ وَلَوْ كَانَ مِنْ عِنْدِ غَيْرِ اللَّهِ لَوَجَدُوا فِيهِ اخْتِلَافًا كَثِيرًا **(ସୁରତୁନ୍ ନିସା: 83)** ତେବେ କ'ଣ ସେମାନେ ପବିତ୍ର କୁରଆନ୍‌ର ଅନୁଧ୍ୟାନ କରୁ ନାହାନ୍ତି କି ? ବୁଝିପାରୁ ନାହାନ୍ତି ଯେ, ଏହା ଯଦି ଅଲ୍ଲାଃତାଲାଙ୍କ ବ୍ୟତୀତ ଅନ୍ୟ କାହା ତରଫରୁ ହୋଇଥାଆନ୍ତା ତେବେ ସେମାନେ ନଶ୍ଚୟ ଏଥିରେ ଅନେକ ଅସାମଞ୍ଜସ୍ୟତା ପାଇଥାଆନ୍ତେ ।"

ହ. ମୁସଲେ୍‌ହ୍ ମଉଦ୍ ର.ଅ କୁହନ୍ତି: "କେତେକ ଲୋକଙ୍କୁ ଭ୍ରମବଶତଃ ଏହା ମନେକରିବାକୁ ଲାଗି ଯାଆନ୍ତି ଯେ, ଉକ୍ତ ଆୟତ୍‌ରେ "**କସିରନ୍**"ର ଯେଉଁ ଶବ୍ଦ ରହିଛି ତାହାର ଅର୍ଥ ଏହିକି ଯେ, ଅଲ୍ଲାଃତାଲାଙ୍କ ବ୍ୟତୀତ ଅନ୍ୟମାନଙ୍କ ବାଣୀରେ ଆକାଶ ପାତାଳ ପାର୍ଥକ୍ୟ ଦେଖିବାକୁ ମିଳିଥାଏ । କିନ୍ତୁ ଅଲ୍ଲାଃତାଲାଙ୍କ ବାଣୀରେ ଅନେକ ପାର୍ଥକ୍ୟ ତଥା ତାରତମ୍ୟ ଦେଖିବାକୁ ମିଳେ ନାହିଁ । କିନ୍ତୁ ଆରବୀ ଭାଷାରେ "**କସିରନ୍**"ର ଅର୍ଥ ମହାନ୍ ମଧ୍ୟ ହୋଇଥାଏ । ଅତଏବ୍ ମୁଫ୍‌ରିଦାତ୍‌ରେ (ଏକ ପୁସ୍ତକର ନାମ) ଉଲ୍ଲେଖ ରହିଛି ଯେ, وَلَيْسَتِ الْكَثْرَةُ إِشَارَةً إِلَى الْعَدَدِ فَقَطْ بَلْ إِلَى الْفَضْلِ (ମୁଫ୍‌ରିଦାତ୍) ଅର୍ଥାତ୍ ପବିତ୍ର କୁରଆନ୍ କରୀମ୍‌ରେ କେତେକ ସ୍ଥାନରେ ଯେଉଁ ଶବ୍ଦ ପ୍ରୟୋଗ ହୋଇଛି ତାହାର କେବଳ ଏହି ଅର୍ଥ ନୁହେଁ ଯେ, ସଂଖ୍ୟାରେ ଆଧିକ୍ୟତାକୁ ବୁଝାଏ । ବରଂ ତାହାର ଅର୍ଥ ଏହିକି ଯେ, ମର୍ଯ୍ୟାଦାରେ ମଧ୍ୟ ମହାନ୍ । ପବିତ୍ର କୁରଆନ୍ କରୀମ୍‌ରେ ଏହି ମତଭେଦକୁ ସ୍ୱୀକାର କରିବା କି ଏକ ପକ୍ଷରେ ପବିତ୍ର କୁରଆନ୍ କରୀମ୍ ଏହା କୁହେ ଯେ, ମୋର ପୁଣ୍ୟବାନ୍ ଭକ୍ତମାନଙ୍କ ଉପରେ ସୈତାନ୍ ଆଧିପତ୍ୟ ବିସ୍ତାର କରିପାରିବ ନାହିଁ । ପୁନଶ୍ଚ ଅନ୍ୟ ସ୍ଥାନରେ ପବିତ୍ର କୁରଆନ୍ କରୀମ୍ ଏହା କୁହେ ଯେ, ପ୍ରତ୍ୟେକ ଅବତାର ଏବଂ ବାର୍ତ୍ତାବହଙ୍କ ଉପରେ ସୈତାନ୍ ଆଧିପତ୍ୟ ବିସ୍ତାର କରିଛି । ସୈତାନ୍ ଈଶ୍ୱରଙ୍କ ବାଣୀରେ ନିଜର ବାଣୀ ମିଶାଇ ଦେଉଥିଲା । ଏହା ବହୁତ ବଡ଼ ପାର୍ଥ୍ୟକ ଏବଂ ମତଭେଦ ଅଟେ । ଅତଏବ୍ ସୁରାଃ ନିସାର ଆୟତ୍ ଅନୁଯାୟୀ ଏହାର ଏହିପରି ଅର୍ଥ କରିବା ସଂପୂର୍ଣ୍ଣ ରୂପେ ଭୁଲ୍ ହେବ ଏବଂ ଏହା ପବିତ୍ର କୁରଆନ୍ କରୀମ୍‌ର ଶିକ୍ଷା ବିରୁଦ୍ଧୀୟ ଅଟେ । ଅନ୍ୟ ଆୟତ୍‌ର ବ୍ୟାଖ୍ୟା لَوَجَدُوا فِيهِ اخْتِلَافًا كَثِيرًا ك ଏହିକି ଯେ, ଚରିତାର୍ଥ ଦୃଷ୍ଟିକୋଣ ଅନୁଯାୟୀ ତର୍କମୂଳକ ବାକ୍ୟର ବିପରୀତ ନିଷ୍କର୍ଷ ବାହାର କରିବାକୁ ବିପରୀତାତ୍ମକବୋଧ ଅର୍ଥ ମଧ୍ୟ କୁହାଯାଏ । ଏପରି କହିବା ବୈଧ ହୋଇ ନଥାଏ । ଉଦାହରଣ ସ୍ୱରୂପ ଆମେମାନେ ଏହା କହୁ କି ଅମକ ବ୍ୟକ୍ତିର ମୁଣ୍ଡ ବହୁତ ବଡ଼ ତେବେ ଉକ୍ତ ବାକ୍ୟରୁ ଏହି ନିଷ୍କର୍ଷ ବାହାର କରିବା କଦାପି ବୈଧ ହେବୋ ନାହିଁ ଯେ, ତା'ର ପାଦ ଛୋଟ ଅଛି । ସେହିପରି ପବିତ୍ର କୁରଆନ୍ କରୀମ୍‌ର ଏହି ଦାବି ରହିଛି ଯେ, لَوْ كَانَ مِنْ عِنْدِ غَيْرِ اللَّهِ لَوَجَدُوا فِيهِ اخْتِلَافًا كَثِيرًا ଯେଉଁ ନ୍ୟାୟ ବା ବିଚାରଗୁଡ଼ିକ ସର୍ତ୍ତଭିତ୍ତିକ ଓ ସର୍ତ୍ତାଧାରିତ ଅଟନ୍ତି ତାହା ବିଚାର ଭିତ୍ତିକ ଓ ଚରିତାର୍ଥବୋଧକ ଅଟନ୍ତି । ତେଣୁ ଈଶ୍ୱରଙ୍କ ବ୍ୟତୀତ ଅନ୍ୟ ଉପାସ୍ୟଙ୍କ ବାଣୀରେ ଏହି ଅସାମଞ୍ଜସ୍ୟତା ଦେଖିବାକୁ ମିଳିଥାଆନ୍ତା । କିନ୍ତୁ ଏହାର ଅର୍ଥ ଏହା ହେବ ନାହିଁ ଯେ, ଈଶ୍ୱରଙ୍କ ବାଣୀରେ ସାମାନ୍ୟ ପାର୍ଥକ୍ୟ ଅଛି । କାରଣ ଉକ୍ତ ପରିଣାମ ଅର୍ଥାତ୍ ଉପରୋକ୍ତରେ ମୁଁ (ହ. ମସୁଲେହମ ମଉଦ୍ ର.ଅ) ଯେଉଁ ଉଦାହରଣରୁ ସ୍ୱଷ୍ଟ ଭବାରେ ପ୍ରକାଶ କିର ସାରିଛି ଯେ, ଏହିଭଳି ବିପରୀତାତ୍ମକ ଅର୍ଥବୋଧ ତାର୍କିକ ଦୃଷ୍ଟିରୁ ବୈଧ ନୁହେଁ ।

ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍‌ରେ କୁହନ୍ତି: وَلَا يَزَالُ الَّذِينَ كَفَرُوا فِي مِرْيَةٍ مِنْهُ حَتَّىٰ تَأْتِيَهُمُ السَّاعَةُ بَغْتَةً أَوْ يَأْتِيَهُمْ عَذَابُ يَوْمٍ عَقِيمٍ **(ଅବଶିଷ୍ଟାଂଶ..ପୃ-10ରେ)**

## 129ତମ ଜଲସା ସାଲାନା କାଦିୟାନ୍, ତା-27, 28, 29 ଡିସେମ୍ବର, 2024 ମସିହାରେ ଆୟୋଜିତ ହେବ

ସୟେଦିନା ହ. ଅମୀରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହ୍ ଖାମିସ୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ 129 ତମ ଜଲସା ସାଲାନା କାଦିୟାନ୍ 2024 ମସିହା ନିମନ୍ତେ ତା-27, 28, 29 ଡିସେମ୍ବର 2024 ମସିହା (ବାର-ଶୁକ୍ରବାର, ଶନିବାର ଓ ରବିବାର) ପାଇଁ ତାରିଖ ଓ ବାର ଅନୁମୋଦନ କରି ସ୍ୱୀକୃତି ପ୍ରଦାନ କରିଛନ୍ତି । ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ଅନୁରୋଧ କି ସେମାନେ ଏବେଠାରୁ ହିଁ ଦୁଆର ସହିତ ଉକ୍ତ କଲ୍ୟାଣମୂଳକ ଜଲସାରେ ସାମିଲ୍ ହେବାର ଉଦ୍ଦେଶ୍ୟ ନେଇ ପ୍ରସ୍ତୁତି ଆରମ୍ଭ କରି ଦିଅନ୍ତୁ । ଅଲ୍ଲାଃତାଲା ଉକ୍ତ ଐଶୀ ଭିତ୍ତିକ ଆଧ୍ୟାତ୍ମିକ ଜଲସାରେ ଅଧିକରୁ ଅଧିକ ଲୋକମାନଙ୍କୁ ଅଂଶ ଗ୍ରହଣ କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଯଦ୍ଦ୍ୱାରାକି ଲୋକମାନେ ଉକ୍ତ ଜଲ୍‌ସାରୁ ଉପକୃତ ହୋଇପାରିବେ । ସେହିପରି ହ. ମସିହ୍ ମଉଦ୍ ଅ.ସ ଜଲସାରେ ସାମିଲ୍ ହୋଇଥିବା ଅଂଶଗ୍ରହଣକାରୀଙ୍କ ସପକ୍ଷରେ ଯେଉଁ ଦୁଆ କରିଛନ୍ତି ଅଲ୍ଲାଃତାଲା ସେହି ସମସ୍ତ ଦୁଆକୁ ସ୍ୱୀକାର କରି ଲୋକମାନଙ୍କୁ ଆପଣ ଅ.ସଙ୍କ ଦୁଆର ପ୍ରକୃତ ଅଧିକାରୀ କରନ୍ତୁ । **ଆମିନ୍** । ସେହିପରି ଉକ୍ତ ଜଲସା ସାଲାନା ପ୍ରତ୍ୟେକ ଦୃଷ୍ଟିରୁ ସାଫଲ୍ୟମଣ୍ଡିତ ଏବଂ କଲ୍ୟାଣମୟ ହେବା ନିମନ୍ତେ ଓ ପୁଣ୍ୟାତ୍ମାମାନଙ୍କ ମାର୍ଗଦର୍ଶନର କାରଣ ହେବା ନିମନ୍ତେ ଦୁଆ ଜାରି ରଖନ୍ତୁ । ଯଜାକୁମୁଲ୍ଲାଃହୁ ତାଆଲା ଓ ଅହ୍‌ସନଲ୍ ଯଜା । ଅଲ୍ଲାଃତାଲା ଏହାର ଉତ୍ତମ ପ୍ରତିଫଳ ପ୍ରଦାନ କରନ୍ତୁ । ଆମିନ୍ । **(ନାଜିର୍ ଇସଲାହ୍ ଓ ଇର୍ଶାଦ୍ ମର୍କଜିୟାହ୍ କାଦିୟାନ୍)**

## (ଖୁତ୍‌ବା ଜୁମା)

**ନବୀ କରୀମ୍ ସ.ଅଙ୍କ ପ୍ରାଣୋତ୍ସର୍ଗୀ ସାହାବାମାନଙ୍କର ଆପଣ ସ.ଅଙ୍କ ସହିତ ପ୍ରେମ ଏବଂ ବିଶ୍ୱସ୍ତତାର ଏକ ବିଚିତ୍ରପୂର୍ଣ୍ଣ ସଂପର୍କ ରହିଥିଲା । ସେମାନେ ନିଜକୁ କିପରି ଭାବରେ ଉପସ୍ଥାପିତ କରୁଥିଲେ ଏବଂ ଅନ୍ୟ ପଟରେ ଆମେମାନେ ଏହା ଅବଲକୋନ କରୁ ଯେ, ନବୀ କରୀମ୍ ସ.ଅ ଅଛନ୍ତି ଯେକି ନିଜ ଅସ୍ତିତ୍ୱ ଉପରେ ସେମାନଙ୍କୁ (ସାହାବାମାନଙ୍କୁ) ଅଗ୍ରାଧିକ ଦେଉଥିଲେ ।**

**ଆପଣ ଏପରି ବୀର ଏବଂ ସାହସୀ ଥିଲେ ଯେ, ଆପଣ ସ.ଅ ନିଜ ପ୍ରାଣ ପ୍ରତି କୌଣସି ଭୃକ୍ଷେପ କଲେ ନାହିଁ । ଆପଣ ସ.ଅ ମଦିନାବାସୀଙ୍କ ପ୍ରତି ଚିନ୍ତିତ ଥିଲେ । ଏଥି ନିମନ୍ତେ ଆପଣ ସ.ଅ ଅନେକ ସ୍ଥାନରେ ସ୍ୱୟଂ ସାକ୍ଷାତ୍ ଉପସ୍ଥିତ ହେଉଥିଲେ । ଆପଣ ସ.ଅ କେତେବେଳେ କ'ଣ ପ୍ରକାଶ୍ୟ ରୂପେ ବିଶ୍ରାମ କରିବା ନିମନ୍ତେ ନିଜର ଶିବିର ମଧ୍ୟକୁ ଆସୁଥିଲେ । ଆପଣ ସ.ଅ ଶିବିର ମଧ୍ୟକୁ ଆସି ନିଜର ଅନେକ ସମୟକୁ ପ୍ରଭୁଙ୍କ ସମ୍ମୁଖରେ ମଥାନତ ହୋଇ ଦୁଆ କରୁଥିବାର ଦୃଶ୍ୟମାନେ ହେଉଥିଲେ ।**

ଅହଜାବ୍ ଯୁଦ୍ଧ ସମୟରେ ସମ୍ମୁଖୀନ ହୋଇଥିବା କେତେକ ଘଟଣାବଳୀର ଚର୍ଚ୍ଚା ।

**ଲଜନା ଇମାଇଲ୍ଲାଃ, ମଜଲିସ୍ ଅନସାରୁଲ୍ଲାଃ ୟୁ.କେଙ୍କୁ ବାର୍ଷିକ ଇଜତିମାରେ ନିଜର ସମୟକୁ ଦୁଆରେ ଅତିବାହିତ କରିବା ଓ ଦୁରୁଦ୍ ଶରୀଫ୍ ପାଠ କରିବା ପ୍ରତି ହୁଜୁର ଅନୱର୍ ଅ.ବଙ୍କ ଆହ୍ୱାନ ।**

**ଖୁତ୍‌ବା ଜୁମା ସୟେଦିନା ହ. ଅମୀରୁଲ୍ ମୁମିନିନ୍ ହ. ମିର୍ଜା ମସ୍‌ରୁର ଅହେମଦ୍ ଖଲିଫତୁଲ୍ ମସିହ୍ ଖାମିସ୍ ଅ.ବଙ୍କ ଦ୍ୱାରା ପ୍ରଦତ୍ତ ଖୁତ୍‌ବା 27 SEPTEMBER 2024 ମସିହା ଅନୁଯାୟୀ ୨୭/ ତୁବୁକ୍ ୧୪୦୩ ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସ୍‌ଜିଦ୍ ମୁବାରକ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ସରେ) ୟୁ.କେ ।**

ଖୁତ୍‌ବାର ଏହି ମଧ୍ୟବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍ ଲଣ୍ଡନ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତା ସହିତ ପ୍ରକାଶିତ କରାଯାଉଛି ।

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ۔ أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ۔ بِسْمِ اللّٰهِ الرَّحْمٰنِ الرَّحِيْمِ۔ اَلْحَمْدُ لِلّٰهِ رَبِّ الْعٰلَمِيْنَ۔ اَلرَّحْمٰنِ الرَّحِيْمِ۔ مٰلِكِ يَوْمِ الدِّيْنِ۔ اِيَّاكَ نَعْبُدُ وَ اِيَّاكَ نَسْتَعِيْنُ۔ اِهْدِنَا الصِّرَاطَ الْمُسْتَقِيْمَ۔ صِرَاطَ الَّذِيْنَ اَنْعَمْتَ عَلَيْهِمْ۔ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ۔

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବନିସ୍ରେହିଲ୍ ଅଜିଜ୍ କହିଲେ: ଯେପରିକି ମୁଁ ପୂର୍ବ ଖୁତ୍‌ବାରେ ଅହଜାବ୍ ଯୁଦ୍ଧ ସଂପର୍କରେ ଚର୍ଚ୍ଚା କରିଥିଲି । ହ. ମୁସ୍‌ଲେହ୍ ମଉଦ୍ ର.ଅ ମଧ୍ୟ ସେହି ପରିସ୍ଥିତି ସଂପର୍କରେ ଚର୍ଚ୍ଚା କରିଛନ୍ତି ଅର୍ଥାତ୍ ମୁସଲମାନମାନଙ୍କୁ ଅହଜାବ୍ ଯୁଦ୍ଧରେ କେଉଁ ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ିଥିଲା ? ସୁତରାଂ ଆପଣ ର.ଅ ଏସଂପର୍କରେ ସବିଶେଷ ବିବରଣୀ ପ୍ରଦାନ କରି ଦେଉଛି । ହ. ମୁସ୍‌ଲେହ୍ ମଉଦ୍ ର.ଅ କୁହନ୍ତି: "ମଦିନାର ଏକ ବିସ୍ତୃତ ଭାଗ ଖନ୍ଦକ୍ (ଗର୍ତ୍ତ) ଦ୍ୱାରା ସୁରକ୍ଷିତ ଥିଲା, ଅନ୍ୟ ପାର୍ଶ୍ୱରେ କେତେକ ପର୍ବତ ସ୍ତୂପଗୁଡ଼ିକ ରହିଥିଲା, କେତେକ ପକ୍କା ବାସ ଭବନଗୁଡ଼ିକ ରହିଥିଲା ଓ କେତେକ ଉଦ୍ୟାନଗୁଡ଼ିକ ମଧ୍ୟ ରହିଥିଲା । ତେଣୁ ସୈନ୍ୟବାହିନୀ ସହସା ଆକ୍ରମଣ କରିପାରୁ ନଥିଲା । ସୁତରାଂ ସେମାନେ ଅର୍ଥାତ୍ ଶତ୍ରୁମାନେ ପରାମର୍ଶ କରି ଏହି ପ୍ରସ୍ତାବ ଦେଲେ ଯେ, ଇହୁଦୀମାନଙ୍କର ତୃତୀୟ ସଂପ୍ରଦାୟ ଯାହାର ନାମ ବନୁ କୁରୈଜା ଥିଲା । ଏହି ସଂପ୍ରଦାୟ ମଦିନାରେ ବାସ କରୁଥିଲା। ଅତଏବ୍ ସେହି ସଂପ୍ରଦାୟକୁ କୁରୈଶ୍‌ମାନେ ନିଜ ସହିତ ମିଶାଇ ନେବା ପାଇଁ ଇଚ୍ଛା ପ୍ରକାଶ କଲେ ଓ ମିଶାଇ ମଧ୍ୟ ନେଲେ । ଏହି ସଂପ୍ରଦାୟ ମାଧ୍ୟମରେ ମକ୍କାର କୁରୈଶ୍ ମଦିନା ପର୍ଯ୍ୟନ୍ତ ପହଞ୍ଚିବାର ମାର୍ଗକୁ ଖୋଲିବା ନିମନ୍ତେ ଆଗ୍ରହ ପ୍ରକାଶ କରି କହିଲେ ହେ ବନୁ କୁରୈଜାବାସୀ ! ଦୁଆର ଖୋଲି ଦିଅ । ସୁତାରଂ ପରାମର୍ଶ ପରେ ହୁୟଇ ବିନ୍ ଅଖ୍‌ତବ୍ ଯେକି ବନୁ ନୁଜୈର୍ ସଂପ୍ରଦାୟର ନିର୍ବାସିତ ଅଧିପତି ଥିଲା, ଯାହାର ଷଡ଼ଯନ୍ତ୍ର ଏବଂ ଶତ୍ରୁତା ଯୋଗୁଁ ସମଗ୍ର ଆରବବାସୀ ଏକତ୍ରିତ ହୋଇ ମଦିନା ଉପରେ ଆକ୍ରମଣ କରିଥିଲେ । ଅବିଶ୍ୱାସକାରୀଙ୍କ ସେନାପତି ଅବୁ ସୁଫିୟାନ୍ ଉକ୍ତ କାର୍ଯ୍ୟ ନିମନ୍ତେ ନିଯୁକ୍ତ ହେଲା ଯେ, କୌଣସି ମତେ ବନୁ କୁରୈଜା ସଂପ୍ରଦାୟକୁ ନିଜ ସହିତ ସାମିଲ୍ କରିନିଆଯାଉ । ସୁତାରଂ ହୁୟଇ ବିନ୍ ଅଖ୍‌ତବ୍ ଇହୁଦୀମାନଙ୍କର ଦୁର୍ଗ ଅଭିମୁଖେ ଗଲା ଏବଂ ସେ ବନୁ କୁରୈଜା ସଂପ୍ରଦାୟର ଅଧିପତିମାନଙ୍କ ସହିତ ସାକ୍ଷାତ୍ କରିବାକୁ ଚାହିଁଲା । ପ୍ରଥମେ ପ୍ରଥମେ ଇହୁଦୀ ଅଧିପତିମାନେ ସାକ୍ଷାତ୍ କରିବାକୁ ମନା କରିଦେଲେ । କିନ୍ତୁ ଯେତେବେଳେ ହୁୟଇ ବିନ୍ ଅଖତବ୍ ସେମାନଙ୍କୁ ବୁଝାଇଲା ଯେ, ବର୍ତ୍ତମାନ ସମଗ୍ର ଆରବବାସୀ ମୁସଲମାନମାନଙ୍କୁ ଧ୍ୱଂସ ଓ ବର୍ବାଦ୍ କରିଦେବା ନିମନ୍ତେ ତତ୍ପର ହୋଇଛନ୍ତି ଏବଂ ଉକ୍ତ ବସ୍ତି ସମଗ୍ର ଆରବବାସୀଙ୍କର ମୁକାବିଲା କରିବାକୁ ସକ୍ଷମ ନୁହେଁ । ସେହିପରି ଯେଉଁ ସୈନ୍ୟବାହିନୀ ମୁସଲମାନମାନଙ୍କର ବିପକ୍ଷରେ ଛିଡ଼ା ହୋଇଛି ତାହାକୁ ସୈନ୍ୟ କୁହାଯିବ ନାହିଁ ବରଂ ତା'କୁ ସମୁଦ୍ରର କୂଳ ଲଂଘୀୟ ଢେଉ କୁହାଯିବ ଉଚିତ୍ । ସୁତରାଂ ଏହି କଥା ମାଧ୍ୟମରେ ଅବୁ ସୁଫିୟାନ୍ ବନୁ କୁରୈଜାକୁ ଶେଷ ବିଶ୍ୱାସଘାତ, ପ୍ରତିଶ୍ରୁତି ଭଙ୍ଗ ନିମନ୍ତେ ରାଜି କରାଇନେଲା । ଶେଷରେ ଏହି ନିଷ୍ପତ୍ତି ହେଲା ଯେ, ଅବିଶ୍ୱାସକାରୀଙ୍କ ସୈନ୍ୟବାହିନୀ ସମ୍ମୁଖ ଦିଗ ଦେଇ ଖନ୍ଦକ୍ (ଗର୍ତ୍ତ)କୁ ଅତିକ୍ରମ କରିବାକୁ ଉଦ୍ୟମ କରୁ । ଉକ୍ତ ସୈନ୍ୟବାହିନୀ ଯେତେବେଳେ ଖନ୍ଦକ୍ ଅତିକ୍ରମ କରିବାରେ ସଫଳ ହୋଇଗଲା ସେତେବେଳେ ବନୁ କୁରୈଜା ମଦିନାର ଦ୍ୱିତୀୟ ପାର୍ଶ୍ୱରେ ଅର୍ଥାତ୍ ଅନ୍ୟ ଦିଗ ଦେଇ ମଦିନାର ସେହି ଭାଗ ଉପରେ ଆକ୍ରମଣ କରିବାକୁ ଚାହିଁଲା ଯେଉଁଠି ମହିଳାମାନେ, ପିଲାମାନେ ଥିଲେ । ଯେଉଁମାନଙ୍କୁ ବନୁ କୁରୈଜା ଉପେରେ ଭରସା କରି ବିନା ସୁରକ୍ଷାରେ ସେମାନଙ୍କୁ ଦୁର୍ଗରେ ଛାଡ଼ି ଦିଆଯାଇଥିଲା । ଏହିପରି ଭାବରେ ମୁସଲମାନମାନଙ୍କ ବିପକ୍ଷରେ ଶକ୍ତିକୁ ସଂପୂର୍ଣ୍ଣ ରୂପେ ଦଳି ଦିଆଯିବ ସେଠାରୁ ଅର୍ଥାତ୍ ସେହି ଦିଗରୁହିଁ ଆକ୍ରଣ କରାଯାଉ । ସହସା ଗୋଟିଏ ମୁହୂର୍ତ୍ତରେ ମୁସଲମାନ ଆବାଳ ବୃଦ୍ଧ ବନୀତାମାନଙ୍କୁ ହତ୍ୟା କରିଦିଆଯାଉ। ଉକ୍ତ କଥା ସୁନିଶ୍ଚିତମୂଳକ କଥା ଯେ, ଯଦି ଉକ୍ତ ଯୋଜନାରେ ସ୍ୱଳ୍ପାଧିକ ସଫଳତା ଅବିଶ୍ୱାସକାରୀଙ୍କୁ ମିଳିଯାଏ ତେବେ ମୁସଲମାନମାନଙ୍କ ନିମନ୍ତେ ପଳାୟନ କରିବାକୁ କୌଣସି ସୁରକ୍ଷିତ ସ୍ଥାନ ଆଉ ବାକି ରହୁ ନଥିଲା । ବନୁ କୁରୈଜା ମୁସଲମାନମାନଙ୍କର ମିତ୍ର ଥିଲେ । ସେମାନେ ଯଦି ଉକ୍ତ ଯୁଦ୍ଧରେ ସାମିଲ ମଧ୍ୟ ନହୋଇ ଥାଆନ୍ତେ ତେବେ ମଧ୍ୟ ମୁସଲମାନମାନେ ଏହା ଆଶା କରିପାରି ଥାଆନ୍ତେ ଯେ, ସେମାନଙ୍କ ସହିତ ସାମିଲ୍ ହୋଇ ମଦିନା ଉପରେ କେହି ବି ଆକ୍ରମଣ କରିପାରିବ ନାହିଁ । ସେହି କାରଣରୁ ସେମାନଙ୍କ ପକ୍ଷରେ (ବନୁ କୁରୈଜା ସଂପ୍ରଦାୟ ପାଖରେ) ଥିବା ଉକ୍ତ ଭାଗଟି (ମହିଳା ଓ ପିଲାମାନଙ୍କୁ) ଅସୁରକ୍ଷିତ ଛାଡ଼ି ଦିଆଯାଇଥିଲା ।"

ବନୁ କୁରୈଜା ଏବଂ ଅବିଶ୍ୱାସକାରୀମାନେ ମଧ୍ୟ ଏହି ସ୍ଥିତିର ସମୀକ୍ଷ କରି ଏହି ନିଷ୍ପତ୍ତି ନେଇଥିଲେ ଯେ, ବନୁ କୁରୈଜା ଯେତେବେଳେ ଅବିଶ୍ୱାସକାରୀଙ୍କ ସହିତ ମିଶିଯିବେ ସେତେବେଳେ ସେମାନେ ଅବିଶ୍ୱାସକାରୀଙ୍କୁ ସାହାଯ୍ୟ ନକରନ୍ତୁ ପଛେ। କିନ୍ତୁ ଏପରି ନହେଉ ଯେ, ମୁସଲମାନ ମଦିନାର ସେହି ଦିଗର ସୁରକ୍ଷା ପ୍ରତି ମଧ୍ୟ କୌଣସି ବ୍ୟବସ୍ଥ କରି ନେବେ । ସେମାନେ (ବନୁ କୁରୈଜା) ଖୁବ୍ ସତର୍କତା ଅବଲମ୍ବନ କଲେ । ଯେଉଁ ଦିଗ ବନୁ କୁରୈଜାର ଅଞ୍ଚଳ ସହିତ ସଂଲଗ୍ନ ଥିଲା ଅର୍ଥାତ୍ ସେହି ଦିଗ ଆଡୁ଼ ଆକ୍ରମଣ ହୋଇ ନଯାଉ । ମୁସଲମାନଙ୍କ ମନରେ ଏହି ଧାରଣା ଉତ୍ପନ୍ନ ନହୋଇଯାଉ ଯେ, ବନୁ କୁରୈଜା ସଂପ୍ରଦାୟ ଅବିଶ୍ୱାସକାରୀଙ୍କ ସହିତ ମିଶି ଯାଇଛନ୍ତି । ତେଣୁ ଉକ୍ତ ଯୋଜନା ଏବଂ ଷଡ଼ଯନ୍ତ୍ରଟି ଅତ୍ୟନ୍ତ ଭୟଙ୍କର ଥିଲା। ମୁସଲମାନମାନଙ୍କୁ ଅବଚେତନ ରଖି ଏପରି କୌଣସି ସମୟରେ ବନୁ କୁରୈଜା ସଂପ୍ରଦାୟ ଶତ୍ରୁ ସହି ମିଶିଯିବ ଯେତେବେଳେ ଇସ୍‌ଲାମୀୟ ସୈନ୍ୟବାହିନୀ ଉପରେ ଅବିଶ୍ୱାସକାରୀଙ୍କ ସୈନ୍ୟବାହିନୀ ଭୟଙ୍କର ଆକ୍ରମଣ କରୁଥିବ । ମଦିନାର ସେହି ଦିଗର ସୁରକ୍ଷାକୁ ଯେଉଁ ଦିଗରେ ବନୁ କୁରୈଜା ସଂପ୍ରଦାୟର ଦୁର୍ଗଗୁଡ଼ିକ ଅବସ୍ଥିତ ଥିଲା ସଂପୂର୍ଣ୍ଣ ରୂପେ କେବଳ ଅସମ୍ଭବ ମନେ ହେଉଥିଲା ତାହା ନୁହଁ ବରଂ କେବଳ ସୁରକ୍ଷା ପ୍ରସଙ୍ଗକୁ ଅସମ୍ଭବ କରିଦିଆ ଯାଇଥିଲା । ଏହାର ତ' ପ୍ରଶ୍ନ ଉଠୁ ନାହିଁ ବରଂ ଆକ୍ରମଣର ଆଶଙ୍କା ମଧ୍ୟ ଅଧିକ ବୃଦ୍ଧି ପାଇଥିଲା । **(ଦିବାଚା ତଫସିରୁଲ୍ କୁରଆନ୍, ଅନ୍‌ୱାରୁଲ୍ ଉଲୁମ୍, ଭାଗ-20, ପୃ-247-248)**

ସେ ଯାହା ହେଉ ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେହି ପରିସ୍ଥିତରେ ମୁସଲମାନମାନଙ୍କର ଚିନ୍ତା ବ୍ୟକ୍ତି କରିବା ସ୍ୱାଭାବିକ ଥିଲା । ଏହାର ପ୍ରତିରୋଧ ନିମନ୍ତେ ଉଦ୍ୟମ ମଧ୍ୟ ଏକାନ୍ତ ଅପରିହାର୍ଯ୍ୟ ଥିଲା । ଏଥି ନିମନ୍ତେ ମଦିନାର ସୁରକ୍ଷା ନିମନ୍ତେ 500 ଜଣ ଲୋକଙ୍କୁ ନିଯୁକ୍ତ କରିବାର ନିଷ୍ପତ୍ତି ଆଁହଜରତ ସ.ଅ ନେଇଥିଲେ । ଉକ୍ତ ଘଟଣା ସଂକ୍ରାନ୍ତରେ ଜୀବନୀ ଲେଖାଳୀମାନେ ଏହି ବିବରଣୀ ପ୍ରଦାନ କରିଛନ୍ତି ଯେ, ବନୁ କୁରୈଜା ସଂପ୍ରଦାୟର ପ୍ରତିଶୃତି ଭଙ୍ଗ ଓ ଚୁକ୍ତି ଭଙ୍ଗର

ସୂଚନା ଯେତେବେଳେ ମୁସଲମାନମାନଙ୍କ ପର୍ଯ୍ୟନ୍ତ ପହଞ୍ଚିଲା ସେତେବେଳେ ସେମାନଙ୍କର ଭୟ ଆହୁରି ବୃଦ୍ଧି ପାଇଥିଲା । ମୁସଲମାନମାନଙ୍କୁ ନିଜର ମହିଳା ତଥା ପିଲାମାନଙ୍କର ଚିନ୍ତା ଘାରିଲା । ମୁସଲମାନମାନଙ୍କର ଅବସ୍ଥା ଏପରି ହୋଇଗଲା ଯେ, ଏହି ଅବସ୍ଥା ସଂକ୍ରାନ୍ତରେ ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍‌ରେ କହିଲେ, اِذۡ جَآءُوۡکُمۡ مِّنۡ فَوۡقِکُمۡ وَمِنۡ اَسۡفَلَ مِنۡکُمۡ وَاِذۡ زَاغَتِ الۡاَبۡصَارُ وَبَلَغَتِ الۡقُلُوۡبُ الۡحَنَاجِرَ وَتَظُنُّوۡنَ بِاللّٰہِ الظُّنُوۡنَا **(ଅଲ୍ ଅହଜାବ୍:11)** ଏବଂ ସେହି ସମୟକୁ ସ୍ମରଣ କର ଯେତେବେଳେ ତୁମମାନଙ୍କ ଶତ୍ରୁମାନେ ତୁମମାନଙ୍କୁ ଉର୍ଦ୍ଧ୍ୱ ଦେଶରୁ ଅର୍ଥାତ୍ ପର୍ବତ ଉପର ଭାଗରୁ ଓ ନିମ୍ନ ଦେଶରୁ ମଧ ଆକ୍ରମଣ କରିଥିଲେ ଏବଂ ଯେତେବେଳେ ଭୟରେ ତୁମମାନଙ୍କ ଚକ୍ଷୁ ବିସ୍ଫାରିତ ହୋଇଯାଇଥିଲା ଏବଂ ହୃଦୟ ପ୍ରକମ୍ପିତ ହୋଇ କଣ୍ଠ ପର୍ଯ୍ୟନ୍ତ ପହଞ୍ଚି ଯାଇଥିଲା ଏବଂ ତୁମେମାନେ ଅଲ୍ଲାଃତାଲାଙ୍କ ସଂକ୍ରାନ୍ତରେ ବିଭିନ୍ନ ପ୍ରକାରର ସନ୍ଦେହର ବଶବର୍ତ୍ତୀ ହୋଇଯାଇଥିଲ । ରସୁଲୁଲ୍ଲାଃ ସ.ଅ ଏବଂ ମୁସଲମାନମାନେ ତ' ଶତ୍ରୁ ସମ୍ମୁଖରେ ଥିଲେ ଏବଂ ବିଭିନ୍ନ ସ୍ଥାନରେ ପାଳି କରି ଖନ୍ଦକ୍ (ଗର୍ତ୍ତ) ଠାରେ ପ୍ରହରା ଦେଉଥିଲେ । ସେମାନେ ସେଠାରୁ ହଟିପାରୁ ନଥିଲେ। ଜୀବନୀ ଲେଖାଳୀମାନେ ଖନ୍ଦକ୍‌ର ଆଠଟି ସ୍ଥାନର ଚର୍ଚ୍ଚା କିରଛନ୍ତି । ଯେଉଁଠି ପ୍ରହରା ଦିଆଯାଉଥିଲା ସେହି ସମସ୍ତ ଲୋକମାନଙ୍କର ନିରୀକ୍ଷକ ହ. ଜୁବୈର୍ ବିନ୍ ଅୱାମ୍‌ଙ୍କୁ ନିଯୁକ୍ତ କରାଯାଇଥିଲା ।

ବନୁ କୁରୈଜା ସଂପ୍ରଦାୟ ବର୍ତ୍ତମାନ ଚୁକ୍ତି ମସାପ୍ତ କରି ଘେରାଉ କରିଥିବା ସଂପ୍ରଦାୟମାନଙ୍କ ସହିତ ମିଶି ଯାଇଥିଲେ ଏବଂ ସେମାନଙ୍କ ସଂପର୍କରେ ଏହି ସଚୂନା ମିଳିବାକୁ ଲାଗିଲା ଯେ, ସେମାନେ ଯେକୌଣସି ମୁହୂର୍ତ୍ତରେ ଆକ୍ରମଣ କରିଦେବେ। ଆଁହଜରତ ସ.ଅଙ୍କୁ ଯେତେବେଳେ ଏହି ସୂଚନା ମିଳିଲା ସେତେବେଳେ ଆପଣ ସ.ଅ ହ. ସଲ୍ମା ବିନ୍ ଅସ୍‌ଲମ୍ ର.ଅଙ୍କୁ 200 ଜଣ ଲୋକଙ୍କ ସମେତ ଏବଂ ହ. ଜୈଦ୍ ବିନ୍ ହାର୍‌ସା ର.ଅଙ୍କୁ 300 ଜଣ ଲୋକଙ୍କ ସହିତ ମଦିନାର ସୁରକ୍ଷା ନିମନ୍ତେ ପ୍ରେରଣ କଲେ ଏବଂ କହିଲେ, ରାତ୍ର ମସୟରେ ସେମାନେ ବିଭିନ୍ନ ସ୍ଥାନରେ ପ୍ରହରା ଦିଅନ୍ତୁ । ସେହିପରି ସମୟ ସମୟରେ ସେମାନେ ତକ୍‌ବିର୍ ଅର୍ଥାତ୍ ଅଲ୍ଲାଃହୁ ଅକବର୍‌ର ସ୍ଲୋଗାନ ଦେଉ ଥାଆନ୍ତୁ । **(ସବଲୁଲ୍ ହୁଦା ୱର୍ ରଶ୍ଵାଦ୍, ଭାଗ-4, ପୃ-363-364, ଦାରୁଲ୍ କୁତୁବୁଲ୍ ଇଲମିୟାହରୁ ଉଦ୍ଧୃତ) (ଅସ୍ ସହି ମିନ୍ ସିରତୁନ୍ ନବୀଉଲ୍ ଆଜମ୍ ସ.ଅ, ଭାଗ-10, ପୃ-288, ଅଲ୍ ମର୍କଜୁଲ୍ ଇସଲାମି, ଲଲ୍ ଦିରାସାତ୍, ବୈରୁତ୍-2006 ମସିହା)**

ହ. ସାହିବ୍‌ଜାଦା ମିର୍ଜା ବଶୀର ଅହେମଦ ସାହେବ ର.ଅ ଉକ୍ତ ପ୍ରସଙ୍ଗକୁ ଏହିପରି ଭବାରେ ବର୍ଣ୍ଣନା କରିଛନ୍ତି ଯେ, ସେତେବେଳେ ମଦିନାର ଦିଗବଳୟ ଅତ୍ୟନ୍ତ ଅନ୍ଧାକାରପୂର୍ଣ୍ଣ ଥିଲା । ସହରର ଚତୁର୍ଦ୍ଦିଗରେ ହଜାର ହଜାର ହିଂସ୍ର ଶତ୍ରୁମାନେ ଶିବିର ପକାଇ ବସିଥିଲେ । ସେମାନେ ପ୍ରତ୍ୟେକ ମସୟ ଏହି ସୁଯୋଗକୁ ଅନାଇ (ଅପେକ୍ଷା କରି) ବସିଥିଲେ ଯେ, କୌଣସି ସୁଯୋଗ ଯଦି ମିଳିଲା ତେବେ ସେମାନେ ମୁସଲମାନମାନଙ୍କ ଉପରେ ଆକ୍ରମଣ କରି ସେମାନଙ୍କର ଧ୍ୱଂସ ସାଧନ କରିଦେବେ। ସହରରେ ମୁସଲମାନମାନଙ୍କ ପାର୍ଶ୍ୱରେ ଥିବା ବିଶ୍ୱାସଘାତୀ ବନୁ କୁରୈଜା ସଂପ୍ରଦାୟ ବାସ କରୁଥିଲା । ସେହି ସଂପ୍ରଦାୟର ଶତାଧିକ ସଶସ୍ତ୍ର ଯୁବକମାନେ ନିଜ ଅସ୍ତିତ୍ୱରେ ଜଣେ ଜଣେ ବୀର ଓ ସାହସୀ ସୈନ୍ୟମାଙ୍କ ଠାରୁ କୌଣସି ଗୁଣରେ କିଛି କମ ନଥିଲେ । ଯିଏ ଯେତେବେଳେ ଚାହୁଁଥିଲା କିମ୍ବା ସୁଯୋଗ ପାଉଥିଲା ସିଏ ପଛ ପଟୁ ମୁସଲମାନମାନଙ୍କ ଉପରକୁ ଆକ୍ରମଣ କରିପାରି ଥାଆନ୍ତା । ମୁସଲମାନମାନଙ୍କର ମହିଳା ଏବଂ ଛୋଟ ପିଲାମାନେ ଯେଉଁମାନେ ସହରରେ ଥିଲେ ସେମାନେ ସବୁବେଳେ ସେମାନଙ୍କର ଶିକାର ଥିଲେ। ଏହି ସ୍ଥିତି ଏବଂ ସତ୍ୟାସତ୍ୟ ସଂପର୍କରେ କୋଣସି ବୁଦ୍ଧିମାନ ବ୍ୟକ୍ତି ନିକଟରେ ଲୁଚି ରହିପାରି ନଥିଲା । ଦୁର୍ବଳ ମୁସଲମାନମାନଙ୍କ ମନରେ ଭୀଷଣ ଭାବରେ ଉକ୍ତ ଚିନ୍ତା ଅସମଞ୍ଜସ ବା ଦ୍ୱନ୍ଦ୍ୱ ଭଳି ସ୍ଥିତ ସୃଷ୍ଟି କରିଦେଲା । କପଟବିଶ୍ୱାସୀ ସ୍ୱଭାବର ଲୋକମାନେ ତ' ଖୋଲମଖୋଲା କହିବାକୁ ଲାଗିଲେ ଯେ, مَا وَعَدَنَا اللّٰہُ وَرَسُوۡلُہٗۤ اِلَّا غُرُوۡرًا **(ଅଲ୍ ଅହଜାବ୍: 13)** ଏବଂ ସେହି ସମୟକୁ ମଧ ସ୍ମରଣ କର ଯେତେବେଳେ କପଟବିଶ୍ୱାସୀମାନେ ଓ ଯେଉଁମାନେ ହୃଦୟ ବ୍ୟାଧିଗ୍ରସ୍ତ ହୋଇଥିଲେ ସେମାନେ କହିଥିଲେ ଅଲ୍ଲାଃ ଓ ତାହାଙ୍କର ବାର୍ତ୍ତାବହ ଆମମାନଙ୍କ ସହିତ ଏକ ମିଥ୍ୟା ଅଙ୍ଗୀକାର କରିଥିଲେ । କେତେକ କପଟବିଶ୍ୱାସୀମାନେ ଆଁହଜରତ ସ.ଅଙ୍କ ସେବାରେ ଉପସ୍ଥିତ ହୋଇ କହିବାକୁ ଲାଗିଲେ ଯେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ସହରରେ ଆମମାନଙ୍କର ବାସଭବନଗୁଡ଼ିକ ଆଦୌ ସୁରକ୍ଷିତ ନୁହେଁ । ଆପଣ ସ.ଅ ଆମାମନଙ୍କୁ ଏହି ଅନୁମତି ପ୍ରଦାନ କରନ୍ତୁ ଯେ, ଆମେମାନେ ନିଜ ଘରେ ରହି ସେମାନଙ୍କର ରକ୍ଷା କରିବୁ । ପ୍ରତ୍ୟୁତ୍ତରରେ ଐଶୀବାଣୀ ଅବତୀର୍ଣ୍ଣ ହେଲା ଯେ, وَمَا ہِیَ بِعَوۡرَۃٍ ۚۛ اِنۡ یُّرِیۡدُوۡنَ اِلَّا فِرَارًا **(ଅଲ୍ ଅହଜାବ୍: 14)** ଏବଂ ସେମାନଙ୍କ ମଧ୍ୟରୁ ଗୋଟିଏ ଗୋଷ୍ଠୀ ନବୀ କରୀମ୍ ସ.ଅଙ୍କ ଠାରୁ ଏହି ଅନୁମତି ଭିକ୍ଷା କରି କହିଥିଲେ, "ଆମମାନଙ୍କ ଗୃହ ଶତ୍ରୁମାନଙ୍କ ଘେରରେ ରହିଛି । ଅଥଚ ସେଗୁଡ଼ିକ ଶତ୍ରୁ ଘେର ମଧ୍ୟରେ ନଥିଲା । ସେମାନେ କେବଳ ପଳାୟନ କରିବାକୁ ଇଚ୍ଛା ପ୍ରକାଶ କରୁଥିଲେ ।" କିନ୍ତୁ ଏହି ସମୟଟି ନୈଷ୍ଠିକ ମୁସଲମାନମାନଙ୍କ ବିଶ୍ୱାସର ପରିପ୍ରକାଶ ଥିଲା । ଅତଏବ୍ ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍‌ରେ ନିମ୍ନ ଆୟତ୍ ଅବତୀର୍ଣ୍ଣ କରି କୁହନ୍ତି; وَلَمَّا رَاَ الۡمُؤۡمِنُوۡنَ الۡاَحۡزَابَ ۙ قَالُوۡا ہٰذَا مَا وَعَدَنَا اللّٰہُ وَرَسُوۡلُہٗ وَصَدَقَ اللّٰہُ وَرَسُوۡلُہٗ ۫ وَمَا زَادَہُمۡ اِلَّاۤ اِیۡمَانًا وَّتَسۡلِیۡمًا **(ଅଲ୍ ଅହଜାବ୍: 23)** ଅତଏବ୍ ଦେଖ ଯେତେବେଳେ ପ୍ରକୃତ ବିଶ୍ୱାସକାରୀମାନେ ଅକ୍ରମଣକାରୀ ସୈନ୍ୟବାହିନୀକୁ ଦେଖିଲେ ସେତେବେଳେ ସେମାନେ କହିଲେ,"ଏମାନେ ସେହି ସୈନ୍ୟବାହିନୀ ଅଟନ୍ତି ଯାହାଙ୍କ ସଂକ୍ରାନ୍ତରେ ଅଲ୍ଲାଃ ଓ ତାହାଙ୍କ ବାର୍ତ୍ତାବହ ଆମମାନଙ୍କ ଠାରୁ ଅଙ୍ଗୀକାର ନେଇଥିଲେ ଏବଂ ଅଲ୍ଲାଃ ଓ ତାହାଙ୍କକ ରସୁଲ୍ ସଂପୂର୍ଣ୍ଣ ସତ୍ୟ କହିଥିଲେ ଏବଂ ଏହି ଘଟଣା ସେମାନଙ୍କର ବିଶ୍ୱାସ ଓ ଆନୁଗତ୍ୟତାକୁ ବର୍ଦ୍ଧିତ କରିଥିଲା ।"

ଅତଏବ୍ ଉକ୍ତ ଆକ୍ରମଣ ଦ୍ୱାରା ମଧ ସେମାନଙ୍କର ବିଶ୍ୱାସ ଏବଂ ସ୍ୱୀକୃତତା ବର୍ଦ୍ଧିତ ହୋଇଥିଲା । କିନ୍ତୁ କାଳ ଏବଂ ସ୍ଥିତିକୁ ଦେଖି ଭୟଙ୍କର ପକ୍ଷ ସଂକ୍ରାନ୍ତରେ ସମସ୍ତଙ୍କୁ ସମାନ ଭାବରେ ଜ୍ଞାତ ଥିଲା । ସୁତରାଂ ଏଥି ସଂକ୍ରାନ୍ତରେ ଅଲ୍ଲାଃତାଲା କୁହନ୍ତି: اِذۡ جَآءُوۡکُمۡ مِّنۡ فَوۡقِکُمۡ وَمِنۡ اَسۡفَلَ مِنۡکُمۡ وَاِذۡ زَاغَتِ الۡاَبۡصَارُ وَبَلَغَتِ الۡقُلُوۡبُ الۡحَنَاجِرَ وَتَظُنُّوۡنَ بِاللّٰہِ الظُّنُوۡنَا ۔ ہُنَالِکَ ابۡتُلِیَ الۡمُؤۡمِنُوۡنَ وَزُلۡزِلُوۡا زِلۡزَالًا شَدِیۡدًا **(ଅଲ୍ ଅହଜାବ୍: 11-12)** ଅର୍ଥାତ୍ ସେହି ସମୟକୁ ସ୍ମରଣ କର ଯେତେବେଳେ ତୁମମାନଙ୍କ ଶତ୍ରୁମାନେ ତୁମମାନଙ୍କ ଉପରେ ଉର୍ଦ୍ଧ୍ୱ ଦେଶରୁ ଅର୍ଥାତ୍ ପର୍ବତ ତରଫରୁ ଓ ନିମ୍ନ ଦେଶରୁ ମଧ ଆକ୍ରମଣ କରିଥିଲେ । ଯେତେବେଳେ ଭୟରେ ତୁମମାନଙ୍କ ଚକ୍ଷୁ ବିସ୍ଫାରିତ ହୋଇଯାଇଥିଲା ଏବଂ ହୃଦୟ ପ୍ରକମ୍ପିତ ହୋଇ କଣ୍ଠ ପର୍ଯ୍ୟନ୍ତ ଆସି ଯାଇଥିଲା ଏବଂ ତୁମେମାନେ ଅଲ୍ଲାଃତାଲାଙ୍କ ସଂକ୍ରାନ୍ତରେ ବିଭିନ୍ନ ପ୍ରକାରର ସନ୍ଦେହର ବଶବର୍ତ୍ତୀ ହୋଇଥିଲ । ସେତେବେଳେ ବିଶ୍ୱାସକାରୀମାନଙ୍କୁ ଦୃଢ ପରୀକ୍ଷାର ସମ୍ମୁଖୀନ କରାଯାଇଥିଲା ଅର୍ଥାତ୍ ଅଗ୍ନି ପରୀକ୍ଷାର ସମ୍ମୁଖୀନ ହେବାକୁ ପଡ଼ିଥିଲା ଏବଂ ସେମାନଙ୍କୁ ଭୀଷଣ ଭାବରେ ଦୋହଲାଇ ଦିଆଯାଇଥିଲା ।

ଏହିଭଳି ଘଡ଼ିସନ୍ଧି ତଥା ଭୟଙ୍କର ସମୟରେ ମୁସଲମାନମାନଙ୍କର ସ୍ୱଳ୍ପ ଗୋଷ୍ଠୀ ଯହିଁରେ କେତେକ ଦୁର୍ବଳ ସ୍ୱଭାବର ଲୋକମାନେ ଏବଂ କେତେକ କପଟବିଶ୍ୱାସୀମାନେ ମଧ ଅନ୍ତର୍ଭୁକ୍ତ ଥିଲେ, ସେମାନେ କ'ଣ ଲଢ଼ି ପାରିଥାଆନ୍ତେ? ସେମାନଙ୍କ ନିକଟରେ ତ' ଏତେ ସଂଖ୍ୟକ ଲୋକ ନଥିଲେ ଯେ, ଦୁର୍ବଳ ଅବସରରେ ସେମାନେ ମନୋବାଞ୍ଛିତ ପ୍ରହରାର ବ୍ୟବସ୍ଥା କରିପାରି ଥାଆନ୍ତେ । ସୁତରାଂ ଦିବାରାତ୍ର କଷ୍ଟସାଧ ଡିଉଟି ଦେବା ଯୋଗୁଁ ମୁସଲମାନମାନେ କ୍ଳାନ୍ତ ହୋଇ ପଡ଼ିଥିଲେ । ଅନ୍ୟ ପଟରେ ବନୁ କୁରୈଜା ସଂପ୍ରଦାୟର ବିଶ୍ୱାସଘାତକତା ଯୋଗୁଁ ସହରର ଗଳି କନ୍ଦିର ପ୍ରହରାକୁ ଅଧିକ ସୁଦୃଢ଼ କରିବା ନିହାତି ଆବଶ୍ୟକ ଥିଲା । ମହିଳା ଏବଂ ପିଲାମାନେ ଯେପରି ସୁରକ୍ଷିତ ରୁହନ୍ତୁ । ଅବିଶ୍ୱାସକାରୀଙ୍କ ସିପାହୀମାନେ ମୁସଲମାନମାନଙ୍କୁ ପ୍ରତ୍ୟେକ ଦୃଷ୍ଟିରୁ ହଇରାଣ କରିବା ନିମନ୍ତେ ଚେଷ୍ଟା କରୁଥିଲେ । କେତେବେଳେ ସେମାନେ ଦୁର୍ବଳ ସ୍ଥାନରେ ଆକ୍ରମଣ କରି ଏକାଠି ହୋଇଯାଉଥିଲେ ଏବଂ ମୁସଲମାନମାନେ ସୁରକ୍ଷା ନିମନ୍ତେ ସେଠାରେ ଅର୍ଥାତ୍ ସେହି ଦୁର୍ବଳ ସ୍ଥାନର ସୁରକ୍ଷା ନିମନ୍ତେ ଏକତ୍ରିତ ହେବାକୁ ଲାଗୁଥିଲେ । ଫଳତଃ ଅବିଶ୍ୱାସକାରୀମାନେ ଦିଗ ବଦଳାଇ ଅନ୍ୟ ସ୍ଥାନରେ ଆକ୍ରମଣ ଏବଂ ବଳ ପ୍ରୟୋଗ କରିଦେଉଥିଲେ। ନିରିହ ମୁସଲମାନମାନେ ଦଉଡ଼ି ଆସି ସେହି ସ୍ଥାନରେ ପହଞ୍ଚୁ ଥିଲେ । ବେଳେବେଳେ ଅବିଶ୍ୱାସକାରୀମାନେ ଏକ ସମୟରେ ଦୁଇ ତିନୋଟି ସ୍ଥାନରେ ସହସା ଆକ୍ରମଣ କରି ଦେଉଥିଲେ । ଫଳତଃ ମୁସଲମାନମାନଙ୍କର ଏକତା ଭଙ୍ଗ ହୋଇଯାଉଥିଲା ଏବଂ ମୁସଲମାନେ ବିକ୍ଷିପ୍ତ ହୋଇ ଭାଗ ଭାଗ ହୋଇଯାଉଥିଲେ। ବେଳେବେଳେ ପରିସ୍ଥିତି ଅତ୍ୟନ୍ତ ସମ୍ବେଦନଶୀଳ ହୋଇଯାଉଥିଲା ଏବଂ ଏପରି ପ୍ରତିତ ହେଉଥିଲା ଯେ, ଅବିଶ୍ୱାସକାରୀ ସୈନ୍ୟ କୌଣସି ଦୁର୍ବଳ ସ୍ଥାନର ସୁଯୋଗ ନେଇ ସହରର ସୀମା ମଧ୍ୟରେ ପ୍ରବେଶ କରିଯିବ । ସେହି ଆକ୍ରମଣର ଜବାବ ମୁସଲମାନମାନଙ୍କ ପକ୍ଷରୁ ପ୍ରାୟତଃ ତୀର ମାଧ୍ୟମରେ ଦିଯାଯାଉଥିଲା । କିନ୍ତୁ ବେଳେବେଳେ ଅବିଶ୍ୱାସକାରୀମାନଙ୍କ ସିପାହୀମାନେ ଏହି ପନ୍ଥା ଅବଲମ୍ବନ କରୁଥିଲେ ଯେ, ଗୋଟିଏ ସୈନ୍ୟବାହିନୀ ମୁସଲମାନମାନଙ୍କ ଉପରେ ତୀର ବର୍ଷଣ କରି ସେମାନଙ୍କୁ ପଛାଇ ଦେଉଥିଲା ଏବଂ ଦ୍ୱତୀୟ ସୈନ୍ୟ ଟୁକୁଡ଼ି ଆକ୍ରମଣ କରି


**ଅଲ୍ଲାଃତାଲାଙ୍କ ବାଣୀ**

"ଓମା ଅର୍‌ସଲନାକା ଇଲ୍ଲା ରହ୍‌ମତନ୍ ଲିଲ୍ ଆଲମିନ୍ ।"

(ଅଲ୍ ହଜ୍:31)

ଅର୍ଥାତ ହେ ମୁହମ୍ମଦ ସ.ଅ ଆମ୍ଭେ ତୁମକୁ ସମଗ୍ର ସଂସାରବାସୀଙ୍କ ନିମନ୍ତେ କେବଳ କରୁଣା ରୂପେ ଗଢ଼ି ପ୍ରେରଣ କରିଛୁ ।

ତାଲିବେ ଦୁଆ: Sarafat Ali Khan, S/o- Manwar Ali Khan , Jamat Ahmadiya Karadapalli (Odisha)



**ଅଲ୍ଲାଃତାଲାଙ୍କ ବାଣୀ**

"ଲନ୍ ତନାଲୁଲ୍ ବିର୍‌ରା ହତ୍ତା ତୁନ୍‌ଫିକୁ ମିମ୍ମା ତୁହିବ୍‌ବୁନ୍ ।"

(ଆଲେ ଇମ୍ରାନ୍ :93)

ଅର୍ଥାତ ଯେପର୍ଯ୍ୟନ୍ତ ତୁମେମାନେ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ନିଜର ପ୍ରିୟ ଧନକୁ ବ୍ୟୟ କରିଦେଇ ନାହଁ ସେପର୍ଯ୍ୟନ୍ତ ତୁମେମାନେ ସଂପୂର୍ଣ୍ଣ ପୁଣ୍ୟ ଲାଭ କରିପାରିବ ନାହିଁ ।

ତାଲିବେ ଦୁଆ: Sheikh Ghulam Ahmad & Family, Jamat Ahmadiya Kerang, Darul Barkat (Odisha)

ଖନ୍ଦକ୍ (ଗର୍ତ୍ତ)ର କୌଣସି ଦୁର୍ବଳ ସ୍ଥାନ ଉପରେ ଆକ୍ରମଣ କରୁଥିଲା ଏବଂ ସେହି ଗର୍ତ୍ତକୁ ଲମ୍ଫ ମାରି ଅତିକ୍ରମ କରିବାକୁ ଚେଷ୍ଟା କରୁଥିଲା । ଉକ୍ତ ଯୁଦ୍ଧ ପଦ୍ଧତି ସକାଳୁ ଆରମ୍ଭ କରି ସନ୍ଧ୍ୟା ପର୍ଯ୍ୟନ୍ତ ଜାରି ରହୁଥିଲା । କେବଳ ସନ୍ଧ୍ୟା ପର୍ଯ୍ୟନ୍ତ ନୁହେଁ ବରଂ ବେଳେବେଳେ ରାତ୍ରର ଅନେକ ପ୍ରହର ପର୍ଯ୍ୟନ୍ତ ଜାରି ରହୁଥିଲା । **(ସିରତ୍ ଖାତମୁନ୍ ନବୀୟିନ୍, ଲେଖକ-ସାହିବ୍‌ଜାଦା ମିର୍ଜା ବଶୀର୍ ଅହେମଦ ସାହେବ ଏମ୍.ଏ ର.ଅ, ପୃ-585-586)**

ଇତିହାସରେ ଏହି ଚର୍ଚ୍ଚା ମଧ୍ୟ ମିଳେ ଯେ, ଏକ ଅବସରରେ ରସୁଲୁଲ୍ଲାଃ ସ.ଅ ଗତ୍‌ଫାନ୍ ସଂପ୍ରଦାୟ ସହିତ ସନ୍ଧି ସ୍ଥାପନ କରିବା ସଂକ୍ରାନ୍ତରେ ସାହାବାମାନଙ୍କୁ ବିଶେଷ କରି ଅନ୍‌ସାରମାନଙ୍କୁ ପଚାରିଲେ । ହୁଜୁର ଅନୱର୍ ଅ.ବ କହିଲେ, ଅତଏବ୍ ଉକ୍ତ ଘଟଣାର ସବିଶେଷ ବିବରଣୀ ପ୍ରଦାନ କରି ହ. ମିର୍ଜା ବଶୀର୍ ଅହେମଦ ସାହେବ ର.ଅ ଉଲ୍ଲେଖ କରନ୍ତି ଯେ, ସେହି ଦିନ ମୁସଲମାନମାନମାନଙ୍କ ନିମନ୍ତେ ଅତ୍ୟନ୍ତ କଷ୍ଟଦାୟକ ଓ ଚିନ୍ତାଜନକ ତଥା ବିପଦଜନକ ଦିନ ଥିଲା । ଯେମିତି ଯେମିତି ଘେରାଉର ଦିନ ବୃଦ୍ଧି ପାଉଥିଲା ସେମିତି ସେମିତି ମୁସଲମାନମାନଙ୍କର ମୁକାବିଲା କରିବା ଶକ୍ତି ନିଶ୍ଚିତ ରୂପେ ଦୁର୍ବଳ ହୋଇ ଯାଉଥିଲା । ମୁସଲମାନମାନଙ୍କର ମନ ବିଶ୍ୱାସ ଓ ନିଷ୍ଠା ଦ୍ୱାରା ପରିପୂର୍ଣ୍ଣ ଥିଲା । କିନ୍ତୁ ଶରୀର ଯାହା ବସ୍ତୁବାଦୀ ସାଧନ ଭିତ୍ତିକ ନିୟମ ଅଧୀନ କାର୍ଯ୍ୟ କରୁଥିଲା ତାହା କ୍ରମଶଃ ଶିଥିଳ ଓ ଦୁର୍ବଳ ହୋଇ ଯାଉଥିଲା । ଆଁହଜରତ ସ.ଅ ଏହିସବୁ ପରିସ୍ଥିତିକୁ ଯେତେବେଳେ ଅନୁଧ୍ୟାନ କଲେ ସେତେବେଳେ ଆପଣ ସ.ଅ ଅନ୍‌ସାରମାନଙ୍କର ଅଧିପତି ସାଆଦ୍ ବିନ୍ ମୁଆଜ୍ ଓ ସାଆଦ୍ ବିନ୍ ଉବାଦାହ ର.ଅଙ୍କୁ ଡକାଇ ସେମାନଙ୍କୁ ପରିସ୍ଥିତି ସଂପର୍କରେ ଅବଗତ କଲେ ଏବଂ ସେମାନଙ୍କ ଠାରୁ ପରାମର୍ଶ ଲୋଡ଼ିଲେ ଯେ, ହେ ସାଆଦ୍ ବିନ୍ ଉବାଦାହ୍! ଏହିସବୁ ପରିସ୍ଥିତିରେ ଆମମାନଙ୍କୁ କ'ଣ କରିବା ଉଚିତ୍ ? ତତ୍‌ସହିତ ଆପଣ ସ.ଅ ନିଜ ତରଫରୁ ଏହି ଚର୍ଚ୍ଚା କରି କହିଲେ, ଯେ, ତୁମେମାନେ ଯଦି ଚାହଁ ତେବେ ଏପରି ହୋଇ ପାରିବ । ଅର୍ଥାତ୍ ବନୁ ଗତ୍‌ଫାନ୍ ସଂପ୍ରଦାୟକୁ ମଦିନାର କର (Tax) ମଧ୍ୟରୁ କିଛି କର ଏବଂ କିଛି ଅଂଶ ଦେଇ ଉକ୍ତ ଯୁଦ୍ଧକୁ ଟଳାଇ ଦିଆଯାଉ। ସାଆଦ୍ ବିନ୍ ମୁଆଜ୍ ଓ ସାଆଦ୍ ବିନ୍ ଉବାଦାହ୍ ର.ଅ ଏକ ସ୍ୱର ହୋଇ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ସ.ଅଙ୍କୁ ଯଦି ଏଥି ସଂକ୍ରାନ୍ତରେ ଐଶୀବାଣୀ ହୋଇଛି ତେବେ ଆମେମାନ ଆପଣ ସ.ଅଙ୍କ ସମ୍ମୁଖରେ ନତମସ୍ତକ ଅଛୁ । ଏଭଳି ସ୍ଥିତିରେ ଆପଣ ସ.ଅ ନିଃସନ୍ଦେହ ଆନନ୍ଦର ସହକାରେ ଉକ୍ତ ପ୍ରସ୍ତାବ ଅନୁଯାୟୀ ପଦକ୍ଷେପ ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ । ଆପଣ ସ.ଅ କହିଲେ, ନାହିଁ ନାହିଁ । ମୋତେ ଏ ସଂପର୍କରେ କୌଣସି ଐଶୀବାଣୀ ହୋଇ ନାହିଁ । ମୁଁ ତ' କେବଳ କଷ୍ଟ ଏବଂ ସମସ୍ୟା ଯୋଗୁଁ ଆପଣମାନଙ୍କ ଠାରୁ ପ୍ରସ୍ତାବ ଓ ପରାମର୍ଶ ଲୋଡୁଛି । ସାଆଦୈନ୍ ଅର୍ଥାତ୍ ସାଆଦ୍ ବିନ୍ ମୁଆଜ୍ ଏବଂ ସାଆଦ୍ ବିନ୍ ଉବାଦହ୍ ର.ଅ ଉତ୍ତର ରଖିଲେ ଯେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ତାହାହେଲେ ଆମମାନଙ୍କର ଏହି ପରାମର୍ଶ ରିହଛି ରହିଛି ଯେ, ଆମେମାନେ ଯେତେବେଳେ ସିର୍କ ଅବସ୍ଥାରେ ଥିଲୁ ସେତେବେଳେ ଆମେ କେବେ କୌଣସି ଶତ୍ରୁକୁ କିଛି ଦେଇ ନାହୁଁ ଓ ଆଜି ମୁସଲମାନ ହୋଇ କାହିଁକି ଦେବୁ ବା ? ୱଲ୍ଲାଃ (ଅର୍ଥାତ୍ ଈଶ୍ୱରଙ୍କ ଶପଥ କରି କହୁଛୁ) ଆମେମାନେ ଶତ୍ରୁକୁ ଖଡ୍‌ଗର ଦାଢ ବ୍ୟତୀତ ଅନ୍ୟ କିଛି ଦେବୁ ନାହିଁ ।" ବର୍ତ୍ତମାନ କେବଳ ଯୁଦ୍ଧ ଓ ଯୁଦ୍ଧ ହେବ । ଆଁହଜରତ ସ.ଅ ଯଦିଚ ଅନ୍‌ସାର୍‌ମାନଙ୍କ ପ୍ରତି ଚିନ୍ତିତ ଥିଲେ। କାରଣ ଅନ୍‌ସାର୍‌ମାନେ ଯେଉଁମାନେ ମଦିନାର ମୂଳ ବାସିନ୍ଦା ଥିଲେ ଏବଂ ସମ୍ଭବତଃ ଉକ୍ତ ପରାମର୍ଶରେ ଆପଣ ସ.ଅଙ୍କର ଅଭିପ୍ରାୟ ମଧ୍ୟ କେବଳ ଏହା ହିଁ ଥିଲା ଯେ, ଅନସାରମାନଙ୍କର ମାନିସିକ ଅବସ୍ଥା ସଂପର୍କରେ ଜ୍ଞାତ କରିବା ଅର୍ଥାତ୍ ଜାଣିବା । ଅର୍ଥାତ୍ ସେମାନେ ଏହି ବିପତ୍ତିରୁ ଚିନ୍ତିତ ନାହାନ୍ତି ତ' ? ଯଦି ସେମାନେ ଚିନ୍ତିତ ଅଟନ୍ତି ତେବେ ସେମାନଙ୍କୁ ଆପଣ ସାନ୍ତ୍ୱନା ଦେବେ । ସେଇଥି ପାଇଁ ଆପଣ ସ.ଅ ପୂର୍ଣ୍ଣ ଆନନ୍ଦର ସହକାରେ ସେମାନଙ୍କର ଉକ୍ତ ପରାମର୍ଶକୁ ସ୍ୱୀକାର କଲେ । ଅର୍ଥାତ୍ ହ. ସାଆଦୈନଙ୍କ (ସାଆଦ୍ ବିନ୍ ମୁଆଜ୍ ର.ଅ ଓ ସାଆଦ୍ ବିନ୍ ଉବାଦାହ୍ ର.ଅ) ମତାମତକୁ ଏବଂ ଯୁଦ୍ଧ ଜାରି ରହିଲା । **(ସିରତ୍ ଖାତମୁନ୍ ନବୀୟିନ୍, ଲେଖକ-ସାହିବ୍‌ଜାଦା ମିର୍ଜା ବଶୀର୍ ଅହେମଦ ସାହେବ ଏମ୍.ଏ ର.ଅ, ପୃ-589-590)**

ହୁଜୁର ଅନୱର୍ ଅ.ବ କହିଲେ, ଯେପରିକି ପୂର୍ବେ ମଧ୍ୟ ବର୍ଣ୍ଣିତ ହୋଇ ସାରିଛି ଯେ, ଖନ୍ଦକ୍ ଏକ ଦୃଢ ଏବଂ ଶକ୍ତିଶାଳୀ ପ୍ରାଚୀର ରୂପେ କାର୍ଯ୍ୟ କରୁଥିଲା । କିନ୍ତୁ ଏହାର ଅର୍ଥ ଏହା ନୁହେଁ ଯେ, ମୁସଲମାନମାନେ ସଂପୂର୍ଣ୍ଣ ରୂପେ ସୁରକ୍ଷିତ ଏବଂ ଶାନ୍ତିରେ ଥିଲେ । ପ୍ରଥମତଃ କପଟବିଶ୍ୱାସୀମାନେ ଏବଂ ବିଶେଷ କରି ବନୁ କୁରୈଜା ଭଳି ଯୋଦ୍ଧାମାନେ ମଦିନା ମଧ୍ୟରେ ଉପସ୍ଥିତ ଥିଲେ ଏବଂ ଚୁକ୍ତି ସମାପ୍ତ କରିବା ପରେ ସେମାନେ ଏକ ଭୟଙ୍କର ଶତ୍ରୁ ରୂପେ ଉଭା ହୋଇଥିଲେ । ଅନ୍ୟ ପଟରେ ଖନ୍ଦକ ସତ୍ତ୍ୱେ କେତେକ ସ୍ଥାନ ଏପରି ମଧ୍ୟ ଥିଲା ଯେ, ସେଠାରେ ଶତ୍ରୁର ଆକ୍ରମଣର ଆଶଙ୍କା ଅଧିକ ରହିଥିଲା । ସେହି ସ୍ଥାନରେ ଶତ୍ରୁ ଗର୍ତ୍ତକୁ ଅତିକ୍ରମ କରି ଭିତରକୁ ପଶି ଆସିବାର ସମ୍ଭାବନା ଯଥେଷ୍ଟ ରହିଥିଲା । ଉକ୍ତ ବ୍ୟସ୍ତ ବିବ୍ରତମୂଳକ ବା ଉଦବିଗ୍ନମୂଳକ ସ୍ଥିତିକୁ ଦୃଷ୍ଟିରେ ରଖି ନାନା ସ୍ଥାନରେ ପ୍ରହରା ଦିଆଯାଉଥିଲା। ଉକ୍ତ ପ୍ରହରାରେ ନବୀ କରୀମ୍ ସ.ଅ ମଧ୍ୟ ସାକ୍ଷାତ୍ ସାମିଲ୍ ଓ ଉପସ୍ଥିତ ହେଉଥିଲେ। ଆପଣ ସ.ଅ ସ୍ୱୟଂ ନିରୀକ୍ଷଣ ମଧ୍ୟ କରୁଥିଲେ ଏବଂ ସାହାବାମାନଙ୍କୁ ସାନ୍ତ୍ୱନା ଓ ଉତ୍ସାହିତ ମଧ୍ୟ କରୁଥିଲେ । ଏହି ସମସ୍ତ କାର୍ଯ୍ୟ ଦିନରେ ଓ ରାତିରେ ମଧ୍ୟ ଜାରି ରହିଥିଲା । ମଦିନାର ଏହି ରାତ୍ର ଅତ୍ୟନ୍ତ ହାଡ଼ଭଙ୍ଗା ଶୀତରାତି ଥିଲା । ଶୀତକୁ ବାଦ୍‌ଦେଲେ କ୍ଷୁଧା (ଭୋକ) ଅନ୍ୟ ଏକ ସମସ୍ୟା ଥିଲା ।

ହ. ଆଏଶା ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲ୍ କରୀମ୍ ସ.ଅ ଖନ୍ଦକ୍‌ର (ଗର୍ତ୍ତର) ମଧ୍ୟବର୍ତ୍ତୀ ଭାଗ ପର୍ଯ୍ୟନ୍ତ ପ୍ରହରା ଦେବା ନିମନ୍ତେ ଯାଉଥିଲେ । ଆପଣ ସ.ଅଙ୍କୁ ଯେତେବେଳେ ଶୀତ କଷ୍ଟ ଦେଉଥିଲା ସେତେବେଳେ ଆପଣ ସ.ଅ ମୋ ପାଖକୁ (ହ. ଆଏଶା ର.ଅଙ୍କ ପାଖକୁ) ଚାଲି ଆସୁଥିଲେ ଏବଂ ଯେତେବେଳେ ଆପଣ ସ.ଅଙ୍କ ଶରୀର ଉଷ୍ମମ ହୋଇଯାଉଥିଲା ସେତେବେଳେ ଆପଣ ସ.ଅ ପୁନଃ ଖନ୍ଦକର ମଧ୍ୟବର୍ତ୍ତୀ ଭାଗକୁ ପ୍ରସ୍ଥାନ କରୁଥିଲେ ଏବଂ ଆପଣ ସ.ଅ କହୁଥିଲେ ଯେ, ହେ ସାହାବାମାନେ ! ମୁଁ ଆଶଙ୍କା କରୁଛି ଯେ, ଶତ୍ରୁ ଏହି ମାର୍ଗ ଦେଇ ଆସି ପାରିବ। ହ. ଆଏଶା ର.ଅ ବର୍ଣ୍ଣନା କରନ୍ତି ଯେ, ଦିନେ ହୁଜୁର୍ ସ.ଅ ଏହିପରି ବିଶ୍ରାମ ନେଉଥିଲେ ଏବଂ ଆପଣ ସ.ଅ ଏତେ କ୍ଳାନ୍ତ ହୋଇପଡ଼ିଥିଲେ ଯେ, ଆପଣ ସ.ଅ କହିଲେ, ଏପରି ହୁଅନ୍ତା କି କେହି ପୁଣ୍ୟବାନ ବ୍ୟକ୍ତି ଆଜି ରାତିରେ ମୋ ବଦଳରେ ଉକ୍ତ ସ୍ଥାନର ପ୍ରହରା ଦେଇ ଦିଅନ୍ତା ! ସୁତରାଂ ଆପଣ ସ.ଅ ଯେତେବେଳେ ସେହି ଦିନ ଉକ୍ତ କହିଥିଲେ ସେହି ଦିନ ଆପଣ ସ.ଅଙ୍କୁ ଅସ୍ତ୍ର ଶସ୍ତ୍ରର ଶବ୍ଦ ଶୁଭିଥିଲା । ରସୁଲୁଲ୍ଲାଃ ସ.ଅ ପଚାରିଲେ କିଏ ଅଛ ? ତେବେ ସାଆଦ୍ ବିନ୍ ଅବି ୱକ୍କାସ ର.ଅ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୁଁ ସାଆଦ୍ ଅଟେ । ଆପଣ ସ.ଅଙ୍କ ସକାଶେ ଉକ୍ତ ସ୍ଥାନରେ ପ୍ରହରା ଦେବା ନିମନ୍ତେ ଆସିଛି । ତେବେ ଆପଣ ସ.ଅ ନିଜର ସୁରକ୍ଷା ପରିବର୍ତ୍ତେ ହ. ସାଆଦ୍ ର.ଅଙ୍କୁ କହିଲେ, ହେ ସାଆଦ୍ ! ତୁମେ ଅମକ ସ୍ଥାନକୁ ଚାଲିଯାଅ । ସେଠାରେ ଗର୍ତ୍ତର ଗୋଟିଏ ଅଂଶ ଦୁର୍ବଳ ରହିଛି । ତେଣୁ ତୁମେ ସେଠାକୁ ଯାଇ ପ୍ରହରା ଦିଅ । ନବୀ କରୀମ୍ ସ.ଅଙ୍କ ପ୍ରାଣୋତ୍ସର୍ଗୀ ସାହାବାମାନେ ମଧ୍ୟ ଆପଣ ସ.ଅଙ୍କ ସହିତ ପ୍ରେମ ଓ ବିଶ୍ୱସ୍ତତାର ବଡ଼ ବିଚିତ୍ରପୂର୍ଣ୍ଣ ଅବସ୍ଥା ରହିଥିଲା। ସାହାବାମାନେ କିପରି ନିଜକୁ ଉପସ୍ଥାପିତ କରୁଛନ୍ତି ଓ ଅନ୍ୟ ପଟରେ ଆମେମାନେ ଏହା ଅବଲୋକନ କରୁ ଯେ, ନବୀ କରୀମ୍ ସ.ଅ ଅଟନ୍ତି ଆପଣ ସ.ଅ ନିଜ ଅସ୍ତିତ୍ୱ ଉପରେ ସେହି ସମସ୍ତ ସାହାବାମାନଙ୍କୁ ପ୍ରାଧାନ୍ୟ ତଥା ଅଗ୍ରାଧିକାର ପ୍ରଦାନ କରୁଥିଲେ । ଆପଣ ସ.ଅ ଏପରି ବୀର ଓ ସାହାସୀ ଥିଲେ ଯେ, ଆପଣ ସ.ଅ ନିଜ ପ୍ରାଣ ପ୍ରତି ଚିନ୍ତା କଲେ ନାହିଁ । ବରଂ ଆପଣ ସ.ଅ ମଦିନାବାସୀଙ୍କ ପ୍ରତି ଚିନ୍ତିତ ଥିଲେ । ଏଥି ପାଇଁ ଆପଣ ସ.ଅ ସ୍ୱୟଂ ସ୍ଥାନେ ସ୍ଥାନେ ଉପସ୍ଥିତ ହେଉଥିଲେ ତ' ଆଉ କେଉଁଠି ଆପଣ ସ.ଅ ବିଶ୍ରାମ କରିବା ନିମନ୍ତେ ନିଜ ଶିବିର ମଧ୍ୟକୁ ଆସୁଥିଲେ। ତେବେ ଏହାର ଅଧିକାଂଶ ଭାଗ ଆପଣ ସ.ଅ ଈଶ୍ୱରଙ୍କ ସମ୍ମୁଖରେ ମଥାନତ ହୋଇ ଦୁଆ କରୁଥିବାର ଦୃଶ୍ୟମାନ ହେଉଥିଲା । ସୁତରାଂ ହ. ଉମ୍ମେ ସଲ୍‌ମା ର.ଅ ବର୍ଣ୍ଣନା କରନ୍ତି ଯେ, ସେ ରସୁଲୁଲ୍ଲାଃ ସ.ଅଙ୍କ ସହିତ ଖନ୍ଦକ୍ ଅବସରରେ ଉପସ୍ଥିତ ଥିଲେ ଏବଂ ଆମମାନଙ୍କୁ ସେତେବେଳେ ବହୁତ ଶୀତ ଅନୁଭୂତ ହେଉଥିଲା । ଦିନେ ମୁଁ ରାତ୍ର ସମୟରେ ଦେଖିଲି ଯେ, ଆପଣ ସ.ଅ ଛିଡ଼ା ହୋଇ ନିଜ ଶିବିର ମଧ୍ୟରେ ଯେତେ ଚାହିଁଲେ (ମନ ଇଚ୍ଛା) ସେତେ ନମାଜ ପାଠ କଲେ। ଅର୍ଥାତ୍ ଯଥା ସମୟ ଓ ଯଥାସାଧ୍ୟ ପର୍ଯ୍ୟନ୍ତ ଦୀର୍ଘ ନମାଜ ପାଠ କଲେ । ପୁନଶ୍ଚ ଆପଣ ସ.ଅ ଯେତେବେଳେ କିଛି ଦେଖୁଥିଲେ ସେତେବେଳେ ଆପଣ ସ.ଅ ଶିବିର ବାହାରକୁ ବାହାରି ଆସୁଥିଲେ। ପୁନଶ୍ଚ ମୁଁ ଆପଣ ସ.ଅଙ୍କୁ ଏହା କହୁଥିବାର ଶୁଣିଲି ଯେ, ହେ ସାହାବାମାନେ ଅବିଶ୍ୱାସକାରୀଙ୍କର ଏହି ଅଶ୍ୱାରୋହୀମାନେ ଖନ୍ଦକକୁ ଅତିକ୍ରମ କରିବା ନିମନ୍ତେ ଉଦ୍ୟମ କରୁଛନ୍ତି । ପୁନଶ୍ଚ ଅବ୍ବାଦ୍ ବିନ୍ ବିଶର ର.ଅଙ୍କୁ ଯେତେବେଳେ ଆଁହଜରତ ସ.ଅ ଡାକ ମାରିଲେ ସେତେବେଳେ ସେ କହିଲେ, ଲବ୍ବୈକ୍ (ଆଜ୍ଞା ଆଁହଜରତ ସ.ଅ ମୁଁ ଉପସ୍ଥିତ ଅଛି) ଆପଣ ସ.ଅ ପଚାରିଲେ, ହେ ବିଶର୍ ! ତୁମ ସହିତ ଆଉ କେହି ଅଛନ୍ତି କି ? ସେ କହିଲେ ଆଜ୍ଞା ହଁ ! ମୋ ସହିତ ମୋର କିଛି ସାଥିମାନେ ଅଛନ୍ତି । ସେମାନେ ଆପଣ ସ.ଅଙ୍କ ଶିବିର ଆଖପାଖରେ ପ୍ରହରା ଦେଉଛନ୍ତି । ଆପଣ ସ.ଅ କହିଲେ,

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ପ୍ରାଣୀମାନଙ୍କ ପ୍ରତି ସହାନୁଭୂତି ଓ ସମବେଦନା ଜ୍ଞାପନ କରିବା ଏଭଳି ଏକ ବସ୍ତୁ ଯେ, ଯଦି ମନୁଷ୍ୟ ତାହାକୁ ପରିତ୍ୟାଗ କରିଦିଏ ଏବଂ ତହିଁରୁ ଦୂରେଇ ଯାଏ ତେବେ କ୍ରମଶଃ ସେ ହିଂସ୍ର ପ୍ରାଣୀରେ ପରିଣତ ହୋଇଯାଏ ।"

(ମଲଫୁଜାତ୍, ଖଣ୍ଡ-7, ପୃ-282, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Mohammad Moin, S/o- Mohammad Majid, Jamat Ahmadiya Karadapalli (Odisha)

**ନବୀ ସ.ଅଙ୍କ ବାଣୀ:-**

**"ଇଜ୍‌ତନିବୁଲ୍ ଗଜିବା"** ଅର୍ଥାତ କ୍ରୋଧରୁ ସର୍ବଦା ବର୍ତ୍ତିବା ଉଚିତ୍, କାରଣ କ୍ରୋଧ ହେଉଛି ମଣିଷର ପରମ ଶତ୍ରୁ ।

ତାଲିବେ ଦୁଆ: Sk Deedar Ahmed & Family,
Jamat Ahmadiya Kerang,
Darul Fazal (Odisha)

ହେ ବିଶର ! ତୁମେ ନିଜ ସାଥିମାନଙ୍କୁ ନେଇ ଖନ୍ଦକ୍ (ଗର୍ତ୍ତ)ର ପରିକ୍ରମା କର । ଏହି ଅବିଶ୍ୱାସକାରୀ ଅଶ୍ୱାରୋହୀମାନେ ଗର୍ତ୍ତର ପରିକ୍ରମା କରୁଛନ୍ତି। ସେମାନେ ଏହା ଚାହୁଁଛନ୍ତି ଯେ, ତୁମେମାନେ ଅବଚେତନ ହୋଇଯାଅ । ତା' ପେର ସେମାନେ ତୁମ ଉପରେ ଆକ୍ରମଣ କରିଦେବେ । ହ. ବିଶର୍ ର.ଅ କହିଲେ, اَللّٰهُمَّ فَادْفَعْ عَنَّا شَرَّهُمْ، وَانْصُرْنَا عَلَيْهِمْ، وَاغْلِبْهُمْ، فَلَا يَغْلِبُهُمْ اَحَدٌ غَيْرُكَ ଅର୍ଥାତ୍ ହେ ଅଲ୍ଲାଃ ! ଆମ ଠାରେ ଏହି ଅବିଶ୍ୱାସକାରୀମାନଙ୍କର ଉପଦ୍ରବ ଓ ଅନିଷ୍ଟତାକୁ ଦୂର କରିଦିଅ ଏବଂ ସେମାନଙ୍କ ବିରୁଦ୍ଧରେ ଆମମାନଙ୍କୁ ସାହାଯ୍ୟ କର । ଏମାନଙ୍କୁ ପରାସ୍ତ କରିଦିଅ। ତୁମ୍ଭ ବ୍ୟତୀତ ଏମାନଙ୍କୁ ଆଉ କେହି ପରାସ୍ତ କରିପାରିବ ନାହି । ଅବ୍ବାଦ୍ ନିଜର ସାଥିମାନଙ୍କ ସହିତ ସେହି ସ୍ଥାନକୁ ଯେତେବେଳେ ଗଲେ ସେତେବେଳେ ଅବୁ ସୁଫିୟାନ୍ ହର୍ବ ନିଜର ସାଥିମାନଙ୍କ ସହିତ ଖନ୍ଦକ୍ର ସଂକୀର୍ଣ୍ଣ ସ୍ଥାନର ପରିକ୍ରମା କରୁଥିଲା । ମୁସଲମାନମାନଙ୍କୁ ଯେତେବେଳେ ଉକ୍ତ ଘଟଣା ସଂକ୍ରାନ୍ତରେ ସୂଚନା ପ୍ରାପ୍ତ ହେଲା ସେତେବେଳେ ମୁସଲମାନମାନେ ସେମାନଙ୍କ ଉପରେ ଟେକା ପଥର ଓ ତୀର ବର୍ଷଣ କରିବାକୁ ଆରମ୍ଭ କରିଦେଲେ । ଯଦ୍ଦ୍ୱାରାକି ଅବୁ ସୁଫିୟାନ ଓ ତା'ର ସାଥିମାନେ ନିଜ ସ୍ଥାନକୁ ଫେରିଗଲେ । ଅର୍ଥାତ୍ ଶତ୍ରୁ ସେଠାରୁ ଫେରି ଆସିଲା । ହ. ଅବ୍ବାଦ୍ ର.ଅ ବର୍ଣ୍ଣନା କରନ୍ତି ଯେ, ମୁଁ ରସୁଲୁଲ୍ଲାଃ ସ.ଅ ଙ୍କ ସେବାରେ ଫେରି ଆସିଲି ଏବଂ ଉପସ୍ଥିତ ହେଲି । ମୁଁ ଦେଖିଲି ଯେ, ଆପଣ ସ.ଅ ନମାଜ ପାଠ କରୁଛନ୍ତି। ମୁଁ ଉକ୍ତ ଘଟଣା ସଂପର୍କରେ ଆପଣ ସ.ଅଙ୍କୁ ସୂଚନା ପ୍ରଦାନ କଲି । ହ. ଉମ୍ମେ ସଲ୍ମା ର.ଅ ବର୍ଣ୍ଣନା କରନ୍ତି ଯେ, ଅଲ୍ଲାଃତାଲା ଅବ୍ବାଦ୍ ବିନ୍ ବିଶର୍ଙ୍କ ଉପରେ ଦୟାବତୀର୍ଣ୍ଣ କରନ୍ତୁ । ହ. ଅବ୍ବାଦ୍ ବିନ୍ ବିଶର୍ ର.ଅ ସମସ୍ତ ସାହାବାମାନଙ୍କ ମଧ୍ୟରୁ ସର୍ବାଧିକ ରୂପେ ଆଁହଜରତ ସ.ଅଙ୍କ ସହିତ ଆପଣ ସ.ଅଙ୍କ ଶିବିରରେ ରହୁଥିଲେ ଓ ସର୍ବଦା ଆପଣ ସ.ଅଙ୍କ ପ୍ରହରା ଦେଉଥିଲେ । **(ସବ୍ଲୁଲ୍ ହୁଦା ୱର୍ ରଶ୍ଶାଦ୍, ଭାଗ-4, ପୃ-374-375, ଦାରୁଲ୍ କୁତୁବୁଲ୍ ଇଲମିୟାହ୍ ବୈରୁତ୍)**

ହ. ମୁସ୍ଲେହ୍ ମଉଦ୍ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲୁଲ୍ଲାଃ ସ.ଅଙ୍କ ସାହସିକତା ଏବଂ ମୁସଲମାନଙ୍କ ହିତୈଷୁର ଏହି ଅବସ୍ଥା ଥିଲା କି ଆପଣ ସ.ଅ ଶୀତ ରାତ୍ରରେ ଉଠି ସେହି ସ୍ଥାନକୁ ଯାଉଥିଲେ ଏବଂ ସେହି ସ୍ଥାନରେ ପ୍ରହରା ଦେଉଥିଲେ । ହ. ଆଏଶା ର.ଅ ବର୍ଣ୍ଣନା କରନ୍ତି ଯେ, ଆପଣ ସ.ଅ ପ୍ରହରା ଦେଇ ଦେଇ ଅତ୍ୟନ୍ତ କ୍ଳାନ୍ତ ହୋଇ ପଡୁଥିଲେ ଏବଂ ଶୀତ ଯୋଗୁଁ ଆପଣ ସ.ଅ ଯେତେବେଳ ଥକି ପଡୁଥିଲେ ସେତେବେଳେ ଆପଣ ଫେରି ଆସି କିଛି ସମୟ ପାଇଁ ମୋ ସହିତ ବିଛଣା (ଶେଯ)ରେ ଶୋଇ ପଡୁଥିଲେ । କିନ୍ତୁ ଶରୀର ଉଷ୍ମ ହେବା ମାତ୍ରେ ଆପଣ ସ.ଅ ପୁନଃ ଗର୍ତ୍ତ ମଧ୍ୟବର୍ତ୍ତୀ ଭାଗର ସୁରକ୍ଷା ନିମନ୍ତେ ଚାଲି ଯାଉଥିଲେ । ଏହିପରି ଭାବରେ ଅହରହ ଉଜାଗର ରହିବା ଦ୍ୱାରା ଆପଣ ସ.ଅ ଦିନେ ସଂପୂର୍ଣ୍ଣ କ୍ଳାନ୍ତ ହୋଇ ପଡ଼ିଲେ ଏବଂ ରାତ୍ର ସମୟରେ କହିଲେ, ଏମିତି ହୁଅନ୍ତା କି କେହି ଜଣେ ନୈଷ୍ଠିକ ମୁସଲମାନ ବ୍ୟକ୍ତି ସେହି ସ୍ଥାନରେ ପ୍ରହରା ଦିଅନ୍ତା ଏବଂ ମୁଁ ଟିକିଏ ବିଶ୍ରାମ ନେଇ ଥାଆନ୍ତି । ସୁତରାଂ ଠିକ୍ ସେହି ସମୟରେ ବାହାରୁ ହ. ସାଆଦ୍ ବିନ୍ ୱକ୍କାସ୍ ର.ଅଙ୍କ ସ୍ୱର ଶୁଭିଲା । ଆପଣ ସ.ଅ ପଚାରିଲେ ହେ ସାଆଦ୍ ! କାହିଁକି ଆସିଛ ? ସେ ଉତ୍ତର ଦେଲେ ଯେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ସ.ଅଙ୍କ ନିମନ୍ତେ ମୁଁ ଏଠାକୁ ପ୍ରହରା ଦେବା ନିମନ୍ତେ ଆସିଛି । ଆପଣ ସ.ଅ କହିଲେ, ହେ ସାଆଦ୍! ମୋତେ ପ୍ରହରାର ଆବଶ୍ୟକତା ନାହିଁ । ତୁମେ ଅମକ ସ୍ଥାନକୁ ଯେଉଁଠି ଗର୍ତ୍ତର କଡ଼ ବା ପାର୍ଶ୍ୱ ଭାଙ୍ଗି ଯାଇଛି ସେଇଠିକି ଯାଅ ଓ ସେଠାରେ ଯାଇ ପ୍ରହରା ଦିଅ । କାରଣ ମୁସଲମାନମାନେ ଯେପରି ସୁରକ୍ଷିତ ରୁହନ୍ତୁ । ସୁତରାଂ ହ. ସାଆଦ୍ ର.ଅ ସେହି ସ୍ଥାନକୁ ପ୍ରହରା ଦେବା ନିମନ୍ତେ ଚାଲିଗଲେ ଏବଂ ଆପଣ ସ.ଅ ଶୋଇ ପଡ଼ିଲେ। (ଉକ୍ତ କଥାଟି ବଡ଼ ବିଚିତ୍ର କଥା) ଏହାର ସ୍ପଷ୍ଟୀକରଣ ଏକ ସ୍ଥଳେ ଏହିପରି କରାଯାଇଛି ଯେ, ଯେତେବେଳେ ଆପଣ ସ.ଅ ପ୍ରାରମ୍ଭିକ ପର୍ଯ୍ୟାୟରେ ମଦିନାକୁ ଆସିଲେ ଏବଂ ବିପଦର ଆଶଙ୍କା ବୃଦ୍ଧି ପାଇଥିଲା ସେତେବେଳେ ମଧ୍ୟ ହ. ସାଆଦ୍ ର.ଅ ପ୍ରହରା ଦେବା ନିମନ୍ତେ ଆଗେଇ ଆସିଥିଲେ ।) ଏହି ଦିନ ମାନଙ୍କରେ ଆପଣ ସ.ଅ ଦିନେ କିଛି ଲୋକମାନଙ୍କର ଅସ୍ତ୍ରର ସ୍ୱର ଶୁଣିଲେ ଏବଂ ପଚାରିଲେ, କିଏ ? ଅବ୍ବାଦ୍ ବିନ୍ ବଶିର୍ ର.ଅ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ମୁଁ ଅବ୍ବାଦ୍ ବିନ୍ ବଶିର୍ । ହ. ମୁସ୍ଲେହ୍ ମଉଦ୍ ର.ଅ ଏଠାରେ ଅବ୍ବାଦ୍ ବିନ୍ ବଶୀର୍ ବୋଲି ଉଲ୍ଲେଖ କରିଛନ୍ତି। କାରଣ ଆପଣ ସ.ଅ ଏହା କହିଥିଲେ ଯେ, ଉବବାଦ୍ ବିନ୍ ବଶୀର୍ । ଅତଃ ଅନ୍ୱାରୁଲ୍ ଉଲୁମ୍ର ବିଂଶତମ ଗ୍ରନ୍ଥଖଣ୍ଡରେ ଉକ୍ତ ନାମ ଅବ୍ବାଦ୍ ବିନ୍ ବଶୀର୍ ବୋଲି ଉଲ୍ଲେଖ କରାଯାଇଛି । ଏହା ଭୁଲରେ ଲେଖି ହୋଇଯାଇଛି । ସେ ଯାହା ହେଉ ଅନ୍ୱାରୁଲ୍ ଉଲୁମ୍ରେ ଉକ୍ତ ପଂକ୍ତିର ପ୍ରାମାଣ୍ୟ ସିରତୁଲ୍ ହଲବିୟାହରୁ ଉଦ୍ଧୃତ କରାଯାଇଛି ଏବଂ ସିରତୁଲ୍ ହଲବିୟାହରେ ତାଙ୍କର ନାମ ଅବ୍ବାଦ୍ ବିନ୍ ବିଶର୍ ବୋଲି ଉଲ୍ଲିଖିତ ହୋଇଛି। ହୁଜୁର ଅନ୍ୱର୍ ଅ.ବ କହିଲେ, ଉକ୍ତ ପ୍ରାମାଣ୍ୟ ମୁଁ ଏଇଥି ପାଇଁ କରୁଛି ଯେ, କେତେକ ଲୋକମାନେ ମୋତେ ପରବର୍ତ୍ତୀ ସମୟରେ ପତ୍ର ଲେଖି ଦିଅନ୍ତି ଯେ, ହୁଜୁର୍ ! ଅମକ ସ୍ଥାନରେ ତ' ଏପରି ଉଲ୍ଲିଖିତ ହୋଇଥିଲା ଆଉ ଆପଣ ସ.ଅ ଏମିତି କହୁଛନ୍ତି । ପ୍ରକୃତ ନାଁଟି କ'ଣ ? ତେବେ ସେ ଯାହା ହେଉ ପ୍ରକୃତ ନାମ ହେଉଛି ଉବବାଦ୍ ବିନ୍ ବିଶର୍ ର.ଅ । ସମ୍ଭବତଃ ଭ୍ରମବଶତଃ ଉକ୍ତ ନାମଟି ବଶୀର୍ ଉଲ୍ଲିଖିତ ହଇଯାଇଛି । ଭୁଲ ଲେଖି ହୋଇଯାଇଛି କିମ୍ବା ହ. ମୁସ୍ଲେହ୍ ମଉଦ୍ ର.ଅ ଭ୍ରମବଶତଃ ଏପରି କହିଛନ୍ତି । ସେ ଯାହା ହେଉ ଆପଣ ର.ଅ କୁହନ୍ତି ଅବବାଦ୍ ବିନ୍ ବଶୀର୍ ର.ଅ ଆଁହଜରତ ସ.ଅଙ୍କୁ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୁଁ ଅଛି ଅର୍ଥାତ୍ ଅବ୍ବାଦ୍ ବିନ୍ ବିଶର୍ । ତେବେ ଆପଣ ସ.ଅ କହିଲେ, ହେ ଅବ୍ବାଦ୍! ତୁମ ସହିତ ଆଉ କିଏ ଅଛି ? ସେ କହିଲେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୋ ସହିତ ସାହାବାମାନଙ୍କର ଏକ ଦଳ ରହିଛି । ଏହି ଦଳ ଆପଣ ସ.ଅଙ୍କ ଶିବିରର ପ୍ରହରା ଦେବା ନିମନ୍ତେ ଆସିଛି । ଆପଣ ସ.ଅ କହିଲେ, ବର୍ତ୍ତମାନ ଅବିଶ୍ୱାସକାରୀମାନେ ଗର୍ତ୍ତକୁ ଡେଇଁବାକୁ (ଲମ୍ଫ କରିବାକୁ) ଉଦ୍ୟମ କରୁଛନ୍ତି । ତେଣୁ ତୁମେ ସେଠାକୁ ଯାଅ ଓ ସେମାନଙ୍କର ମୁକାବିଲା କର । ମୋ ଶିବିରକୁ ତୁମେମାନେ ଛାଡ଼ିଦିଅ । ଏଥି ପାଇଁ ତୁମେ ଚିନ୍ତିତ ହୁଅ ନାହିଁ । **(ଦିବାଚା ତଫସିରୁଲ୍ କୁରଆନ୍, ଅନ୍ୱାରୁଲ୍ ଉଲୁମ୍, ଭାଗ-20, ପୃ-279)(ସିରତୁଲ୍ ହଲବିୟାହ୍, ଭାଗ-3, ପୃ-25, ଦାରୁଲ୍ କୁତୁବୁଲ୍ ଇଲମିୟାହ୍)**

ଉକ୍ତ ଯୁଦ୍ଧ ସମୟରେ ହ. ସଫିୟାହ୍ ର.ଅଙ୍କ ଅପୂର୍ବ ସାହସିକତାର ଘଟଣା ଓ ପରିଚୟ ମଧ୍ୟ ଦେଖିବାକୁ ମିଳେ । ଉକ୍ତ ଘଟଣାର ବିସ୍ତୃତ ବିବରଣୀ ସଂକ୍ରାନ୍ତରେ ଉଲ୍ଲେଖ ରହିଛି ଯେ, ଆଁହଜରତ ସ.ଅଙ୍କ ପବିତ୍ର ପତ୍ନୀମାନେ ଏବଂ ପିଉସୀ ହ. ସଫିୟାହ୍ ବିନ୍ ଅବ୍ଦୁଲ୍ ମୁତଲ୍ଲିବ୍ ର.ଅ ଅନ୍ୟ ମହିଳାମାନଙ୍କ ସହିତ ଏକ ଦୁର୍ଗରେ ଥିଲେ । ସେହି ଦୁର୍ଗକୁ ଫାରି ବୋଲି କୁହାଯାଉଥିଲା । ଅର୍ଥାତ୍ ଆଁହଜରତ୍ ସ.ଅଙ୍କ ପବିତ୍ର ପତ୍ନିମାନେ, ସେମାନଙ୍କର ପଡସୀମାନେ, ଆଁହଜରତ ସ.ଅଙ୍କ ଆତ୍ମୀୟ ସ୍ୱଜନ ଓ ସଂପର୍କୀୟମାନେ ଏବଂ ଅନ୍ୟ ମହିଳାମାନେ ମଧ୍ୟ ସେଠାରେ ଅର୍ଥାତ୍ ସେହି ଦୁର୍ଗରେ ଥିଲେ । ହ. ହସ୍ସାନ୍ ବିନ୍ ସାବିତ୍ ର.ଅ ସେଠାକାର ନିରୀକ୍ଷିକ ଥିଲେ । ବନୁ କୁରୈଜା ସଂପ୍ରଦାୟ ଯେତେବେଳେ ଚୁକ୍ତିଭଙ୍ଗର ଘୋଷଣା କଲା ସେତେବେଳେ ସେଠାକାର ଇହୁଦୀମାନେ ବର୍ତ୍ତମାନ କୌଣସି ନା କୌଣସି ଢଙ୍ଗରେ ମୁସଲମାନମାନଙ୍କୁ କ୍ଷତି ପହଞ୍ଚାଇବା ନିମନ୍ତେ ଉଦ୍ୟମରେ ଲାଗି ପଡ଼ିଲେ। ହ. ସଫିୟାହ୍ ର.ଅ ଓ ଆପଣ ସ.ଅଙ୍କ ପିଉସୀ ବର୍ଣ୍ଣନା କରନ୍ତି ଯେ, ଏକଦା ଦଶ ଜଣ ଇହୁଦୀମାନେ ଆସିଲେ ଏବଂ ସେ ଆମର ଦୁର୍ଗ ଚତୁର୍ପାର୍ଶ୍ୱର ପରିକ୍ରମା କରିବାକୁ ଲାଗିଲେ । ତହିଁରୁ ଏପରି ପ୍ରତିତ ହେଉଥିଲା ଯେପରି ସେହି ଇହୁଦୀମାନେ ଆକ୍ରମଣ କରିବାର କୌଣସି ସୁଯୋଗ ଖୋଜୁଥିଲେ । ଅର୍ଥାତ୍ କେବେ ଓ କେଉଁ ସ୍ଥାନ ଦେଇ ଦୁର୍ଗ ମଧ୍ୟକୁ ପ୍ରବେଶ କରାଯାଇ ପାରିବ । ଠିକ୍ ସେହି ସମୟରେ ଜଣେ ଇହୁଦୀ ଦୁର୍ଗ କାନ୍ଥର ସଂପୂର୍ଣ୍ଣ ନିକଟବର୍ତ୍ତୀ ଆସିଲା । ମୁଁ ତା'କୁ ଦେଖୁଥିଲି । ମୁଁ ହସ୍ସାନଙ୍କୁ କହିଲି ଯେ, ହେ ହସ୍ସାନ୍ ! ଏହି ଆଡ଼କୁ ଆସ ! ଓ ଏହି ଇହୁଦୀ ବ୍ୟକ୍ତିର ମୁକାବିଲା କର । ତେବେ ସେହି ଇହୁଦୀ ବ୍ୟକ୍ତି ଜଣକ କହିଲା, ହେ ଅବ୍ଦୁଲ୍ ମୁତଲ୍ଲିବଙ୍କ ସୁପୁତ୍ରୀ ! ମୁଁ ଅଲ୍ଲାଃତାଲାଙ୍କ ଶପଥ କରି କହୁଛି ! ଆପଣ ସ.ଅ ଜାଣନ୍ତି ଯେ, ମୁଁ ଏମିତିକା ବ୍ୟକ୍ତି ନୁହେଁ । ମୋ ମଧ୍ୟରେ ଯଦି ଏତିକି ସାହାସ ଥାଆନ୍ତା ତେବେ ମୁଁ ରସୁଲୁଲ୍ଲାଃ ସ.ଅଙ୍କ ସହିତ ଯାଇଥାଆନ୍ତି। ହ. ସଫିୟାହ୍ ର.ଅ କୁହନ୍ତି: "ହ. ହସ୍ସାନ୍ ର.ଅ ଯେତେବେଳେ ଏପରି କହିଲେ, ସେତେବେଳେ ମୁଁ ସେଠାରୁ ଏକ କାଠ ଧରିଲି, ଦୁର୍ଗରୁ ତଳକୁ ଓହ୍ଲାଇଲି । ମୁଁ ତା'ର ଏବଂ ସେହି ବ୍ୟକ୍ତି ଯିଏ ଦୁର୍ଗର ପରିକ୍ରମା କରୁଥିଲା ସେହି ବ୍ୟକ୍ତିର ମୁଣ୍ଡ ଉପରେ ଏତେ ଜୋରରେ ପ୍ରହାର କଲି ଯେ, ତା' ମୁଣ୍ଡ ଦୁଇ ଫାଳ କରିଦେଲି । ଫଳତଃ ସେହି ବ୍ୟକ୍ତି ସେଠାରେ ହିଁ ଟଲି ପଡ଼ିଲା ଅର୍ଥାତ୍ ମୃତ୍ୟୁବରଣ କଲା । ମୁଁ ଫେରି ଆସିଲି ଏବଂ ହ. ହସ୍ସାନଙ୍କୁ କହିଲି, ହେ ହସ୍ସାନ୍ ! ତଳକୁ ଯାଇ ସେହି ବ୍ୟକ୍ତିର ଜିନିଷପତ୍ର ନେଇ ଆସି । ଅର୍ଥାତ୍ ତା' ପାଖରେ ଯାହା କିଛି ରହିଛି ତାହା ଠାରୁ ମାଲେ ଗନିମତ୍ (ଯୁଦ୍ଧ ବା ଶତ୍ରୁ ଠାରୁ ପ୍ରାପ୍ତ ଧନରତ୍ନ) ରହିଛି ତାହା ନେଇ ଆସ । ହସ୍ସାନ ର.ଅ କହିଲେ, ହେ ଅବ୍ଦୁଲ୍ ମୁତଲ୍ଲିବଙ୍କ ସୁପୁତ୍ରୀ ! ମୋତେ ସେହି ବ୍ୟକ୍ତିର ଜିନିଷ ପତ୍ରର କୌଣସି ଆବଶ୍ୟକତା ନାହିଁ । ତେବେ ମୁଁ କହିଲି, ହେ ହସ୍ସାନ୍ ବିନ୍ ସାବିତ୍! ତାହାହେଲେ ସେହି ବ୍ୟକ୍ତିର ସ୍କନ୍ଧଚ୍ୟୁତ କରି ଇହୁଦୀଙ୍କ ଉପରକୁ ହିଁ ଫିଙ୍ଗିଦିଅ । କାରଣ ସେମାନେ ଯେପରି ଭୟଭୀତ ହୋଇଯିବେ । ଏପଟୁକୁ ସେମାନେ ଆଉ ଚାହିଁବେ ନାହିଁ । ଅର୍ଥାତ୍ ଏହି ଦୁର୍ଗ ମୁହାଁ ସେମାନେ ହେବେ ନାହିଁ । ହ. ହସ୍ସାନ ର.ଅ

### ହଦିସେ ନବୱୀ ସ.ଅ.ସ :-

"ନମାଜ ପରିତ୍ୟାଗ କରିବା ଫଳରେ ମନୁଷ୍ୟ ଶିର୍କ ଏବଂ କୁଫର୍ (ଅନ୍ୟ କାହାକୁ ଅଲ୍ଲାଃଙ୍କ ସହିତ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟବର୍ତ୍ତୀ କରିଦିଏ " ।

(ମୁସ୍ଲିମ୍, କିତାବୁଲ୍ ଇମାନ୍)

ତାଲିବେ ଦୁଆ: Majlis Lajna Imaillah,
Jamat Ahmadiya Kerang (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯୁବ ଖୁଦ୍ଦାମ ଓ ଅତ୍ଫାଲମାନଙ୍କୁ ନିଜର ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ଉଚିତ । ସେହି ଲୋକମାନଙ୍କ ସହିତ ବନ୍ଧୁତ୍ୱତା ରଖନ୍ତୁ ଯେଉଁମାନେ ନିଷ୍ପାପର ଓ ବିଶ୍ୱସ୍ତ ଅଟନ୍ତି ଏବଂ ଯେଉଁମାନେ ଅଶିଷ୍ଟତା ଓ ଅସଭ୍ୟତା ଆଦି କାର୍ଯ୍ୟ ।"

(ମଲ୍ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Sk Shamim Ahmad Sultan & Family,
Jamat Ahmadiya Kardapalli (Odisha)

କହିବାକୁ ଲାଗିଲେ, ହେ ସଫିୟାହ୍ ! ମୋ ମଧ୍ୟରେ ସେତିକି ସାହାସ ନାହିଁ । ସୁତରାଂ ହ. ସଫିୟାହ୍ ର.ଅ ସେହି ବ୍ୟକ୍ତିର ମୁଣ୍ଡ କାଟି ଇହୁଦୀମାନଙ୍କ ଉପରକୁ ଫିଙ୍ଗିଦେଲେ। (ଅର୍ଥାତ୍ ହ. ସଫିୟାହ ର.ଅ ସ୍ୱୟଂ ଦୁର୍ଗରୁ ତଳକୁ ଓହ୍ଲାଇଲେ ଏବଂ ଉକ୍ତ ବ୍ୟକ୍ତିର ସ୍କନ୍ଧଚ୍ୟୁତ କରି ପ୍ରାଚୀର (କାନ୍ଥ) ଆରପଟକୁ ଫିଙ୍ଗିଦେଲେ ।) ଉକ୍ତ ଦୃଶ୍ୟକୁ ଦେଖି ଇହୁଦୀମାନେ ଭୟଭୀତ ହୋଇ କହିବାକୁ ଲାଗିଲେ ଯେ, ଆମେମାନେ ଜାଣିଥିଲୁ ମୁହମ୍ମଦ ସ.ଅ ମହିଳାମାନଙ୍କୁ ଏକୁଟିଆ ଛାଡ଼ି ପାରିବେ ନାହିଁ । ନିଃସନ୍ଦେହ ଏହି ମହିଳାମାନଙ୍କ ସହିତ ଏଠାରେ ସୁରକ୍ଷାକାର୍ମୀମାନେ ଉପସ୍ଥିତ ଅଛନ୍ତି ଏବଂ ସେହି ଲୋକମାନେ ସେଠାରୁ ପଳାୟନ କଲେ । ରସୁଲୁଲ୍ଲାଃ ସ.ଅଙ୍କୁ ଯେତେବେଳେ ଉକ୍ତ ଘଟଣା ସଂପର୍କରେ ସୂଚନା ପ୍ରଦାନ କରାଗଲା ସେତେବେଳେ ଆପଣ ସ.ଅ ମାଲେ ଗନିମତ୍ ମଧ୍ୟରୁ ହ. ସଫିୟାହ୍ ର.ଅଙ୍କ ନିମନ୍ତେ ଏକ ଭାଗ ସ୍ଥିର କଲେ ଯେପରି ଆପଣ ସ.ଅ ପୁରୁଷମାନଙ୍କ ନିମନ୍ତେ ଭାଗ ନିର୍ଦ୍ଧାରିତ କରୁଥିଲେ ।" **(ସବ୍‌ଲୁଲ୍ ହୁଦା ୱର୍ ରଶ୍ମାଦ୍, ଭାଗ-4, ପୃ-373-374, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍ ବୈରୁତ୍)**

ସିରତ୍ ଖାତମୁନ୍ ନବୀୟିନ୍‌ରେ ହ. ମିର୍ଜା ବଶୀର୍ ଅହେମଦ୍ ସାହେବ ଉଲ୍ଲେଖ କରନ୍ତି ଯେ, ସହରରେ ମହିଳାମାନେ ଏବଂ ପିଲାମାନଙ୍କର ଏହି ଅବସ୍ଥା ଥିଲା ଯେ, ଆଁହଜରତ ସ.ଅ ସେମାନଙ୍କୁ ସାଧାରଣତଃ ସହରର ଏକ ବିଶେଷ ଭାଗରେ ଯାହାକି ଏକ ଦୁର୍ଗ ଆକାରର ଥିଲା ସେଠାରେ ଏକତ୍ରିତ କରାଇଦେଲେ । କିନ୍ତୁ ସେମାନଙ୍କ ସକାଶେ ସେମାନଙ୍କ ମନୋବାଞ୍ଛିତ ସୁରକ୍ଷା ନିମନ୍ତେ ଅନେକ ମୁସଲମାନମାନଙ୍କୁ ମୁକ୍ତ କରାଯାଇ ପାରି ନଥାଆନ୍ତା । ବିଶେଷ କରି ଏପରି ସମୟରେ ଯେତେବେଳେ ଯୁଦ୍ଧ ଭୂମିରେ ଶତ୍ରୁର ଆକ୍ରମଣର ପ୍ରକୋପ ଅତି ଭୟଙ୍କର ଥିଲା ସେତେବେଳେ ମୁସଲମାନମାନଙ୍କର ମହିଳା ଏବଂ ଛୋଟ ପିଲାମାନେ ସଂପୂର୍ଣ୍ଣ ରୂପେ ଅସୁରକ୍ଷିତ ଅବସ୍ଥାରେ ରହିଯାଉଥିଲେ । ସେମାନଙ୍କ ସୁରକ୍ଷା ନିମନ୍ତେ କେବଳ ଏପରି ପୁରୁଷମାନେ ରହିଯାଉଥିଲେ ଯେଉଁମାନେ କୌଣସି କାରଣ ବଶତଃ ଯୁଦ୍ଧ ନିମନ୍ତେ ଯୋଗ୍ୟ ବା ସକ୍ଷମ ନଥିବେ । ସୁତରାଂ ଏହିଭଳି ଏକ ଅବସରରୁ ଲାଭ ଉଠାଇ ଇହୁଦୀମାନେ ସହରର ସେହି ଭାଗ ଉପରେ ଆକ୍ରମଣ କରିବା ନିମନ୍ତେ ପ୍ରସ୍ତାବ ଦେଲେ ଯହିଁରେ ମହିଳା ଏବଂ ଛୋଟ ପିଲାମାନେ ଏକତ୍ରିତ ଥିଲେ । ଗୁଇନ୍ଦାଗିରି ଉଦ୍ଦେଶ୍ୟରେ ସେମାନେ ନିଜର ଜଣେ ଲୋକକୁ ନିଜର ଆଗରେ ଉକ୍ତ ମୁହଲ୍ଲାରେ (ସାହିକୁ) ପ୍ରେରଣ କଲେ । ସେତେବେଳେ ଦୈବାତ୍ ମହିଳାମାନଙ୍କ ନିକଟରେ କେବଳ ଜଣେ ସାହାବି ଉପସ୍ଥିତ ଥିଲେ । ସେହି ସାହାବି ହେଉଛନ୍ତି ହ. ହସ୍ସାନ୍ ବିନ୍ ସାବିତ୍ ର.ଅ । ହୃଦୟର ଅସାଧାରଣ ଦୁର୍ବଳତା ଯୋଗୁଁ ସେ ଯୁଦ୍ଧଭୂମିରେ ଯିବା ନିମନ୍ତେ ଯୋଗ୍ୟ ଓ ସକ୍ଷମ ନଥିଲେ । ମହିଳାମାନେ ଯେତେବେଳେ ସେହି ଇହୁଦୀ ଶତ୍ରୁକୁ ଏଭଳି ସନ୍ଦେହଜନକ ଅବସ୍ଥାରେ ନିଜ ଅବସ୍ଥାନ ଦୁର୍ଗର ଆଖପାଖରେ ପରିକ୍ରମା କରୁଥିବାର ଦେଖିଲେ ସେତେବେଳେ ସଫିୟା ବିନତ୍ ଅବ୍‌ଦୁଲ୍ ମୁତଲ୍ଲିବ୍ ଯେକି ଆଁହଜରତ ସ.ଅଙ୍କ ପିଉସୀ ମଧ୍ୟ ଥିଲେ । ସେ ହସ୍ସାନ୍‌ଙ୍କୁ କହିଲେ, ହେ ହସ୍ସାନ୍ ! ଏହି ଶତ୍ରୁ ବ୍ୟକ୍ତି ଯେକି ଇହୁଦୀ ଅଟେ ଏବଂ ଏଠାରେ ଗୁଇନ୍ଦା ଗିରି ଏବଂ ଉପଦ୍ରବ କରିବା ନିମନ୍ତେ ପଇଁତରା ମାରୁଛି ତା'ର ବଧ କରିଦିଅ । କାରଣ ସେ ଯପରି ଏଠାରୁ ଫେରିଯାଇ କୌଣସି ଉପଦ୍ରବର କାରଣ ନସାଜୁ । କିନ୍ତୁ ହସ୍ସାନ୍ ର.ଅ ସାହାସ କରିପାରିଲେ ନାହିଁ । ଫଳତଃ ହ. ସଫିୟା ର.ଅ ସ୍ୱୟଂ ଆଗକୁ ବାହାରି ଆସି ଉକ୍ତ ଇହୁଦୀ ବ୍ୟକ୍ତିର ମୁକାବିଲା କଲେ ଏବଂ ତା'ର ସଂହାର କରିଦେଲେ। ପୁନଶ୍ଚ ହ. ସଫିୟାହ୍ ର.ଅଙ୍କ ପରାମର୍ଶ କ୍ରମେ ଏହା ନିର୍ଦ୍ଧାରିତ ହେଲା ଯେ, ସେହି ଇହୁଦୀ ଗଇନ୍ଦାର ଶିର ଛେଦ କରି ଦୁର୍ଗ ବାହାରକୁ ସେହି ଦିଗକୁ ଫୋପାଡ଼ି ଦିଆଯାଉ ଯେଉଁ ଦିଗରେ ଇହୁଦୀମାନେ ଏକତ୍ରିତ ଥିଲେ । କାରଣ ଇହୁଦୀମାନଙ୍କୁ ମୁସଲମାନ ମହିଳାମାନଙ୍କ ଉପରେ ଆକ୍ରମମଣ କରିବାର ଦୁଃସାହାସ ଯେପରି ନହେଉ । ଇହୁଦୀମାନେ ଏହା ମନେକରନ୍ତୁ ଯେ, ସେମାନଙ୍କ ଅର୍ଥାତ୍ ମହିଳାମାନଙ୍କ ସୁରକ୍ଷା ନିମନ୍ତେ ସେହି ସ୍ଥାନରେ ଅନେକ ପୁରୁଷମାନେ ଉପସ୍ଥିତ ଅଛନ୍ତି । ସୁତରାଂ ଏହି ଯୋଜନାଟି ଫଳପ୍ରଦ ସାବ୍ୟସ୍ତ ହେଲା ଏବଂ ଇତ୍ୟବସରରେ ଇହୁଦୀମାନେ ଭୟଭୀତ ଓ ଆତଙ୍କିତ ହୋଇ ସେଠାରୁ ଫେରିଗଲେ ।"**(ସିରତ୍ ଖାତମୁନ୍ ନବୀୟିନ୍, ଲେଖକ-ସାହିବ୍‌ଜାଦା ମିର୍ଜା ବଶୀର୍ ଅହେମଦ ସାହେବ ଏମ୍.ଏ ର.ଅ, ପୃ-590-591)**

ହ. ମୁସ୍‌ଲେହ୍ ମଉଦ୍ ର.ଅ ମଧ୍ୟ ଏହାକୁ ବର୍ଣ୍ଣନା କରିଛନ୍ତି । ଆପଣ ର.ଅ କୁହନ୍ତି: "ବନୁ କୁରୈଜା ସଂପ୍ରଦାୟ ଏହି ସୁଯୋଗକୁ ଚାହିଁ ବସିଥିଲା ଯେ, ମୌକା ଯଦି ମିଳି ଯାଆନ୍ତା ତେବେ ମୁସଲମାନମାନଙ୍କ ମନରେ ବିନା କୌଣସି ସନ୍ଦେହ ସୃଷ୍ଟି କରି ସେମାନେ ମଦିନା ମଧ୍ୟରେ ସହଜରେ ପ୍ରବେଶ କରି ମହିଳା ଏବଂ ପିଲାମାନଙ୍କୁ ହତ୍ୟା କରିଦେବେ । ସୁତାରଂ ଦିନେ ବନୁ କୁରୈଜା ସଂପ୍ରଦାୟ ନିଜର ଏକ ଗୁଇନ୍ଦା ପ୍ରେରଣ କଲା ଯେ, ସେ ଯାଇ ସୂଚନା ଆଣୁ ଯେ, ମହିଳା ଏବଂ ଛୋଟ ପିଲାମନେ ଏକୁଟିଆ ଅଛନ୍ତି କିମ୍ବା କେତ ସଂଖ୍ୟକ ସୈନ୍ୟ ସେମାନଙ୍କ ସୁରକ୍ଷା ନିମନ୍ତେ ନିୟୋଜିତ ହୋଇଛନ୍ତି ? ଯେଉଁ ବିଶେଷ ସୁରକ୍ଷା ବଳୟରେ ସେହି ବିଶିଷ୍ଟ ବଂଶ ଯେଉଁମାନଙ୍କୁ ଶତ୍ରୁ ଠାରୁ ବିପଦର ଆଶଙ୍କା ଅଧିକ ରହିଥିଲା ସେହି ବିଶିଷ୍ଟ ବଂଶମାନଙ୍କୁ ଶତ୍ରୁ ଠାରୁ ଅଧିକ ବିପଦ ରହିଥିଲା । ସୁତରାଂ ସୁରକ୍ଷା ଦୃଷ୍ଟିରୁ ସେମାନଙ୍କୁ ସେହି ବନୁ କୁରୈଜା ସଂପ୍ରଦାୟର ଦୁର୍ଗରେ ଏକତ୍ରିତ କରିଦିଆ ଯାଇଥିଲା । ଅତଃ ସେହି ଶତ୍ରୁ ଯେକି ଇହୁଦୀ ଥିଲା ସେ ଦୁର୍ଗ ନିକଟରେ ଆସି ପଇଁତରା ମାରିବାକୁ ଲଗିଲା ।  ସେ ଚତୁର୍ଦ୍ଦିଗରେ ଦେଖିବା ଆରମ୍ଭ କଲା ଯେ, ମୁସଲମାନ ମହିଳା ଏବଂ ଛୋଟ ପିଲମାନଙ୍କ ଆଖପାଖରେ ଗୁପ୍ତ ସିପାହୀମାନେ ଅଛନ୍ତି କି ନୁହେଁ ? ମୁସଲମାନ ସିପାହୀମାନେ ମହିଳା ଓ ଦୁର୍ଗ ଆଖାପାଖରେ ଲୁଚି ନାହାନ୍ତି ତ' ? ସେହି ଇହୁଦୀ ବ୍ୟକ୍ତି ବା ଗୁଇନ୍ଦା ଜଣକ ଏହି ସୁଯୋଗକୁ ଅପେକ୍ଷା କରି ବସିଥିଲା ଯେ, ରସୁଲୁଲ୍ଲାଃ ସ.ଅଙ୍କ ପିଉସୀ ହ. ସଫିୟହା ର.ଅ ସେହି ଗୁଇନ୍ଦା ବ୍ୟକ୍ତିକୁ ଦେଖିନେଲେ । ଦୈବାତ୍ ସେତେବେଳେ ଜଣେ ମୁସଲମାନ ପୁରୁଷ ସେଠାରେ ଉପସ୍ଥିତ ଥିଲା ଏବଂ ସେ ମଧ୍ୟ ଅସୁସ୍ଥ ଥିଲା । ହ. ସଫିୟାହ୍ ର.ଅ ଉକ୍ତ ମୁସଲମାନ ବ୍ୟକ୍ତିକୁ କହିଲେ, ଆରେ ଭାଇ! ଉକ୍ତ ବ୍ୟକ୍ତି ଜଣକ ବହୁ ସମୟ ଧରି ମହିଳାମାନଙ୍କ ଅଞ୍ଚଳରେ ବୁଲୁଛି ଏବଂ ଯିବାର ନାଁ ଧରୁ ନାହିଁ । ଖାଲି ଚାରିଆଡ଼େ ବୁଲି ବୁଲି ଦେଖୁଛି । ସୁତରାଂ ନିଃସନ୍ଦେହ ରୂପେ ଏହି ବ୍ୟକ୍ତି ଜଣକ ଜଣେ ଗୁଇନ୍ଦା ଅଟେ । ହେ ସାହାବାମାନେ ! ତୁମେମାନେ ଏହି ଗୁଇନ୍ଦା ବ୍ୟକ୍ତିର ମୁକାବିଲା କର। ଏପରି ନହେଉ ଯେ, ସେହି ବ୍ୟକ୍ତି ଜଣକ ଶତ୍ରୁ ନିକଟକୁ ଯାଇ ସମସ୍ତ ପରିସ୍ଥିତି ସଂକ୍ରାନ୍ତରେ ଅବଗତ କରାଇ ଦେବ ଓ ଶତ୍ରୁ ପକ୍ଷ ଆସି ଆମ ଉପରେ ଆକ୍ରମଣ କରିଦେବ । ସେହି ଅସୁସ୍ଥ ସାହାବି ଅର୍ଥତ୍ ହସ୍ସାନ୍ ବିନ୍ ସାବିତ୍ ର.ଅ ଏପରି କରିବାକୁ ପ୍ରତ୍ୟାଖ୍ୟାନ କରିଦେଲେ । ତେବେ ହ. ସଫିୟାହ୍ ର.ଅ ସ୍ୱୟଂ ଏକ ବଡ଼ ବାଉଁସ ନେଇ ସେହି ବ୍ୟକ୍ତିର ମୁକାବିଲା କଲେ ଏବଂ ଅନ୍ୟ ମହିଳାମାନଙ୍କ ସାହାଯ୍ୟରେ ସେହି ବ୍ୟକ୍ତିକୁ ମାରିବାରେ ସଫଳ ହୋଇଗଲେ । ପରିଶେଷରେ ଏହା ଜଣା ପଡ଼ିଲା ଯେ, ଉକ୍ତ ବ୍ୟକ୍ତି ଜଣକ ଜଣେ ଇହୁଦୀ ବ୍ୟକ୍ତି ଥିଲା ଏବଂ ସେ ବନୁ କୁରୈଜ୍ ସଂପ୍ରଦାୟର ଗୁଇନ୍ଦା ଥିଲା । ସେତେବେଳକୁ ମୁସଲମାନମାନେ ଆହୁରି ଅଧିକ ବିବ୍ରତ ଅଧୀର ହୋଇ ପଡ଼ିଲେ । ମୁସଲମାନମାନେ ଏହା ମନେକଲେ ଯେ, ବର୍ତ୍ତମାନେ ମଦିନାର ଉକ୍ତ ପାର୍ଶ୍ୱ ମଧ୍ୟ ସୁରକ୍ଷିତ ନୁହେଁ । କିନ୍ତୁ ସମ୍ମୁଖ ଦିଗରୁ ଶତ୍ରୁର ଏତେ ସୈନ୍ୟବଳ ଥିଲା ଯେ, ମୁସଲମାନମାନଙ୍କ ନିକଟରେ ଏହି ଦିଗକୁ ସୁରକ୍ଷିତ କରିବା ନିମନ୍ତେ କୌଣସି ସାଧନ ଉପଲବ୍ଧ ନଥିଲା । କିନ୍ତୁ ଏସବୁ ସତ୍ତ୍ୱେ ରସୁଲ୍ କରୀମ୍ ସ.ଅ ମହିଳାମାନଙ୍କର ସୁରକ୍ଷାକୁ ପ୍ରାଧାନ୍ୟ ଦେଲେ ଏବଂ 1200ଜଣ ସୈନ୍ୟବାହିନୀମାନଙ୍କ ମଧ୍ୟରୁ 500 ମହିଳାମାନଙ୍କର ସୁରକ୍ଷା ନିମନ୍ତେ ନିଯୁକ୍ତ କଲେ ଏବଂ ଗର୍ତ୍ତର ସୁରାକ୍ଷା ନିମନ୍ତେ 18, 20 ହଜାର ସୈନ୍ୟବାହିନୀ ବିପକ୍ଷ ନିମନ୍ତେ କେବଳ 700 ଜଣ ମୁସଲମାନ ସୈନ୍ୟ ନିଯୁକ୍ତ କଲେ । ତହିଁରୁ ଏହା ପ୍ରତିତ ହୁଏ ଯେ, ଖନ୍ଦକ୍‌ର ସୁରକ୍ଷା ନିମନ୍ତେ କେବଳ 700 ଜଣ ମୁସଲମାନ ସିପାହୀ ରହିଗଲେ। **(ଦିବାଚା ତଫ୍‌ସିରୁଲ୍ କୁରଆନ୍, ଅନ୍‌ୱାରୁଲ୍ ଉଲୁମ୍, ଭାଗ-20, ପୃ-274-275)**

ହ. ଅଲୀ ର.ଅଙ୍କ ଅମ୍ର ବିନ୍ ୱଦ୍ଦ୍ ଆମିରିକୁ ବଧ କରିବାର ଘଟଣାର ଚର୍ଚ୍ଚା ମିଳେ। ଏହାର ବିସ୍ତୃତ ବିବରଣୀ ଏହିପରି ରହିଛି ଯେ, ଅବିଶ୍ୱାସକାରୀଙ୍କ ସୈନ୍ୟବାହିନୀ ଯେତେବେଳେ ମଦିନାର ଘେରାଉ କରିଥିଲା ସେତେବେଳେ ସେମାନଙ୍କର ଅଧିପତିମାନେ ଉକ୍ତ ପ୍ରସଙ୍ଗ ଉପରେ ସମ୍ମତି ପ୍ରକାଶ କଲେ ଯେ, ସେମାନେ ସମସ୍ତେ ମିଶି ମୁସଲମାନମାନଙ୍କ ଉପରେ ଆକ୍ରମଣ କରିବେ । ତେଣୁ ସେମାନେ ଗର୍ତ୍ତର ଏମିତି ଏକ ସଂକୀର୍ଣ୍ଣ ସ୍ଥାନକୁ ସନ୍ଧାନ କରିବାକୁ ଲାଗିଲେ ଯେଉଁଠାରୁ ସେମାନେ ନିଜର ଅଶ୍ୱାରୋହୀଙ୍କୁ ନବୀ କରୀମ୍ ସ.ଅ ଓ ସାହାବାମାନଙ୍କ ପର୍ଯ୍ୟନ୍ତ ପହଞ୍ଚାଇ ଦିଅନ୍ତୁ । ପରିଶେଷରେ ସେହି ଲୋକମାନେ ଏପରି ଦୁର୍ବଳ ସ୍ଥାନ ନିକଟରେ ପହଞ୍ଚିଲେ ଯେଉ ସ୍ଥାନ ସଂପର୍କରେ ମୁସଲମାନମାନେ ଅବଗତ ନଥିଲେ । ତେବେ ଇକ୍ରମା ବିନ୍ ଅବୁ ଜହଲ୍, ନୌଫଲ୍ ବିନ୍ ଅବ୍‌ଦୁଲ୍ଲାଃ, ଜିରାର୍ ବିନ୍ ଖତ୍ତାବ୍, ହୁବୈରାହ୍ ବିନ୍ ଅବୁ ୱହବ୍ ଓ ଅମ୍ର ବିନ୍ ଅବ୍‌ଦେ ୱୁଦ୍ ସେହି ସ୍ଥାନ ଦେଇ ଖନ୍ଦକ୍ ଅର୍ଥାତ୍ ଗର୍ତ୍ତକୁ ଅତିକ୍ରମ କରିନେଲେ । ଅମ୍ର ବିନ୍ ଅବ୍‌ଦେ ୱୁଦ୍ ଏପରି ବୀର ବ୍ୟକ୍ତି ଥିଲା ଯେ, ଆରବରେ

### ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ଆମେ ଅହେମଦିମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍ ଧର୍ମର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ସ୍ଥାପନ କରିବାକୁ ହେବ" ।

ତାଲିବେ ଦୁଆ: Sajeed Khan, S/O- Sultan Ahmad, Jamat Ahmadiya Paradeep (Kerang) (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଆମ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ପକ୍ଷେ ଏହି ଉଚିତ ହେବ ଯେ, ଜମାଅତ୍‌ର ସଦସ୍ୟବୃନ୍ଦ ଚାରିତ୍ରିକ ଅବସ୍ଥାରେ ଉନ୍ନତି କରନ୍ତୁ । କାରଣ 'ଅଲ୍ ଇସ୍ତିକାମତୁ ଫୌକଲ୍ କରାମତି' ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Halimuddin Khan & Family,
Jamat Ahmadiya Kerang,
Darul Barkat (Odisha)

ଏକ ହଜାର ପୁରୁଷଙ୍କ ତୁଲ୍ୟ ଜଣାଶୁଣା ଥିଲା । ବଦର୍ ଯୁଦ୍ଧରେ ଅମ୍ର ବିନ୍ ଅବ୍ଦେ ୱୁଦ୍ ଆହତ ହୋଇଥିଲା ଏବଂ ଆହତ ହେବା ଯୋଗୁଁ ସେ ଓହୋଦ୍ ଯୁଦ୍ଧରେ ସାମିଲ୍ ହୋଇପାରି ନଥିଲା । ସେ ଏହି ଭୀଷ୍ମ ପ୍ରତିଜ୍ଞା କରିଥିଲା ଯେ, ସେ ଯେପର୍ଯ୍ୟନ୍ତ **ନାଉଜୁବିଲ୍ଲାଃ** ଆଁହଜରତ ସ.ଅଙ୍କୁ ହତ୍ୟା କରିଦେଇ ନାହିଁ ସେପର୍ଯ୍ୟନ୍ତ ସେ ନିଜ ମୁଣ୍ଡରେ ତେଲ ଲଗାଇବ ନାହିଁ । ସେ ଅହଂକାରପୂର୍ବକ ଢଙ୍ଗରେ ଡାକ ମାରିଲା । ଖନ୍ଦକ୍ (ଗର୍ତ୍ତ) ଅତିକ୍ରମ କରି ସେଠାକୁ ଆସି ସେ ଶ୍ଳୋଗାନ୍ ଦେଲା, ଉଚ୍ଚ ସ୍ୱରରେ ଡାକ ମାରିଲା ଏବଂ ମୁସଲମାନମାନଙ୍କୁ ଯୁଦ୍ଧ ନିମନ୍ତେ ଆମନ୍ତ୍ରିତ କରି କହିଲା, ହେ ବୈକୁଣ୍ଠପୁର ବାସୀମାନେ ଆସ ! ମୁଁ ତୁମମାନଙ୍କୁ ବୈକୁଣ୍ଠ ପୁରରେ ପହଞ୍ଚାଇ ଦେବି ନଚେତ୍ ତୁମେ ମୋତେ ନର୍କଗାମୀ କରାଇ ଦିଅ । ତା' ବିପକ୍ଷରେ ଯେତେବେଳେ କେହି ଛିଡ଼ା ହେଲେ ନାହିଁ ସେତେବେଳେ ହ. ଅଲୀ ର.ଅ ଛିଡ଼ା ହେବାକୁ ଚାହିଁଲେ। କିନ୍ତୁ ଆପଣ ସ.ଅ ହ. ଅଲୀ ର.ଅଙ୍କୁ ଏହା କହି ବସାଇ ଦେଲେ ଯେ, ହେ ଅଲୀ ! ତୁମ ବିପକ୍ଷରେ ଅମ୍ର ବିନ୍ ଅବ୍ଦେ ୱୁଦ୍ ଅଛି । କିନ୍ତୁ ସେ ଯେତେବେଳେ ଦ୍ୱିତୀୟ ଏବଂ ତୃତୀୟ ଥର ଡାକ ମାରିଲା ସେତେବେଳେ ହ. ଅଲୀ ର.ଅ ଛିଡ଼ା ହେଲେ। ଆପଣ ସ.ଅ ପୁନଃ ହ. ଅଲୀ ର.ଅଙ୍କୁ ଅଟକାଇବାକୁ ଚାହିଁଲେ । ଏତଦ୍ ପରେ ନବୀ କରୀମ୍ ସ.ଅ ନିଜର ପଗଡ଼ି ହ. ଅଲୀ ର.ଅଙ୍କ ମସ୍ତକରେ ବାନ୍ଧିଲେ ଏବଂ ନିଜର ଖଡ଼୍ଗ ହ. ଅଲୀ ର.ଅଙ୍କୁ ପ୍ରଦାନ କଲେ ଓ ଆଶୀର୍ବାଦ କରି ଆପଣ ର.ଅଙ୍କୁ ଅମ୍ର ବିନ୍ ଅବ୍ଦେ ୱୁଦ୍ର ମୁକବିଲା କରିବା ନିମନ୍ତେ ପ୍ରେରଣ କରିଦେଲେ । ହ. ଅଲୀ ର.ଅ ଆଗକୁ ଅଗ୍ରସର ହେଲେ ଏବଂ ଅମ୍ରକୁ କହିଲେ, ହେ ଅମ୍ର ! ମୁଁ ଶୁଣିଛି ତୁମେ କୁଆଡ଼େ ଏହି ଭୀଷ୍ମ ପ୍ରତିଜ୍ଞା କରିଛ ଯେ, କୁରେଶ୍ର ଲୋକମାନଙ୍କ ମଧ୍ୟରୁ ଯଦି କୌଣସି ବ୍ୟକ୍ତି ତୁମ ନିକଟରେ ଦୁଇଟି କଥାର ନିବେଦନ କରିବ ତେବେ ତୁମ ସେହି ବ୍ୟକ୍ତିର ଗୋଟିଏ କଥାକୁ ସ୍ୱୀକାର କରିନେବ । ହ. ଅମ୍ର କହିଲା ହଁ । ହ. ଅଲୀ ର.ଅ କହିଲେ, ହେ ଅମ୍ର ! ତାହାହାଲେ ମୁଁ ତୁମକୁ ପ୍ରଥମ କଥା କହୁଛି ଯେ, ତୁମେ ମୁସଲମାନ ହୋଇଯାଅ ଏବଂ ଆଁହଜରତ ସ.ଅଙ୍କୁ ସ୍ୱୀକାର କରିନିଅ। ଈଶ୍ୱରଙ୍କ ପୁରସ୍କାରର ଅଧିକାରୀ ହୁଅ । ଅମ୍ର କହିଲା, ମୁଁ ମୁସଲମାନ ହୋଇପାରିବି ନାହିଁ। ହ. ଅଲୀ ର.ଅ କହିଲେ, ହେ ଅମ୍ର ! ତୁମେ ଯଦି ଏହି କଥାକୁ ସ୍ୱୀକାର ନକର ତେବେ ଆସ ମୁଁ ତୁମ ସହିତ ଲଢ଼ିବାକୁ ପ୍ରସ୍ତୁତ ଅଛି । ପ୍ରତ୍ୟୁତ୍ତରରେ ଅମ୍ର ସ୍ମିତହାସ୍ୟ ପ୍ରକାଶ କରି କହିବାକୁ ଲାଗିଲା, ହେ ଅଲୀ ! ମୁଁ ଏପରି ଆଶା କରି ନଥିଲି ଯେ, କୌଣସି ବ୍ୟକ୍ତି ମୋତେ ଏଭଳି ଶବ୍ଦ ଏବଂ ବାକ୍ୟ କହିବ । ପୁନଶ୍ଚ ଏତଦ୍‌ପରେ ଅମ୍ର ହ. ଅଲୀ ର.ଅଙ୍କ ନାମ ଏବଂ ବଂଶ ସଂପର୍କରେ ପଚାରିଲା ଏବଂ ହ. ଅଲୀ ର.ଅଙ୍କ କହିବା ଉତାରୁ (ପରେ) ଅମ୍ର କହିବାକୁ ଲାଗିଲା ଯେ, ହେ ଅଲୀ ! ତୁମ ପିତାଶ୍ରୀ ମୋର ବନ୍ଧୁ ଥିଲେ । ତେଣୁ ତୁମେ ଯାଅ ଓ କୌଣସି ବଡ଼ ବ୍ୟକ୍ତିଙ୍କୁ ଲଢ଼ିବାକୁ ପଠାଅ, ହ. ଅଲୀ ର.ଅଙ୍କୁ ସେ କହିଲା, ହେ ପୁତୁରା ତୁମେ ବର୍ତ୍ତମାନ ଛୋଟ ପିଲା ଅଟ । ମୁଁ ତୁମର ରକ୍ତପାତ କରିବାକୁ ଚାହୁଁ ନାହିଁ । ତେଣୁ ତୁମର ବଡ଼ ଲୋକମାନଙ୍କ ମଧ୍ୟରୁ କୌଣସି ବଡ଼ ଲୋକଙ୍କୁ ମୋ ପାଖକୁ ପଠାଅ (ପ୍ରେରଣ କର) ମୁଁ ସେମାନଙ୍କ ସହିତ ଲଢ଼ିବାକୁ ଚାହୁଁଛି, ତୁମ ସହିତ ନୁହେଁ । ହ. ଅଲୀ ର.ଅ କହିଲେ, ହେ ଅମ୍ର! ଯଦିଚ ତୁମେ ମୋର ରକ୍ତପାତ କରିବାକୁ ଚାହୁଁ ନାହଁ । କିନ୍ତୁ ମୁଁ ତୁମର ରକ୍ତପାତ କରିବାରେ କୌଣସି ଦ୍ୱିଧା ଏବଂ ଶଙ୍କୋଚ ପ୍ରକାଶ କରିବି ନାହିଁ । ପ୍ରତ୍ୟୁତ୍ତରରେ ଅମ୍ର ଉତ୍ତେଜିତ ଏବଂ ଉତ୍ୟକ୍ତ ହୋଇ ନିଜ ଅଶ୍ୱ ଉପରୁ ତଳକୁ ଡେଇଁ ପଡ଼ିଲା ଏବଂ ଅଶ୍ୱର ଖୁର କାଟି ତାକୁ ତଳେ ପକାଇଦେଲା ଏବଂ ଅଶ୍ୱକୁ ମାରିଦେଲା ଏବଂ ମୁକିବିଲା କରିବା ନିମନ୍ତେ ତଳକୁ ଓହ୍ଲାଇ ଆସିଲା । ପୁନଶ୍ଚ ଏକ ଅଗ୍ନିର ନିଆଁ ପରି ପାଗଳ ହୋଇ ହ. ଅଲୀ ର.ଅଙ୍କ ଆଡ଼କୁ ଅଗ୍ରସର ହେଲା । ସେ ହ. ଅଲୀ ର.ଅଙ୍କ ଉପରକୁ ଏତେ ଜୋରରେ ଖଡ଼୍ଗ ପ୍ରହାର କଲା ଯେ, ଅମ୍ରର ଖଡ଼୍ଗର ଦାଢ ହ. ଅଲୀ ର.ଅଙ୍କ ଢାଲକୁ ବିଦୀର୍ଣ୍ଣ କରି ଅର୍ଥାତ୍ ଚିରି ତାଙ୍କ କପାଳରେ ଯାଇ ବାଜିଲା ଏବଂ ହ. ଅଲୀ ର.ଅ ସାମାନ୍ୟ ଆହତ ହେଲେ । କିନ୍ତୁ ତତ୍‌ସହିତ ହ. ଅଲୀ ର.ଅ ଅଲ୍ଲାଃହୁ ଅକବର ଶ୍ଳୋଗାନ୍ ଦେଇ ଏପରି ପ୍ରହାର କଲେ ଯେ, ଶତ୍ରୁ ନିଜକୁ ରକ୍ଷା କରି ରହିଗଲା ଏବଂ ହ. ଅଲୀ ର.ଅଙ୍କ ଖଡ଼୍ଗ ତା'ର (ଅମ୍ରର) କାନ୍ଧକୁ କର୍ତ୍ତନ (କାଟି) କରି ତଳକୁ ଚାଲି ଆସିଲା । ଛଟପଟ ହୋଇ ଅମ୍ରର ପ୍ରାଣବାୟୁ ଉଡ଼ିଗଲା ।

କେତେକ ବର୍ଣ୍ଣନାରେ ଏହା ମଧ୍ୟ ଉଲ୍ଲେଖ ରହିଛି ଯେ, ଦୁଇଟି କଥା ପରିବର୍ତ୍ତେ ସେ ଏହା କହିଥିଲା ଯେ, ତିନୋଟି କଥା ମଧ୍ୟରୁ ଗୋଟିଏ କଥା ଅବଶ୍ୟ ସ୍ୱୀକାର କରିନିଅ । ପ୍ରଥମ କଥା ହେଲା ତୁମେ ଫେରିଯାଅ । ହ. ଅଲୀ ର.ଅ ଯେତେବେଳେ ଅମ୍ରକୁ କହିଥିଲେ ସେତେବେଳେ ତହିଁରେ ଏହି କଥା ମଧ୍ୟ ଅନ୍ତର୍ଭୁକ୍ତ ଥିଲା ଯେ, ହେ ଅମ୍ର ତୁମେ ଫେରିଯାଅ । ପ୍ରତ୍ୟୁତ୍ତରରେ ଅମ୍ର କହିଲା ଏପରି ହୋଇପାରିବ ନାହିଁ। ଦ୍ୱିତୀୟ କଥା (ବା ନିବେଦନ) ଏହା ଥିଲା ଯେ, ହ. ଅଲୀ ର.ଅ କହିଲେ, ହେ ଅମ୍ର ତୁମେ ମୁସଲମାନ ହୋଇଯାଅ । ତୃତୀୟ କଥା ଏହା ଥିଲା ଯେ, ତାହାହାଲେ ଆସ ଏବଂ ମୋ ସହିତ ମୁକାବିଲା କର । ଅମ୍ର ଯେତେବେଳେ ନିହତ ହେଲା ସେତେବେଳେ ଏହି ଦୃଶ୍ୟକୁ ଦେଖି ତା'ର ସାଥିମାନେ ଭୟଭୀତ ଓ ଆତଙ୍କିତ ହୋଇ ନିଜ ଅଶ୍ୱ ଉପରେ ଆରୋହଣ ହୋଇ ପଳାୟନ କଲେ । ହ. ଜୁବେର୍ ର.ଅ ସେମାନଙ୍କର ପିଛା କଲେ ଏବଂ ନୌଫିଲ୍ ବିନ୍ ଅବ୍ଦୁଲ୍ଲାଃର ସଂହାର କରିଦେଲେ। ଏହିପରି ଭାବରେ ସେମାନଙ୍କ ମଧ୍ୟରୁ ଆଉ ଜଣେ ବ୍ୟକ୍ତି ଯାହାର ନାମ ହୁବୈରାହ୍ ବିନ୍ ଅବୁ ୱହବ୍ ଥିଲା ସେ ହ. ଅଲୀ ର.ଅଙ୍କ ଭଉଣୀ ଉମ୍ମେ ହାନୀର ସ୍ୱାମୀ ଥିଲା। ହ. ଅଲୀ ତା' ଉପରେ ଖଡ଼୍ଗ ଦ୍ୱାରା ଏପରି ପ୍ରହାର କଲେ ଯେ, ଅଶ୍ୱର ବେକ ପଛ ପଟ ହାଡ଼ କଟିଗଲା । ଅନ୍ୟ ଏକ ବର୍ଣ୍ଣନାନୁଯାୟୀ ଅମ୍ରର ସଂହାର ପରେ ହୁବୈରାହ୍ ଓ ଜିରାର୍ ବିନ୍ ଖତ୍ତାବ୍ ହ. ଅଲୀ ର.ଅଙ୍କ ଉପରେ ଆକ୍ରମଣ କରିଦେଲା। କିନ୍ତୁ ପାଲଟା ଆକ୍ରମଣରେ ଏହି ଦୁଇ ଶତ୍ରୁ କେବଳ ପଳାୟନ କଲେ ନାହିଁ ବରଂ ହୁବୈରାହ୍ ତ' ନିଜର ଲୌହ କବଚ ଛାଡ଼ି ପଳାୟନ କଲା । ହେଲେ ହୁବୈରାହ୍ କୁରେଶମାନଙ୍କର ସର୍ବଶ୍ରେଷ୍ଠ ଅଶ୍ୱାରୋହୀ ରୂପେ ଜଣାଶୁଣା ଥିଲା ।

ଏକ ବର୍ଣ୍ଣନାନୁଯାୟୀ ଜିରାର ବିନ୍ ଖତ୍ତାବ୍ ଯେକି ହ. ଉମର୍ ର.ଅଙ୍କ ଭାଇ ଥିଲା (ସିରତୁଲ୍ ହଲବିୟାହରେ ଜିରାର୍ ବିନ୍ ଖତ୍ତାବ୍ ହ. ଉମର୍ ବିନ୍ ଖତ୍ତାବଙ୍କ ଭାଇ ବୋଲି ଉଲ୍ଲିଖିତ ହୋଇଛି । କିନ୍ତୁ ଲେଖକ ନାଁ ଲେଖିବାରେ ତ୍ରୁଟି କରିଛନ୍ତି। ଜିରାର୍ ହ. ଉମର୍ ର.ଅଙ୍କ ଭାଇ ନୁହଁ) ଜିରାର୍ ଯେତେବେଳେ ପଳାୟନ କାଲା ସେତେବେଳେ ହ. ଉମର୍ ର.ଅ ତା'ର ପିଛା କଲେ । ଜିରାର୍ ହଠାତ୍ ଅଟକିଲା ଏବଂ ହ. ଉମର୍ ର.ଅଙ୍କ ଉପରକୁ ବର୍ଚ୍ଛା ଦ୍ୱାରା ଆକ୍ରମଣ କରିଥାଆନ୍ତା କି ଅଟକିଗଲା ଏବଂ ଆକ୍ରମଣ କଲା ନାହିଁ । କେବଳ ହ. ଉମର୍ ର.ଅଙ୍କୁ ସମ୍ବୋଧିତ କରି ଏହା କହିଲା, ହେ ଉମର୍! ମୋର ଏହି ଉପକାର ମନେରଖିବ ଯେ, ମୁଁ ତୁମ ଉପରେ ଆକ୍ରମଣ କଲି ନାହିଁ । ସେହିପରି ଏହା ଉଲ୍ଲେଖ ରହିଛି ଯେ, ହ. ଉମର୍ ର.ଅ ମଧ୍ୟ ଏହି ଉପକାରକୁ ମନେ ରଖିଥିବେ । ଜିରାରର କ'ଣ ଉପକାର ଥିଲା ? ହଁ ଜିରାର୍ ଉପରେ ଅଲ୍ଲାଃତାଲାଙ୍କ ଏହି ଉପକାର ହେଲା । ସମ୍ଭବତଃ ହ. ଉମର୍ ର.ଅଙ୍କ ଏହି ଦୁଆ ଥିଲା ଯାହାକି ତା'କୁ ଲାଗିଲା । ଅର୍ଥାତ୍ ମକ୍କା ବିଜୟ ଅବସରରେ ଏହି ଜିରାର୍ ଇସଲାମ୍ ଧର୍ମ ସ୍ୱୀକାର କରିନେଲା । ପୁନଶ୍ଚ ଇସଲାମୀୟ ଯୁଦ୍ଧମାନଙ୍କରେ ଭରପୁର ରୂପେ ଅଂଶଗ୍ରହଣ କଲେ ଏବଂ ଅତ୍ୟନ୍ତ ବୀରତ୍ୱ ଓ ସାହସିକତାର ପରିଚୟ ତଥା କୌଶଳ ପ୍ରଦର୍ଶନ କଲେ । ୟମାମା ଯୁଦ୍ଧରେ ସେ ବୀରଗତି ପ୍ରାପ୍ତ କଲେ । କେତେକଙ୍କ ନିକଟରେ ଜିରାର୍ ବୀରଗତି ପ୍ରାପ୍ତ କଲେ ନାହିଁ । ବରଂ ଅନେକ ସମୟ ପର୍ଯ୍ୟନ୍ତ ଜୀବିତ ରହିଲେ ଓ ଇସଲାମ୍ ଧର୍ମ ଗ୍ରହଣ କରିବା ପରେ ମୃତ୍ୟୁବରଣ କରିଥିଲେ । ଅମ୍ର ବିନ୍ ଅବ୍ଦେ ୱୁଦ୍ର ବଧ ହେବା ପରେ ଅବିଶ୍ୱାସକାରୀମାନେ ରସୁଲୁଲ୍ଲାଃ ସ.ଅଙ୍କ ସେବାରେ ଏହି ସନ୍ଦେଶ ପ୍ରେରଣ କଲେ ଯେ, ସେ ତା'ର ଶବକୁ ଦଶ ହଜାର ଦିରହମ୍ ବଦଳରେ କ୍ରୟ କରି ନେବେ । କିନ୍ତୁ ଆପଣ ସ.ଅ ଅବିଶ୍ୱାସକାରୀମାନଙ୍କୁ କହିଲେ, ହେ ଅବିଶ୍ୱାସକାରୀମାନେ ! ତୁମେମାନେ ଏହି ପାର୍ଥିବ ଶରୀରକୁ ନେଇଯାଅ । କାରଣ ମୁଁ ମୃତକ ଅର୍ଥାତ୍ ମଲା ଲୋକଙ୍କ ମୂଲ୍ୟ ନେଉ ନାହିଁ ଓ ମୃତ ବ୍ୟକ୍ତିର ମୂଲ୍ୟ ଖାଉ ନାହିଁ ।

କେତେକ ବର୍ଣ୍ଣନା ଅନୁଯାୟୀ ନୌଫଲ୍ ବିନ୍ ଅବ୍ଦୁଲ୍ଲାଃ ଅନ୍ୟ ଏକ ଅବସରରେ ନିହିତ ହୋଇଥିଲା । ଉକ୍ତ ଘଟଣାର ବୃତ୍ତାନ୍ତ ଏହିପରି ଯେ, ଦିନେ ନୌଫଲ୍ ବିନ୍ ଅବ୍ଦୁଲ୍ଲାଃ ନିଜ ଅଶ୍ୱ ଉପରେ ଆରୋହଣ ହୋଇ ଦଉଡୁଥିଲା । ଅର୍ଥାତ୍ ସେ ଏହି ଉଦ୍ୟମ କରୁଥିଲା ଯେ, ସେ ଖନ୍ଦକ୍ (ଗର୍ତ୍ତ) ଅତିକ୍ରମ କରିଯାଉ । କିନ୍ତୁ ଅଶ୍ୱ ଗର୍ତ୍ତକୁ ଅତିକ୍ରମ କରିପାରିଲା ନାହିଁ । ଫଳତଃ ଅଶ୍ୱ ସମେତ ସେ ଗର୍ତ୍ତ ମଧ୍ୟରେ ଖସି ପଡ଼ିଲା। ଅତଏବ୍ ଏପରି ଉଦ୍ୟମ କରିବାକୁ ଯାଇ ସେ ଗର୍ତ୍ତ ମଧ୍ୟରେ ଖସି ପଡ଼ିଲା ଏବଂ ମୃତ୍ୟୁ ବରଣ କଲା । ସୁତରାଂ ଅଲ୍ଲାଃତାଲା ସେହି ଶତ୍ରୁର ସଂହାର କରିଦେଲେ। କାରଣ ଖନ୍ଦକରେ ଖସି ପଡ଼ି ତା' ବେକର ହାଡ଼ ଭାଙ୍ଗିଗଲା । **(ସିରତ୍ ଖାତମୁନ୍ ନବୀୟିନ୍, ଲେଖକ-ସାହିବ୍‌ଜାଦା ମିର୍ଜା ବଶୀର୍ ଅହେମଦ ସାହେବ ଏମ୍.ଏ ର.ଅ, ପୃ-589-588ରୁ ଉଦ୍ଧୃତ) (ଅଲ୍ ବଦାୟାହ୍ ୱନ୍ ନହାୟାହ୍, ଭାଗ-2, ପୃ-115, ଦାରୁଲ୍ କୁତୁବୁଲ୍ ଇଲମିୟାହ୍, ବୈରୁତ୍)(ସବ୍‌ଲୁଲ୍ ହୁଦା ୱର୍ ରଶ୍ଶାଦ୍, ଭାଗ-4, ପୃ-377-378, ଦାରୁଲ୍ କୁତୁବୁଲ୍ ଇଲମିୟାହ୍ ବୈରୁତ୍)(ସିରତୁଲ୍ ହଲବିୟାହ୍, ଭାଗ-3, ପୃ-20, ଦାରୁଲ୍ କୁତୁବୁଲ୍ ଇଲମିୟାହ୍, ବୈରୁତ୍) (ଅତ୍ ତବ୍‌କାତୁଲ୍ କୁବ୍ରା, ଭାଗ-2, ପୃ-283, ଦାରୁଲ୍ କୁତୁବୁଲ୍ ଇଲମିୟାହ୍ ବୈରୁତ୍) (ଅହଜାବ୍ ଯୁଦ୍ଧ, ଲେଖକ ମୁହମ୍ମଦ୍ ଅହେମଦ ବାଶ୍ମିଲ୍ ସାହେବ, ପୃ-225, ପ୍ରକାଶନ ସ୍ଥାନ-**

### ହ.ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ପବିତ୍ର କୁରଆନ୍‌କୁ ବୁଝିବା ଓ ତା' ମୁତବାକ ନହିଦାୟତ୍ ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ ଧର୍ମପରାୟଣତା)" ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Idris Khan, Jamat Ahmadiya Kerang, Mahmoodabad (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ତୁମେ ଆପୋଷରେ ଖୁବ୍ ଶୀଘ୍ର ସୁଲାହ୍ କରିନିଅ ଓ ନିଜ ଭାଇ ଭଉଣୀମାନଙ୍କ ଦୋଷକୁ କ୍ଷମା କର । କାରଣ ଦୁଷ୍ଟ ହେଉଛି ସେହି ବ୍ୟକ୍ତି ଯିଏ ନିଜ ଭାଇ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ" ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Abdul Chand & Family, Jamat Ahmadiya Kerang, Darul Anwar (Odisha)

**ନଫିସ୍ ଏକାଡ଼େମୀ, କରାଚୀ) (ଅଲ୍ ଇସାବତା ଫି ତମିଜିସ୍ ସାହାବତା, ଭାଗ-3, ପୃ-392, ଦାରୁଲ୍ କୁତୁବୁଲ୍ ଇଲମିୟାହ୍ ଲେବନାନ୍-1995 ମସିହା) (ଅସ୍ ସିରତୁନ୍ ନବୀୟାହ୍ ସ.ଅ ଲିଅବି ଅଲ୍ ହସନ୍ ଅନ୍ ନଦୱୀ, ଭାଗ-1, ପୃ-353, ସୌ-ମକ୍ତବତୁଶ୍ ଶାମିଲାହ୍)**

ଅବିଶ୍ୱାସକାରୀମାନେ ନୌଫଲ୍ ବିନ୍ ଅବଦୁଲ୍ଲାଃର ମର ଶୀରରକୁ ନେବା ନିମନ୍ତେ ଏକ ପ୍ରତିନିଧି ଦଳ ଆଁହଜରତ ସ.ଅଙ୍କୁ ଦିୟତ (ମୃତ ବ୍ୟକ୍ତିର ରକ୍ତର ମୂଲ୍ୟ ବା କୌଣସି ବ୍ୟକ୍ତିର ହସ୍ତ ଦ୍ୱାର ଅନ୍ୟ ବ୍ୟକ୍ତି ପ୍ରାଣ ହରାଏ ତେବେ ମୃତ ବ୍ୟକ୍ତିର ସନ୍ତାନ ସନ୍ତତି ଯଦି ହତ୍ୟାକାରୀ ଠାରୁ ମୃତକ ବ୍ୟକ୍ତିର ପ୍ରାଣଦଣ୍ଡ ବଦଳରେ କିଛି ଟଙ୍କା ପଇସା ନେବାକୁ ଇଚ୍ଛା ପ୍ରକାଶ କରନ୍ତି ତେବେ ଏହି ଟଙ୍କା କ୍ଷତିପୂରଣ ସ୍ୱରୂପ ଶୋକ ସନ୍ତପ୍ତ ପରିବାରକୁ ଦିଆଯାଇଥାଏ ଏହାକୁ ଦିୟତ୍ କୁହନ୍ତି)ଉପସ୍ଥାପିତ କଲା। କିନ୍ତୁ ଆପଣ ସ.ଅ କହିଲେ, ହେ ଅବିଶ୍ୱାସକାରୀମାନେ ! ଆମକୁ ମୃତ ବ୍ୟକ୍ତିର ଦିୟତର କୌଣସି ଆବଶ୍ୟକତା ନାହିଁ । ଆମେ ତୁମକୁ ନୌଫଲର ଅନ୍ତିମ ସଂସ୍କାର ଏବଂ ଶେଷ କୃତ୍ୟ ଯଥା କବର ଦେବାରୁ ଅଟକାଉ ନାହୁଁ । ତୁମେମାନେ ନିଜର ଶବକୁ ନେଇଯାଇପାର । **(ସବ୍‌ଲୁଲ୍ ହୁଦା ୱର୍ ରଶ୍ଶାଦ୍, ଭାଗ-4, ପୃ-380, ଦାରୁଲ୍ କୁତୁବୁଲ୍ ଇଲମିୟାହ୍ ବୈରୁତ୍)**

ହ. ମୁସଲେହ୍ ମଉଦ୍ ର.ଅ ନୌଫଲର ସଂହାର ବା ବଧର ଘଟଣାକୁ ମଧ୍ୟ ଏହିପରି ଭାବରେ ବର୍ଣ୍ଣନା କରିଛନ୍ତି । ଆପଣ ର.ଅ ବର୍ଣ୍ଣନା କରନ୍ତି: "ଶତ୍ରୁ ଯିଏ ଗର୍ତ୍ତ ଉପରକୁ ଆକ୍ରମଣ କରୁଥିଲା । ସେ ବେଳେବେଳେ ଉକ୍ତ ଗର୍ତ୍ତକୁ ଅତିକ୍ରମ ଏବଂ ଲମ୍ଫ ମାରି ସଫଳ ମଧ୍ୟ ହୋଇଯାଉଥିଲା । ସୁତରାଂ ଦିନେ ଅବିଶ୍ୱାସକାରୀମାନଙ୍କର ବଡ଼ ବଡ଼ ସେନାପତିମାନେ ଗର୍ତ୍ତ ଡେଇଁ ଅନ୍ୟ ପାର୍ଶ୍ୱକୁ ଆସିବାରେ ସଫଳ ହୋଇଗଲେ। କିନ୍ତୁ ମୁସଲମାନମାନେ ସେମାନଙ୍କ ଉପରେ ଏପରି ଶକ୍ତିଶାଳୀ ଆକ୍ରମଣ କଲେ ଯେ, ସେମାନଙ୍କ ନିକଟରେ ଫେରିବା ବ୍ୟତୀତ ଅନ୍ୟ କୌଣସି ଉପାୟ ନଥିଲା । ସୁତରାଂ ସେହି ସମୟରେ ଗର୍ତ୍ତକୁ ଡେଇଁବା ସମୟରେ ଅବିଶ୍ୱାସକାରୀମାନଙ୍କର ଏକ ବରିଷ୍ଠ ଅଧିପତି ଯାହାର ନାମ ନୌଫଲ୍ ଥିଲା ସେ ଗର୍ତ୍ତ ମଧ୍ୟ ପଡ଼ି ମୃତ୍ୟୁବରଣ କଲା । ଉକ୍ତ ଅଧିପତି ଜଣକ ଏତେ ବରିଷ୍ଠ ଅଧିପତି ଥିଲା ଯେ, ଅବିଶ୍ୱାସକାରୀଙ୍କ ମନରେ ଏହି ସନ୍ଦେହ ଜାତ ହେଲା ଯେ, ସେହି ବ୍ୟକ୍ତିର ଶବ ପ୍ରତି ଯଦି ଅସମ୍ମାନ ପ୍ରଦର୍ଶନ କରାଗଲା ତେବେ ଆମେ ଆରବରେ ନିଜର ମୁହଁ ଦେଖାଇ ପାରିବୁ ନାହିଁ। ସୁତରାଂ ସେମାନେ ରସୁଲୁଲ୍ଲାଃ ସ.ଅଙ୍କ ନିକଟରେ ଏହି ସନ୍ଦେଶ ପ୍ରେରଣ କଲେ ଯେ, ଯଦି ଆପଣ ସ.ଅ ନୌଫଲର ଶବକୁ ସେମାନଙ୍କୁ ହସ୍ତାନ୍ତର କରି ଦିଅନ୍ତି ତେବେ ସେମାନେ ଆପଣ ସ.ଅଙ୍କ ଦଶ ହଜାର ଦିର୍ହମ୍ ଦେବା ନିମନ୍ତେ ପ୍ରସ୍ତୁତ ଅଛନ୍ତି। ସେହି ଅବିଶ୍ୱାସକାରୀମାନଙ୍କର ତ' ଏହି ଧାରଣା ଥିଲା ଯେ, ସେମାନେ ଅର୍ଥାତ୍ ଅବିଶ୍ୱାସକାରୀମାନେ ଓହୋଦ୍ ଯୁଦ୍ଧରେ ଯେପରି ଆଁହଜରତ ସ.ଅଙ୍କ ଚଚାଙ୍କ ନାସା ଓ କର୍ଣ୍ଣ (ନାକ ଓ କାନ) କାଟି ଦେଇଥିଲେ । ଠିକ୍ ସେହିପରି ସମ୍ଭବତଃ ଆଜି ମୁସଲମାନମାନେ ମଧ୍ୟ ଆମମାନଙ୍କର (ଅବିଶ୍ୱାସକାରୀଙ୍କ) ଅଧିପତିଙ୍କର ନାକ, କାନ କାଟି ଆମ ଜାତିର ସମ୍ମାନକୁ କ୍ଷୁର୍ଣ୍ଣ କରିଦେବେ ଏବଂ ଆମମାନଙ୍କୁ ଅସମ୍ମାନିତ କରିଦେବେ । କିନ୍ତୁ ଇସ୍‌ଲାମ୍ ଧର୍ମର ଆଦେଶାବଳୀ ତ' ସଂପୂର୍ଣ୍ଣ ରୂପେ ଭିନ୍ନ ଅଟେ । ଇସ୍‌ଲାମ୍ ଧର୍ମର ଶବକୁ ଅସମ୍ମାନିତ ଏବଂ ବିକୃତ କରିବାକୁ ବାରଣ କରେ । ସୁତରାଂ ଆପଣ ସ.ଅ ସେହି ଅବିଶ୍ୱାସକାରୀମାନଙ୍କୁ କହିଲେ, ହେ ଅବିଶ୍ୱାସକାରୀମାନେ ! ଏହି ଶବ ତ' ଆମମାନଙ୍କ ନିମନ୍ତେ କିଛି ଉପାଦେୟ ନୁହେଁ ତେଣୁ ଏହି ଶବ ବଦଳରେ ଆମମାନେ (ମୁସଲମାନ ଏବଂ ଆଁହଜରତ ସ.ଅ) ତୁମ ଠାରୁ କୌଣସି ଅର୍ଥ ନେବୁ ନାହିଁ । ତୁମେମାନେ ନିଜ ମୃତକର ଶବକୁ ମହାସୁଅରେ ନେଇ ଯାଇପାର । କାରଣ ଏହି ମୃତ ବ୍ୟକ୍ତିର ପାର୍ଥିବ ଶରୀର ସହିତ ଆମମାନଙ୍କର କୌଣସି ସଂପର୍କ ନାହିଁ ।"**(ଦିବାଚା ତଫ୍‌ସିରୁଲ୍ କୁରଆନ୍, ଅନ୍ୱାରୁଲ୍ ଉଲୁମ୍, ଭାଗ-20, ପୃ-277-278)**

ହୁଜୁର ଅନ୍ୱର୍ ଅ.ବ କହିଲେ, ସେ ଯାହା ହେଉ ଏହାର ଅତିରିକ୍ତ ବିବରଣୀ ଆଗକୁ ମଧ୍ୟ ଜାରି ରହିବ । ଇନଶାଅଲ୍ଲାଃ । ଚଳିତ ସପ୍ତାହରୁ ଲଜ୍‌ନା ଏବଂ ଅନ୍‌ସାରମାନଙ୍କର ଇଜ୍‌ତିମା ଆରମ୍ଭ ହେଉଅଛି । **(ଅବଶିଷ୍ଟାଂଶ....ପୃ-10ରେ)**

## ସଦର୍ ଅଞ୍ଜୁମନ୍ ଅହେମଦିୟା କାଦିୟାନ୍‌ରେ ଡ୍ରାଇଭର (ବାହନ ଚାଳକ) ଚାକିରୀ (ପଦବୀ) ନିମନ୍ତେ ଘୋଷଣା !

(1) ପ୍ରାର୍ଥୀର ବୟସ 18 ବର୍ଷରୁ କମ ଓ 40ବର୍ଷରୁ ଉର୍ଦ୍ଧ୍ୱ ହୋଇ ନଥିବ। (2) ପ୍ରାର୍ଥୀ ସର୍ବନିମ୍ନ ଦଶମ ଶ୍ରେଣୀ ପାସ୍ କରିଥିବା ଉଚିତ୍ । (3) ପ୍ରାର୍ଥୀ ନିକଟରେ ଚାରି ଚକିଆ ଯାନ ଚଳାଇବାର ବୈଧ ଲାଇସେନ୍‌ସ୍ (ଅନୁଜ୍ଞପ୍ତି) ହେବା ଜରୁରୀ ଅଟେ । (4) ପ୍ରାର୍ଥୀ ନିମନ୍ତେ ଏହା ଆବଶ୍ୟକ ଯେ, ତା' ପାଖରେ କୌଣସି ସରକାରୀ ଅନୁଷ୍ଠାନ ହେଉ ଅବା ବେସରକାରୀ ଅନୁଷ୍ଠାନର ଡ୍ରାଇଭିଂର ସର୍ବନିମ୍ନ 2 ବର୍ଷର ବୈଧ ଡ୍ରାଇଭିଂର (ଯାନ ଚଳାଇବାର) ଅନୁଭବ ଥିବା ଉଚିତ୍ । ସେହିପରି ନିଜର ଆବେଦନ ଫର୍ମ ସହିତ ଉପର ଲିଖିତ ସର୍ତ୍ତାବଳୀ ଅନୁଯାୟୀ ପ୍ରାର୍ଥୀ ଅଭିଜ୍ଞତା ପ୍ରାପ୍ତ କରିଥିବ ଏବଂ ସେଠାକାର Experience Certificate ଉପସ୍ଥାପିତ କରିବା ମଧ୍ୟ ପ୍ରାର୍ଥୀ ପକ୍ଷେ ବାଧ୍ୟତାମୂଳକ ଅଟେ। (5) ପ୍ରାର୍ଥୀ ନିଜର ଜନ୍ମ ପ୍ରମାଣପତ୍ର ଉପସ୍ଥାପନ କରିବା ଏକାନ୍ତ ବିଧେୟ । (6) ପ୍ରାର୍ଥୀ ପାଇଁ ଲିଖିତ ପରୀକ୍ଷା ଓ ସାକ୍ଷାତକାର ଅର୍ଥାତ୍ ଇଣ୍ଟରଭ୍ୟୁରେ ଉତ୍ତୀର୍ଣ୍ଣ ହେବା ଜରୁରୀ ଅଟେ। (7) ପ୍ରାର୍ଥୀ ନିମନ୍ତେ ଲିଖିତ ପରୀକ୍ଷା ଏବଂ ସାକ୍ଷାତ୍‌କାରରେ ଉନ୍ନିତ ହେବା ସ୍ଥଳରେ ସେମାନଙ୍କର ଡ୍ରାଇଭିଂ ଟେଷ୍ଟ୍ (ବାହାନ ଚାଳନା ପରୀକ୍ଷା) ମଧ୍ୟ ନିଆଯିବ। (8) ପ୍ରାର୍ଥୀଙ୍କୁ ନୁର୍ ହସ୍ପିଟାଲ୍ କାଦିଆନ୍‌ରୁ ମେଡ଼ିକାଲ୍ ପରୀକ୍ଷା କରାଇବାକୁ ହେବ ଓ କେବଳ ସେହି ପ୍ରାର୍ଥୀମାନେ ହିଁ ସେବା ନିମନ୍ତେ ଯୋଗ୍ୟ ବିବେଚିତ ହେବେ ଯେଉଁମାନେ ନୁର୍ ହସ୍ପିଟାଲର ମେଡ଼ିକାଲ୍ ବୋର୍ଡ଼ଙ୍କ ରିପୋର୍ଟ ଅନୁଯାୟୀ ସୁସ୍ଥ ତଥା ସ୍ୱାସ୍ଥ୍ୟବାନ୍ ବିବେଚିତ ହେବେ । (9) ଚାଳକ ପ୍ରାର୍ଥୀଙ୍କୁ ଦ୍ୱିତୀୟ ଶ୍ରେଣୀ ତୁଲ୍ୟ ଆଲାଉନସ୍ (ଭତ୍ତା) ଏବଂ ଅନ୍ୟାନ୍ୟ ସୁବିଧା ସବୁ ପ୍ରଦାନ କରାଯିବ । (10) ଚୟନ ହେବା ସ୍ଥଳେ ପ୍ରାର୍ଥୀଙ୍କୁ କାଦିୟାନ୍‌ରେ ପ୍ରାରମ୍ଭିକ 5 ବର୍ଷ ପର୍ଯ୍ୟନ୍ତ ନିଜ ରହିବାର ବ୍ୟବସ୍ଥା ନିଜେ କରିବାକୁ ପଡ଼ିବ । (11) କାଦିୟାନ୍ ଯିବା ଆସିବାର ଗସ୍ତ ଖର୍ଚ୍ଚ ପ୍ରାର୍ଥୀ ନିଜେ ବହନ କରିବେ ।

**(ନୋଟ୍**: ଲିଖିତ ପରୀକ୍ଷା, ସାକ୍ଷାତ୍‌କାର, ଡ୍ରାଇଭିଂ ଟେଷ୍ଟର ତାରିଖ ସଂକ୍ରାନ୍ତରେ ପ୍ରାର୍ଥୀଙ୍କୁ ପରବର୍ତ୍ତୀ ସମୟରେ ସୂଚିତ କରି ଦିଆଯିବ)

**ଅଧିକ ତଥ୍ୟ ଜାଣିବା ନିମନ୍ତେ ଯୋଗାଯୋଗ କରନ୍ତୁ:**

**ନଜାରତ୍ ଦିୱାନ୍ ସଦର୍ ଅଞ୍ଜୁମନ୍ କାଦିୟାନର (ପିନ୍ କୋଡ୍:-143516) ମୋବାଇଲ୍ ନଂ:- 09682627592, 09682587713, କାର୍ଯ୍ୟାଳୟ:- 01872-501130, Email: diwan@qadian.in**

☆ ☆ ☆

## ସଦର୍ ଅଞ୍ଜୁମନ୍ ଅହେମଦିୟା କାଦିୟାନ୍ ଅନୁଷ୍ଠାନରେ ସେବା କରିବାକୁ ଇଚ୍ଛୁକ ବ୍ୟକ୍ତିମାନେ ଧ୍ୟାନ ଦିଅନ୍ତୁ !

**ଦ୍ୱିତୀୟ ଶ୍ରେଣୀୟ ଅଧସ୍ତନ କର୍ମଚାରୀଙ୍କ ନିମନ୍ତେ ସର୍ତ୍ତାବଳୀ :**

(1) ପ୍ରାର୍ଥୀର ବୟସ 25 ବର୍ଷରୁ ଉର୍ଦ୍ଧ୍ୱ ଓ 18 ବର୍ଷରୁ କମ ହୋଇ ନଥିବ। (2) ପ୍ରାର୍ଥୀର ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା 10+2 ରେ 45% ପ୍ରତିଶତ ନମ୍ବର ହେବା ଉଚିତ୍ । (3) ପ୍ରାର୍ଥୀ ଉର୍ଦ୍ଦୁ/ଇଂରାଜୀ କମ୍ପୋଜିଙ୍ଗ୍ (ଟାଇପିଙ୍ଗ୍) ଜାଣିଥିବା ଉଚିତ୍ ଓ ଟାଇପିଂ ସ୍ପିଡ୍ 25ଟି ଶବ୍ଦ ପ୍ରତି ମିନିଟ୍ ହେବା ଉଚିତ୍ । (4) ସାପ୍ତାହିକ ବଦର୍‌ରେ ପ୍ରକାଶିତ ଉକ୍ତ ବିଜ୍ଞପ୍ତି ପ୍ରକାଶ ପାଇବାର 2 ମାସ ମଧ୍ୟରେ ଯେଉଁ ଆବେଦନଗୁଡ଼ିକ ପ୍ରାପ୍ତ ହେବ ସେହି ଆବେଦନଗୁଡ଼ିକୁ ବିଚାରକୁ ନିଆଯିବ । (5) ଦ୍ୱିତୀୟ ସ୍ତରର ଅଧସ୍ତନ କର୍ମଚାରୀମାନଙ୍କ ପରୀକ୍ଷା ନିମନ୍ତେ ଯେଉଁ ପାଠ୍ୟଖସଡ଼ା ରହିଛି ତାହା ନିମ୍ନ ଲିଖିତ ଅଟେ । ପ୍ରଶ୍ନ ପତ୍ରର ପ୍ରତ୍ୟେକ ଭାଗରେ ଉତ୍ତୀର୍ଣ୍ଣ ହେବା ଅନିର୍ବାର୍ଯ୍ୟ ଅଟେ ।

**ପ୍ରଥମ ଭାଗ** ☆ପବିତ୍ର କୁରଆନ୍ କରୀମ୍‌ର ନାଜିରା (ଦେଖି ପାଠ କରିବା) ସଂପୂର୍ଣ୍ଣ, ପ୍ରଥମ ପାରା ଅନୁବାଦ ସହିତ ☆ଚାଲିସ୍ ଜୱାହିର ପାରା ଅନୁବାଦ ସହିତ ☆ଅର୍କାନେ ଇସ୍‌ଲାମ୍, ନମାଜ୍ ସଂପୂର୍ଣ୍ଣ ଅନୁବାଦ ସହିତ **(30 ନମ୍ବର)**

**ଦ୍ୱିତୀୟ ଭାଗ** ☆କିଶ୍‌ତି ନୁହ୍, ବର୍କାତୁଦ୍ ଦୁଆ, ଦିନି ମାଲୁମାତ୍ ☆ଅକାଏଦ୍ ଜମାଅତ୍ ଅହେମଦିୟା ☆ଦୁର୍ରେ ସମିନ୍‌ରୁ ନଜମ୍ (ଶାନେ ଇସ୍‌ଲାମ୍) **(20 ନମ୍ବର)**

**ତୃତୀୟ ଭାଗ** ☆ ଇଂରାଜୀ ଇଣ୍ଟର୍ ମିଡ଼ିଏଟ୍ (10+2) ସ୍ତର ଅନୁଯାୟୀ **(20 ନମ୍ବର)**

**ଚତୁର୍ଥ ଭାଗ** ☆ ହିସାବ୍ ମ୍ୟାଟ୍ରିକ (ଆଫିସିକ ଇମ୍ପ୍ରେଷ୍ଟ୍ ସଂପର୍କିତ ପ୍ରଶ୍ନ)**(20 ନମ୍ବର)**

**ପଞ୍ଚମ ଭାଗ** ☆ସାଧାରଣ ଜ୍ଞାନ (G.K) **(10 ନମ୍ବର)**

(6) ଲିଖିତ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ପ୍ରାର୍ଥୀମାନଙ୍କର ହିଁ ଇଣ୍ଟରଭ୍ୟୁ ହେବ । (7)ଲିଖିତ ପରୀକ୍ଷା, କମ୍ପ୍ୟୁଟର ଟେଷ୍ଟ ଓ ଇଣ୍ଟରଭ୍ୟୁରେ କୃତକାର୍ଯ୍ୟ ହେବା ସ୍ଥଳେ ପ୍ରାର୍ଥୀଙ୍କୁ ନୁର୍ ହସ୍ପିଟାଲ କାଦିୟାନ୍‌ରୁ ମେଡ଼ିକାଲ ପରୀକ୍ଷା କରାଇବାକୁ ହେବ ଓ କେବଳ ସେହି ପ୍ରାର୍ଥୀମାନେ ହିଁ ସେବା ନିମନ୍ତେ ଯୋଗ୍ୟ ବିବେଚିତ ହେବେ ଯେଉଁମାନେ ନୁର୍ ହସ୍ପିଟାଲର ମେଡ଼ିକାଲ ବୋର୍ଡ଼ଙ୍କ ରିପୋର୍ଟ ଅନୁଯାୟୀ ସୁସ୍ଥ ଓ ସ୍ୱାସ୍ଥ୍ୟବାନ୍ ବିବେଚିତ ହେବେ । (8)ଚୟନ ହେବା ସ୍ଥଳେ ପ୍ରାର୍ଥୀଙ୍କୁ କାଦିୟାନ୍‌ରେ ନିଜର ରହିବାର ବ୍ୟବସ୍ଥା ସ୍ୱୟଂ କରିବାକୁ ପଡ଼ିବ। ପରେ ରହଣୀ ସଂପର୍କିତ ପ୍ରାପ୍ତ ଆବେଦନ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯିବ ନାହିଁ । (9) ଯାତ୍ରା ବା ଗସ୍ତ ଖର୍ଚ୍ଚ କାଦିୟାନ୍ ଯିବା ଆସିବା ଇତ୍ୟାଦି ପ୍ରାର୍ଥୀ ନିଜେ ବହନ କରିବେ ।

**(ନୋଟ୍**: ପ୍ରାର୍ଥୀଙ୍କୁ ଇଣ୍ଟରଭ୍ୟୁର ତାରିଖ ସଂକ୍ରାନ୍ତରେ ପରବର୍ତ୍ତୀ ସମୟରେ ସୂଚିତ କରିଦିଆଯିବ)

**ନଜାରତ୍ ଦିୱାନ୍ ସଦର୍ ଅଞ୍ଜୁମନ୍ କାଦିୟାନର (ପିନ୍ କୋଡ୍:-143516) ମୋବାଇଲ୍ ନଂ:- 09682627592, 09682587713, କାର୍ଯ୍ୟାଳୟ:- 01872-501130, Email: diwan@qadian.in**

☆ ☆ ☆

**ପୃ-09ରେ ବର୍ଣ୍ଣିତ ଖୁତ୍‌ବା ଜୁମା 27-09-24ର ଅବଶିଷ୍ଟାଂଶ.....**

ଯେପରିକି ମୁଁ ଖୁଦାମ୍‌ମାନଙ୍କୁ, ଲଜ୍‌ନା ଓ ଅନ୍‌ସାର୍‌ମାନଙ୍କୁ ମଧ୍ୟ କହିଥିଲି ଯେ, ସେମାନେ ଏହି ଦିନମାନଙ୍କର ବିଶେଷ ରୂପେ ଦୁଆରେ ନିଜର ସମୟକୁ ଅତିବାହିତ କରନ୍ତୁ ଏବଂ ଦୁରଦ୍ ଶରୀଫ୍ ପାଠ କରିବା ପ୍ରତି ବିଶେଷ ରୂପେ ଧ୍ୟାନ ଦିଅନ୍ତୁ । ଅଲ୍ଲାଃତାଲା ଆପଣ ସମସ୍ତଙ୍କୁ ଏଥି ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ ଓ ଆପଣମାନେ କେବଳ କ୍ରୀଡ଼ା ଭିତ୍ତିକ କାର୍ଯ୍ୟକ୍ରମରେ କିମ୍ବା ଗପସପରେ ନିଜର ସମୟକୁ ଅତିବାହିତ କରନ୍ତୁ ନାହିଁ । ଇଜ୍‌ତିମାର ଯେଉଁ ଅଭିପ୍ରାୟ ରହିଛି ତାହାକୁ ଚରିତାର୍ଥ କରିବା ନିମନ୍ତେ ଆପଣାନେ ଉଦ୍ୟମ କରନ୍ତୁ । ଅଲ୍ଲାଃତାଲା ପ୍ରତ୍ୟେକ ଦୃଷ୍ଟିରୁ ଏହି ଇଜ୍‌ତିମାଗୁଡ଼ିକୁ ସାଫଲ୍ୟ ମଣ୍ଡିତ କରନ୍ତୁ ଆମିନ୍ । **(ଅଲ୍ ଫଜଲ ଇଣ୍ଟନେସ୍‌ନାଲ୍, ଅକ୍ଟୋବରର୍ ମାସ 18 ତାରିଖ, 2024 ମସିହା, ପୃ-2-6)**

☆--☆--☆

**ପୃ-2ରେ ବର୍ଣ୍ଣିତ ତଫ୍‌ସିର୍ (ବ୍ୟାଖ୍ୟା)ର ଅବଶିଷ୍ଟାଂଶ.....**

**(ଅଲ୍ ହଜ୍: 56)** ଏବଂ ହଠାତ୍ ସେମାନଙ୍କ ସମ୍ମୁଖରେ ସେହି ବିନାଶର ସମୟ ଉପସ୍ଥିତ ନହେବା ପର୍ଯ୍ୟନ୍ତ ଅବିଶ୍ୱାସକାରୀମାନଙ୍କର ଏ କୁରଆନ୍ ସଂକ୍ରାନ୍ତରେ ସନ୍ଦେହ ମୋଚନ ହେବ ନାହିଁ । ଦେଖିନିଅ ରସୁଲୁଲ୍ଲାଃ ସ.ଅଙ୍କ ପ୍ରବାସ କାଳରେ କେଉଁ ବ୍ୟକ୍ତି ଥିଲା ଯିଏ ଏହି ବିଶ୍ୱାସ ରଖୁଥିଲା ଯେ, ମକ୍କାରେ ବାସ କରୁଥିବା କିଛି ଦରିଦ୍ର ବ୍ୟକ୍ତିମାନେ କିଛି କାଳରେ ହିଁ ସମଗ୍ର ଆରବ ଭୂମିରେ ବ୍ୟାପିଯିବେ । କିନ୍ତୁ ପ୍ରବାସ ପରେ ଅର୍ଥାତ୍ ପ୍ରବାସର ଦ୍ୱିତୀୟ ବର୍ଷ ମକ୍କାର ସେହି ଅଧିପତିମାନେ ଯେଉଁମାନେ ଇସଲାମ ଧର୍ମର ଅସ୍ତିତ୍ୱକୁ ନିଶ୍ଚିହ୍ନ କରିଦେବା ନିମନ୍ତେ ନିମନ୍ତେ ଲାଗିଥିଲେ ଏବଂ ଯେଉଁ ଅଭାବି ଦରିଦ୍ର ମୁସଲମାନମାନଙ୍କ ଉପରେ ନାନା ପ୍ରକାରର ଅନ୍ୟାୟ ଓ ଅତ୍ୟାଚାର କରୁଥିଲେ ବଦର୍ ଯୁଦ୍ଧ ଭୂମିରେ ସେମାନଙ୍କୁ ଏଭଳି ଜେବହ୍ କରାଗଲା ଯେଭଳି ପାଗଳ କୁକୁରକୁ ଗାଁ ଭିତରେ ମାରି ଦିଆଯାଇଥାଏ। ହ. ନୁହ୍ ଅ.ସଙ୍କ କାଳରେ ଝଡ଼ ବାତ୍ୟା ଆସିଲା । କିନ୍ତୁ ଝଡ଼ ବାତ୍ୟା ଆସିବା ପୂର୍ବରୁ ଶେଷ ସମୟ ପର୍ଯ୍ୟନ୍ତ ଆପଣଙ୍କ ଜାତି ଆପଣଙ୍କୁ ଉପହାସ ଏବଂ ତାଛଲ୍ୟ କରୁଥିଲା । ସେହି ଜାତି ଅର୍ଥାତ୍ ନୁହ୍ ଅ.ସଙ୍କ ଜାତି ତାଙ୍କୁ ଏହା କହୁଥିଲା ଯେ, ହଁ ଆମେମାନେ ବୁଡ଼ିଯିବୁ ଏବଂ ତୁମେ ବଞ୍ଚିଯିବ । ଆମେମାନେ ଯଦି ବୁଡ଼ିଗଲୁ ତେବେ ତୁମେ ଯେଉଁ ସ୍ଥାନକୁ ପଳାୟନ କରିବ ସେହି ସ୍ଥାନଟି କେଉଁଟି ? କିନ୍ତୁ ବର୍ଷ ବର୍ଷ ଧରି ଉପହାସ ଏବଂ ତାଛଲ୍ୟ କରିବା ପରେ ଯେତେବେଳେ ବାଇବେଲ୍ କାବ୍ୟିକ ଢଙ୍ଗରେ ଶତାଧିକ ବର୍ଷର କାଳ ବୋଲି କହିଛି । ହଠାତ୍ ବାତ୍ୟା ଆସିଲା ଏବଂ ଲୋକମାନେ ବୁଡ଼ିଗଲେ। ଯେଉଁମାନେ ଆପଣ ଅ.ସଙ୍କୁ ତାଛଲ୍ୟ କରୁଥିଲେ ସେମାନେ ଦେଖିଲେ ଯେ, ଆପଣ ଅ.ସଙ୍କ ଭେଳା (ନାବ/ଡଙ୍ଗା) ପର୍ବତର ଶୀର୍ଷ ଭାଗରେ ଯାଇ ଅଟକିଗଲା । ପବିତ୍ର କୁରଆନ୍ କରୀମ ଏବଂ ବାଇବେଲରୁ ଏହା ଜ୍ଞାତ ହୁଏ ଯେ, ହ. ମୁସା ଅ.ସ ଯେତେବେଳେ ମିଶରରୁ ପଳାୟନ କଲେ ସେତେବେଳେ ଅନ୍ତିମ ସମୟ ପର୍ଯ୍ୟନ୍ତ ତାଙ୍କ ଜାତିର ଲୋକମାନେ ମଧ୍ୟ ଏହା ଭାବିଲେ ନାହିଁ ଯେ, ଆମମାନଙ୍କର ମୁକ୍ତିର ସମୟ ଆସିଯାଇଅଛି ଏବଂ ଫିରଔନ୍ ମଧ୍ୟ ଏହା କହିଲା, ଏମାନେ କିଛି ଲୋକ ଅଛନ୍ତି । ତେଣୁ ତୁରନ୍ତ ସୈନ୍ୟ ପ୍ରସ୍ତୁତ କରି ସୈନ୍ୟମାନଙ୍କୁ ଏକତ୍ରିତ କର । ଏମାନେ ଆମମାନଙ୍କ ଠାରୁ ଖସି କୁଆଡ଼େ ଯିବେ? ହ. ମୁସା ଅ.ସଙ୍କ ଜାତିକୁ ଯେତେବକଳେ ଫିରଔନ୍‌ର ସୈନ୍ୟବାହିନୀ ଦୃଶ୍ୟମାନ ହେଲା ସେତେବେଳେ ସେମାନେ କହିଲେ, فَلَمَّا تَرَآءَ الْجَمْعٰنِ قَالَ اَصْحٰبُ مُوْسٰۤى اِنَّا لَمُدْرَكُوْنَ **(ଅଶ୍ ଶୋଅରା:62)** ଅର୍ଥାତ୍ ତା' ପରେ ଯେତେବେଳେ ଉଭୟଗୋଷ୍ଠୀ ପରସ୍ପରର ସମ୍ମୁଖୀନ ହେଲେ ସେତେବେଳେ ହ. ମୁସା ଅ.ସଙ୍କ ଅନୁଗାମୀମାନେ କହିଲେ, ଆମେମାନେ ଧରାପଡ଼ିଗଲୁ । କିନ୍ତୁ ସେହି ଲୋକମାନେ ଯେଉଁମାନେ ଅଧ ଘଣ୍ଟା ପୂର୍ବରୁ ଏହା ଭାବୁଥିଲେ ଯେ, ଆମେମାନେ ବର୍ତ୍ତମାନ ଫିରଔନ୍ ହସ୍ତରୁ ଆଉ ବର୍ତ୍ତି ପାରିବୁ ନାହିଁ ଅଧ ଘଣ୍ଟା ପରେ ସେମାନେ ଏହା ଅବଲୋକନ କଲେ ଯେ, ସମ୍ରାଟର ମନ୍ତ୍ରୀମାନେ ଏବଂ ସୈନ୍ୟବାହିନୀମାନେ ଭବ୍ୟ ମର୍ଯ୍ୟାଦା ଉପରେ ନିର୍ଭର କରୁଥିଲେ ସେମାନେ ସମୁଦ୍ର ଗର୍ଭରେ ଲୀନ ହେବାକୁ ଯାଉଥିଲେ । ପୁନଶ୍ଚ ଉକ୍ତ ଶାସ୍ତିର ମହତ୍ତ୍ୱ ଆହୁରି ବୃଦ୍ଧି ପାଇଥାଏ ଯେତେବେଳେ ଆମେମାନେ ଏହା ଅବଲୋକନ କରୁ କି ଫିରଔନ୍ ସେହି ସମ୍ରାଟ୍‌ମାନଙ୍କ ମଧ୍ୟରୁ ଅନ୍ୟତମ ଥିଲା ଯିଏ ନିଜ ମୁଖକୁ ଆବୃତ୍ତ କରି ରଖୁଥିଲା । ସେ ଲୋକମାନଙ୍କ ମଧ୍ୟରେ ଏହି କଥା ପ୍ରଚାର କରିଦେଇଥିଲା ବା ଲୋକମାନଙ୍କ ମଧ୍ୟରେ ଏହି ଜନଶ୍ରୁତି ବିଖ୍ୟାତ ଥିଲା କି ଯେଉଁ ବ୍ୟକ୍ତି ଫିରଔନ୍‌ର ମୁହଁ ଚାହିଁନେବ ସେହି ବ୍ୟକ୍ତି କୁଷ୍ଠ ରୋଗରେ ଆକ୍ରାନ୍ତ ହୋଇଯିବ । କାରଣ ଫିରଔନ୍‌ର ମୁହଁ ଚାହିଁଥିବା ବ୍ୟକ୍ତି ଫିରଔନ୍‌ର ମର୍ଯ୍ୟାଦାକୁ କ୍ଷୁର୍ଣ୍ଣ କରିଥାଏ । ଅତଃ ଫିରଔନ୍ ସର୍ବଦା ନିଜ ମୁଖକୁ କପଡ଼ା ଦ୍ୱାରାଏଇଥି ପାଇଁ ଆବୃତ୍ତ କରି ରଖୁଥିଲା ଯେ, ସେ ସମସ୍ତଙ୍କୁ ସନ୍ଦେଶ ଦେବାକୁ ଚାହୁଁଥିଲା କି ସେ ଏପରି ମହାନ ପଦମର୍ଯ୍ୟାଦା ସମ୍ପନ୍ନ ସମ୍ରାଟ୍ ଯେ, ତା'ର ମୁଖ ମଣ୍ଡଳକୁ ଚାହିଁବାର ଶକ୍ତି ଦୁର୍ବଳ ଏବଂ ସବଳ ବ୍ୟକ୍ତି ମଧ୍ୟରେ ନାହିଁ । ପୁନଶ୍ଚ ସେହି ଫିରଔନ୍ (ସମ୍ରାଟ୍) ନିଜ ସଂପ୍ରଦାୟର କୌଣସି ବ୍ୟକ୍ତି ନିମନ୍ତେ ନିଜ ମୁଖମଣ୍ଡଳରୁ କପଡ଼ା ହଟାଇ ଦେଉଥିଲା ତେବେ ସେହି ବ୍ୟକ୍ତି ନିଜ ଜାତିର ଅଧିପତି ହୋଇଯାଉଥିଲା । କିନ୍ତୁ ଆଜି ତା'ର (ଫିରଔନ୍‌ର) କାହିରାହ୍‌ର ସଂଗ୍ରାହଳୟ (ମ୍ୟୁଜିୟମ୍)ରେ ପଡ଼ି ରହିଛି। ସେହି ଫିରଔନ୍‌ର ଶବ ଏବଂ ତା'ର ମୁଖକୁ ମୁଁ ସ୍ୱଚକ୍ଷୁରେ ସନ୍ 24 ଖ୍ରୀ.ଅରେ ଦେଖିଅଛି । କିନ୍ତୁ ଦେଖିଲା ବାଲା (ଦର୍ଶନକାରୀ) କେଉଁ ଆବେଗ ଓ ଉତ୍ସାହର ସହିତ ତା'ର ଶବକୁ ଦେଖିଥାଏ ? ଉତ୍ତମ ଭାବାବେଗ ଅନୁଯାୟୀ ବ୍ୟକ୍ତି ତା'ର ମୁଖ ଏବଂ ମୃତ ଶରୀରକୁ ଚାହିଁ ନଥାଏ । ବରଂ ପ୍ରତ୍ୟେକ ଦର୍ଶନକାରୀ ବ୍ୟକ୍ତି ଫିରଔନ୍ ଉପରେ ଅଭିଶାପ ପକାଇଥାଏ ଏବଂ କହିଥାଏ ଯେ, ହେ ପାପୀ, ଦୁରାଚୀରୀ ଫିରଔନ୍ ! ତୁ ହ. ମୁସା ଅ.ସଙ୍କୁ ବହୁତ ଦୁଃଖ କଷ୍ଟ ଦେଇଥିଲୁ ପରା । ହେଲେ ତୋର ଆଜି ଏ କି ଦଶା ହେଲା ? ସୁତରାଂ ଯେତେବେଳେ ଅଲ୍ଲାଃତାଲାଙ୍କ ପକ୍ଷରୁ ଶାସ୍ତି ଅବତୀର୍ଣ୍ଣ ହୁଏ ସେତେବେଳେ ସେହି ଶାସ୍ତି ଏଭଳି ସହସା ଆସିଯାଏ ଯେ, ଦେଖୁ ଦେଖୁ ମଣିଷ ସେହି ଶାସ୍ତି ସଂସ୍ପର୍ଶରେ ଆସି ଭସ୍ମୀଭୂତ ହୋଇଯାଇଥାଏ । ସୁତରାଂ ଉକ୍ତ ପ୍ରସଙ୍ଗକୁ ଅଲ୍ଲାଃତାଲା ଏହି ଆୟତ୍‌ରେ ବର୍ଣ୍ଣନା କରିଛନ୍ତି । ଅର୍ଥାତ୍ ଏହି ଲୋକମାନେ ମୁହମ୍ମଦ ସ.ଅଙ୍କ ସତ୍ୟତାରେ ଏହିପରି ଭାବରେ ସଂଶୟ ଓ ସନ୍ଦେହ ପ୍ରକାଶ କରିବେ ଏବଂ ସଂଶୟଗ୍ରସ୍ତ ହୋଇ ରହିବେ । ଏପର୍ଯ୍ୟନ୍ତକି ଦିନେ ହଠାତ୍ ସେମାନଙ୍କର ବିନାଶର ମୁହୂର୍ତ୍ତ ମଧ୍ୟ ଆସିଯିବ ଏବଂ ସେହି ଶାସ୍ତିରୁ ପଳାୟନ କରିବାର କୌଣସି ମାର୍ଗ ନଥିବ। ସେମାନଙ୍କୁ ପଳାୟନ କରିବାର ମର୍ଗ ଦୃଶ୍ୟମାନ ହେବ ନାହିଁ ଅବା ସେହି ପାପୀ ଲୋକମାନଙ୍କ ଉପରେ ଏଭଳି ଶାସ୍ତି ଅବତୀର୍ଣ୍ଣ ହେବ ଯାହା ସେମାନଙ୍କର ମର୍ଯ୍ୟାଦା ଏବଂ ସେମାନଙ୍କର ବିଭବମୂଳକ କୌଣସି ନିଦର୍ଶନକୁ ଅକ୍ଷୁର୍ଣ୍ଣ ରଖିବ ନାହିଁ । ସୁତରାଂ ମକ୍କା ବିଜୟ ମଧ୍ୟ ଏଭଳି ଏକ ମୁହୂର୍ତ୍ତ ଥିଲା ଯାହାକି ସହସା ରୂପେ ମକ୍କାର ଅବିଶ୍ୱାସକାରୀଙ୍କ ଉପରେ ଆସିଥିଲା । ଏହି ମୁହୂର୍ତ୍ତ ମକ୍କାର ଅବିଶ୍ୱାସକାରୀଙ୍କ ସମସ୍ତ ଶକ୍ତିକୁ ଏପରି ଭାବରେ କାଢି ରଖିଦେଲା ଯେପରିକି ସେହି ଅବିଶ୍ୱାସକାରୀମାନେ ହ. ମୁହମ୍ମଦ ସ.ଅଙ୍କୁ ଏବଂ ଆପଣ ସ.ଅଙ୍କର ସାଥିମାନଙ୍କୁ ଇସଲାମ୍ ଧର୍ମର ପ୍ରାରମ୍ଭିକକାଳରେ ଦୁଃଖ କଷ୍ଟ ଦେଇ ଆସୁଥିଲେ । ସେହି ଅବିଶ୍ୱାସକାରୀମାନେ ଏଭଳି ସାମର୍ଥ୍ୟହୀନ ଓ ଶକ୍ତିହୀନ ହୋଇଗଲେ ଯେ, ସେମାନେ ମୁହମ୍ମଦ ସ.ଅଙ୍କ ନିକଟରେ ବିନୀତତାମୂଳକ ନିବେଦନ କଲେ ଯେ, ହେ ମୁହମ୍ମଦ ! ଆପଣ ଆମମାନଙ୍କ ଉପରେ ଦୟାବତୀର୍ଣ୍ଣ କରନ୍ତୁ ଓ ଆମ ସହିତ ସେହି ବ୍ୟବହାର ପ୍ରଦର୍ଶନ କରନ୍ତୁ ଯେପରି ୟୁସୁଫ୍ ଅ.ସ ନିଜର ଭାଇମାନଙ୍କ ପ୍ରତି ବ୍ୟବହାର ପ୍ରଦର୍ଶନ କରିଥିଲେ । ସୁତରାଂ ସେହି ଅବିଶ୍ୱାସକାରୀମାନଙ୍କ ମଧ୍ୟରେ ଏଭଳି ଅଭୂତପୂର୍ବକ ବିପ୍ଳବ ସୃଷ୍ଟି ହେଲା ଯେ, ସେହି ଲୋକମାନେ ଯେଉଁମାନେ କାଲି ପର୍ଯ୍ୟନ୍ତ ମୁହମ୍ମଦ୍ ସ.ଅଙ୍କ ରକ୍ତ ପିପାସୁ ଥିଲେ । ସେହିମାନେ ଆପଣ ସ.ଅଙ୍କ ସୁରକ୍ଷା ନିମନ୍ତେ ନିଜର ପ୍ରାଣ ଉତ୍ସର୍ଗ କରିବା ନିମନ୍ତେ ପ୍ରସ୍ତୁତ ହୋଇଗଲେ। ସେହିପରି عَذَابُ يَوْمٍ عَقِيْمٍ ରୁ ହ. ଇବ୍‌ନେ ଅବ୍‌ବାସ୍ ର.ଅ ବୀର୍ ଯୋଦ୍ଧ ଏବଂ ସାଧକ ବୋଲି ଯଥାର୍ଥ ନେଇଛନ୍ତି । କିନ୍ତୁ ଇବ୍‌ନେ କତାଦାଙ୍କ ନିକଟରେ ଉକ୍ତ ଆୟତର ଅର୍ଥ ବଦର୍ ଯୁଦ୍ଧର ଶାସ୍ତି ଅଟେ । ଉକ୍ତ ଶାସ୍ତି ଅବିଶ୍ୱାସକାରୀଙ୍କ ମୂଳୋତ୍ପାଟନ କରି ଦେଇଥିଲା ଏବଂ ସେମାନଙ୍କର ଆଧିପତ୍ୟ ଓ ପ୍ରତିପତ୍ୟତାକୁ ଧୂଳିସାତ କରିଦେଇଥିଲା । **(ତଫ୍‌ସିର୍ କବିର୍ ଭାଗ-6, ପୃ-74, ପ୍ରକାଶନ ସ୍ଥାନ-କାଦିଆନ, 2010 ମସିହା)** ☆-☆-☆

**ବିଗତ ବଦର୍ ସଂଖ୍ୟା-43, ପୃ-12ରେ ବର୍ଣ୍ଣିତ ଖୁତ୍‌ବା ଜୁମା 19-01-2024ର ଅବଶିଷ୍ଟାଂଶ.....**

ଇରାନ୍‌ର ସମ୍ରାଟ୍ ଆଁହଜରତ ସ.ଅଙ୍କୁ ଧରିବା ନିମନ୍ତେ ଇଚ୍ଛା ବ୍ୟକ୍ତ କରିଥିଲା। କିନ୍ତୁ ବର୍ତ୍ତମାନ ସମ୍ରାଟ୍‌ର ସିପାହୀମାନେ ଆଁହଜରତ ସ.ଅଙ୍କୁ ଧରିବାକୁ ଆସି ନଥିଲେ କି କେବଳ ସନ୍ଦେଶ ନେଇ ୟମନ୍‌ର ଗଭର୍ଣ୍ଣର ଆଁଙ୍ଜରତ ସ.ଅଙ୍କ ପାଖରେ ପହଞ୍ଚି ଥିଲା । କିନ୍ତୁ ଆପଣ ସ.ଅ ସେମାନଙ୍କୁ କହିଲେ, ଯେ, ଯାଅ ନିଜର ମୁନିବ ତଥା ସମ୍ରାଟଙ୍କୁ କହିଦିଅ କି ମୁଁ ଯିବି ନାହିଁ । ତୁମର ଈଶ୍ୱରକୁ ଆମ

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

**ଅଲ୍ଲାଃତାଲା କୁହନ୍ତି:** اَلَيْسَ اللّٰهُ بِكَافٍ عَبْدَهٗ

(ଅଜ୍ ଜୁମର: 36)

ଅନୁବାଦ୍: କ'ଣ ଅଲ୍ଲାଃତାଲା ନିଜ ଭକ୍ତ ପାଇଁ ଯଥେଷ୍ଟ ନୁହନ୍ତି କି ?

**ତାଲିବେ ଦୁଆ:** Qamrun Nisa, W/o- Zainul Khan,
Jamat Ahmadiya Pankal,
Halqa Qudrat Nagar (Odisha)

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କ ମାର୍ଗରେ କିଛି ଖର୍ଚ୍ଚ କରିଥାଏ ତେବେ ଏହା ବଦଳରେ ଉକ୍ତ ବ୍ୟକ୍ତିକୁ ସାତ ଶହ ଗୁଣା ପୁଣ୍ୟ ପ୍ରାପ୍ତ ହୋଇଥାଏ ।" (ତିର୍ମିଜି, କିତାବୁ ଫଜାଇଲିଲ୍ ଜିହାଦ୍, ବାବ୍ ଫଜ୍‌ଲୁଲ୍ ଇଫ୍‌କତା ଫି ସବିଲିଲ୍ଲାହି )

**ତାଲିବେ ଦୁଆ:** Rahmat Bibi, W/o- Late Shujat Ali & Family,
Jamat Ahmadiya Kerang,
Darul Fazal (Odisha)

ଈଶ୍ୱର ମାରି ଦେଇଛନ୍ତି । ଅଲ୍ଲାଃତାଲା ସେହି ସମ୍ରାଟର ପୁତ୍ର ମନରେ ଉକ୍ତ ଆହ୍ୱାନ ସୃଷ୍ଟି କଲେ ଓ ସେ ନିଜର ପିତା ଅର୍ଥାତ୍ ସମ୍ରାଟ୍‌କୁ ହିଁ ମାରିଦେଲା । କିନ୍ତୁ ୱହୋଦ୍ ଯୁଦ୍ଧରେ ଶତ୍ରୁ ଆପଣ ସ.ଅଙ୍କ ଉପରେ ଆକ୍ରମଣ କଲା, ଆପଣ ସ.ଅଙ୍କ ଉପରେ ପଥର ବୃଷ୍ଟି କଲା, ଆପଣ ସ.ଅଙ୍କର ଦାନ୍ତ ଭାଙ୍ଗି ଗଲା, ମସ୍ତିଷ୍କରେ ଆଘାତ ଲାଗିଲା ଏବଂ ଲୌହ ମୁକୁଟର ଦୁଇଟି କଣ୍ଟା ମୁଣ୍ଡରେ ଫୁଟିଗଲା (ପଶିଗଲା) । ଆପଣ ସ.ଅ ଚେତାଶୂନ୍ୟ ହୋଇ ତଳେ ପଡ଼ିଗଲେ । ଆପଣ ସ.ଅଙ୍କ ଉପରେ କେତେକ ଆହାତ ସାହାବାମାନେ ପଡ଼ିଲେ ଓ ସାହାବାମାନେ ଏହା ଭାବିନେଲେ ଯେ, ଆପଣ ସ.ଅ ନାଉଜୁବିଲ୍ଲାଃ ଶହୀଦ୍ ହୋଇଯାଇଛନ୍ତି ।

ବର୍ତ୍ତମାନ କୌଣସି ବ୍ୟକ୍ତି କହୁ କି ଅଲ୍ଲାଃତାଲାଙ୍କୁ ଯଦି ଆଁହଜରତ ସ.ଅଙ୍କ ସମ୍ମାନର ଏତେ ଚିନ୍ତା ଥିଲା ଯେ, ଆପଣ ସ.ଅଙ୍କ ସକାଶେ ଇରାନ୍‌ର ସମ୍ରାଟକୁ ଏତେ ଦୂରରେ ଥାଇ ମାରିଦେଲେ । ତେବେ ସେହି ଈଶ୍ୱର ୱହୋଦ୍ ଯୁଦ୍ଧରେ ଅବିଶ୍ୱାସକାରୀମାନଙ୍କୁ ଆପଣ ସ.ଅଙ୍କ ଉପରକୁ ଏଭଳି ପଥର ମାରିବାକୁ କାହିଁକି ଦେଲେ ? ଉକ୍ତ ଆପତ୍ତିଟି ସଠିକ୍ ନୁହେଁ । ଏହା ଅଲ୍ଲାଃତାଲାଙ୍କ ନୀତି ଓ ତାହାଙ୍କ ତାତ୍ତ୍ୱିକପୂର୍ଣ୍ଣ ଯୁକ୍ତ ହୋଇଥାଏ । ଏହା ଏକ ରହସ୍ୟଜନିତ ପ୍ରସଙ୍ଗ ହୋଇଥାଏ । କେତେକ ଅବସରରେ ସେ ଅର୍ଥାତ୍ ସାମାନ୍ୟ କଥାକେ ଅବିଶ୍ୱାସକାରୀଙ୍କୁ ଧରି ନିଅନ୍ତି ଅର୍ଥାତ୍ ଦଣ୍ଡ ଦିଅନ୍ତି । ବେଳେବେଳେ କୌଣସି ଯୁକ୍ତି ଏବଂ ତାତ୍ତ୍ୱିକପୂର୍ଣ୍ଣ ନୀତି ଅନୁଯାୟୀ ଦୁଷ୍ଟ ପାପୀ ବ୍ୟକ୍ତିକୁ ସମୟ ଦେଇ ଥାଆନ୍ତି । କାରଣ ମନୁଷ୍ୟର ଅସହାୟ ଏବଂ ଅସାଧନ ଅବସ୍ଥା ଯେପରି ପ୍ରକଟିତ ହେଉ । **(ଖୁତ୍‌ବାତେ ମେହମୁଦ୍, ଭାଗ-21, ପୃ-227-229, ଖୁତବା ଜୁମା, ପ୍ରଦତ୍ତ- ଜୁଲାଇ ମାସ 5 ତାରିଖ 1940 ମସିହା)**

ସେ ଯାହା ହେଉ ଉକ୍ତ ଘଟଣାଟି ଜାରି ରହିଛି । ହତ୍ୟାର ମିଛ ଖବର ଓ ଗୁଜବ ପ୍ରଚାରିତ ହେବା ପରେ ସାହାବାମାନଙ୍କୁ ପୁନଃ ଆଁହଜରତ ସ.ଅ ହଠାତ୍ ଦୃଶ୍ୟମାନ ମଧ୍ୟ ହେଲେ । ଉକ୍ତ ଘଟଣାର ବିସ୍ତୃତ ବିବରଣୀରେ ଉଲ୍ଲେଖ ରହିଛି ଯେ, ହ. ଅବୁ ଉବୈଦାହ୍ ର.ଅ ହେଉଛନ୍ତି ପ୍ରଥମ ବ୍ୟକ୍ତି ଯିଏ ସେତେବେଳେ ସର୍ବ ପ୍ରଥମେ ରସୁଲୁଲ୍ଲାଃ ସ.ଅଙ୍କୁ ଚିହ୍ନିଥିଲେ ଯେ, ଆପଣ ସ.ଅ ଜୀବିତ ଅଛନ୍ତି । ହ. ଅବୁ ଉବୈଦାହ୍ ର.ଅ କୁହନ୍ତି ଯେ, ସେ ଆଁହଜରତ ସ.ଅଙ୍କୁ ଆପଣ ସ.ଅଙ୍କ ଚକ୍ଷୁ ଯୋଗୁଁ ବା ଚକ୍ଷୁ ଦ୍ୱାରା ଚିହ୍ନିଲେ । ଅର୍ଥାତ୍ ଚକ୍ଷୁ ଖୋଦ୍ (ଲୌହ ମୁକୁଟ) ତଳୁ ଜାଜ୍ଜ୍ୱଲ୍ୟମାନ ଏବଂ ଆଲୋକମୟ ଦୃଶ୍ୟମାନ ହେଉଥିଲା ।

ଖୋଦ୍ ହେଉଛି ଏପରି ଏକ ଲୌହ ମୁକୁଟ ଯାହା ଯୁଦ୍ଧ ମସୟରେ ସିପାହୀର ମୁଣ୍ଡ ଏବଂ ମୁଖର ସୁରକ୍ଷା ନିମନ୍ତେ ପିନ୍ଧା ଯାଇଥାଏ । ସେ ଯାହା ହେଉ ହ. ଅବୁ ଉବୈଦାହ୍ ର.ଅ କୁହନ୍ତି ଯେ, ମୋତେ ଚକ୍ଷୁରେ ଚମକ ଏବଂ ଆଲୋକ ରଶ୍ମୀ ଦୃଶ୍ୟମାନ ହେଉଥିଲା । ମୁଁ ଜାଣିନେଲି ଯେ, ଆଁହଜରତ ସ.ଅ ଜୀବିତ ଅଛନ୍ତି। ଅତଏବ୍ ମୁଁ ଯେମିତି ଆପଣ ସ.ଅଙ୍କୁ ଚିହ୍ନିଲି ସେତେବେଳେ ମୁଁ ସଂପୂର୍ଣ୍ଣ ବଳ ଲଗାଇ ଚିତ୍କାର କଲି ଯେ, ହେ ମୁସଲମାନମାନେ ! ତୁମମାନଙ୍କୁ ମୁଁ ଶୁଭ ସମାଚାର ପ୍ରଦାନ କରୁଛି । ହେଇ ଦେଖ ରସୁଲୁଲ୍ଲାଃ ସ.ଅ ଜୀବିତ ଅଛନ୍ତି । ଆଁହଜରତ ସ.ଅ ସେତେବେଳେ ମୋ ଆଡ଼କୁ ଅର୍ଥାତ୍ ହ.ଉବୈଦୁଲ୍ଲା ର.ଅଙ୍କ ଆଡ଼କୁ ଇଙ୍ଗିତ କରି ମୋତେ ଅଟକାଇଲେ ଏବଂ କହିଲେ, ହେ ଉବୈଦୁଲ୍ଲାଃ ! ନିରବ ରୁହ ପାଟି କର ନାହିଁ । **(ସିରତୁଲ୍ ହଲବିୟାହର ଅନୁବାଦକ, ଭାଗ-2, ପୃ-179, ପ୍ରକାଶନ ସ୍ଥାନ- ଦାରୁଲ୍ ଇଶାଅତ୍ କରାଚୀ)**

ଅନ୍ୟ ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ଆଉ ଜଣେ ସାହାବି ଥିଲେ ଯିଏ ଆଁହଜରତ ସ.ଅଙ୍କୁ ସର୍ବ ପ୍ରଥମେ ଚିହ୍ନିଥିଲେ । ସୁତାରଂ ଜଣେ ଲେଖକ ଉଲ୍ଲେଖ କରନ୍ତି ଯେ, ଗର୍ତ୍ତ ମଧ୍ୟରେ ପଡିଯିବା ପରେ ରସୁଲୁଲ୍ଲାଃ ସ.ଅଙ୍କ ସମସ୍ତ ପବିତ୍ର ଶରୀର ରକ୍ତ ଜୁଡ଼ବୁଡ଼ ଥିଲା । ଆପଣ ସ.ଅ ବାହାରକୁ ଯେତେବେଳେ ବାହାରିଲେ ସେତେବେଳେ ହ. କାଆବ୍ ବିନ୍ ମାଲିକ୍ ର.ଅ ସ୍ୱୟଂ ମଝିରୁ ଆପଣ ସ.ଅଙ୍କ ଚକ୍ଷୁ ଦେଖି ଆପଣ ସ.ଅଙ୍କୁ ଚିହ୍ନି ପକାଇଲେ ଏବଂ ଆନନ୍ଦର ସହକାରେ ଉଚ୍ଚ ସ୍ୱରରେ କହିବାକୁ ଲାଗିଲେ, يَا مَعْشَرَ الْمُسْلِمِيْنَ أَبْشِرُوْا هٰذَا رَسُوْلُ اللّٰهِ ଅର୍ଥାତ୍ ହେ ମୁସଲମାନମାନଙ୍କ ଗୋଷ୍ଠୀ ! ଆନନ୍ଦିତ ହୋଇଯାଅ । ରସୁଲୁଲ୍ଲାଃ ସ.ଅ ହେଇଟି (ଜୀବିତ) ଅଛନ୍ତି । ପ୍ରତ୍ୟୁତ୍ତରରେ ରସୁଲୁଲ୍ଲାଃ ସ.ଅଙ୍କୁ ନିରବ ରହିବାକୁ ଇଙ୍ଗିତ କଲେ। କିନ୍ତୁ ମୁସଲମାନମାନଙ୍କୁ ଯେମିତି ଯେମିତି ସୂଚନା ମିଳି ଚାଲିଲା ସେମିତି ସେମିତି ସମସ୍ତ ସାହାବାମାନେ ଆଁହଜରତ ସ.ଅଙ୍କ ଆଡ଼କୁ ଧାଇଁ ଆସିଲେ ।

ସେହି ସାହାବାମାନଙ୍କ ମଧ୍ୟରେ ହ. ଅବୁ ବକ୍କର ର.ଅ, ହ. ଉମର୍ ବିନ୍ ଖତ୍ତାବ୍ ର.ଅ, ହ. ଅଲୀ ବିନ୍ ଅବି ତାଲିବ୍ ର.ଅ, ହ. ତଲହା ବିନ୍ ଉବୈଦୁଲ୍ଲାଃ, ହ. ଜୁବୈର୍ ବିନ୍ ଅୱାମ୍ ର.ଅ, ହ. ହାରିସ୍ ବିନ୍ ସିମାହ୍ ର.ଅ ଓ ଅନ୍ୟାନ୍ୟ ମୁସଲମାନମାନେ ମଧ୍ୟ ସାମିଲ୍ ଥିଲେ । ଆପଣ ସ.ଅ ନିଜର ସେହି ସାହାବାମାନଙ୍କ ସହିତ ୱହୋଦ୍ ପର୍ବତ ଏକ ଘାଟିରେ ଆଶ୍ରୟ ନେଲେ । ମାର୍ଗରେ ଶତ୍ରୁମାନେ ଯେତେ ଆକ୍ରମଣ କଲେ ଆଁହଜରତ ସ.ଅଙ୍କ ସାହାବାମାନେ ସେହି ସମସ୍ତ ଆକ୍ରମଣର ପାଲଟା ଆକ୍ରମଣ କରି ଜବାବ୍ ଦେଲେ । **(ଦାଏରାହ୍ ମାଆରିଫ୍, ସିରତ୍ ମୁହମ୍ମଦ ସ.ଅ, ଭାଗ-6, ପୃ-537, ମକତବା ଦାରୁଲ୍ ମାଆରିଫ୍, ଲାହୋର)**

କେତେକ ପୁସ୍ତକମାନଙ୍କରେ ଯୁଦ୍ଧର ପସା ଓଲଟା ପଡ଼ିଯିବା ଯୋଗୁଁ ପରିସ୍ଥିତି ଅତ୍ୟନ୍ତ ସମ୍ବେଦନଶୀଳ ଏବଂ ଅକଥ୍ୟ ହୋଇଯାଇଥିଲା । ହଠାତ୍ ରସୁଲୁଲ୍ଲାଃ ସ.ଅ ହ. ସାଆଦ୍ ବିନ୍ ଉବାଦାହ୍ ର.ଅଙ୍କ ମଧ୍ୟରେ ପ୍ରକଟ ହେଲେ ଏବଂ ଆମେ ଆପଣ ସ.ଅଙ୍କ ଚାଲିରୁ ଆପଣ ସ.ଅଙ୍କୁ ଚିହ୍ନି ନେଲୁ । ସେତେବେଳେ ଆମ ଆନନ୍ଦର କୌଣସି ସୀମା ନଥିଲା । ଆମେ ଏପରି ଅନୁଭବ କରୁଥିଲୁ ଯେପରି ନା ଆମେ ପରାଜିତ ହୋଇଛୁ ଓ ନା ହିଁ ଆମମାନଙ୍କର କୌଣସି କ୍ଷତି ହୋଇଛି । ଯେତେବେଳେ ସମସ୍ତ ମୁସଲମାନମାନେ ଆପଣ ସ.ଅଙ୍କୁ ଦେଖିନେଲେ ଏବଂ ଚିହ୍ନିନେଲେ ସେତେବେଳେ ମୁସଲମାନମାନେ ଆପଣ ସ.ଅଙ୍କ ଆଖପାଖରେ କୀଟ ପତଙ୍ଗଙ୍କ ପରି ଏକତ୍ରିତ ହୋଇଗଲେ । ଆପଣ ସ.ଅ ସମସ୍ତ ସାହାବାମାନଙ୍କୁ ଧରି ଏକ ଘାଟି ଅଭିମୁଖେ ବାହାରି ପଡ଼ିଲେ । ସେତେବେଳେ ଆପଣ ସ.ଅଙ୍କ ସହିତ ହ. ଅବୁ ବକ୍କର ର.ଅ, ହ. ଉମର୍ ର.ଅ, ହ. ଅଲୀ ର.ଅ, ହ. ଜୁବୈର୍ ର.ଅ ଓ ହ. ହାରିସ୍ ବିନ୍ ସିମା ର.ଅଙ୍କ ଥିଲେ । **(ସିରତୁଲ୍ ହଲବିୟାହ, ଭାଗ-2, ପୃ-320, ଦାରୁଲ୍ କୁତୁବୁଲ୍ ଇଲମିୟାହ୍, ବୈରୁତ୍)**

ହ. ଖଲିଫତୁଲ୍ ମସିହ୍ ସାନି ର.ଅ ବର୍ଣ୍ଣନା କରନ୍ତି ଯେ, ମୁସଲମାନମାନଙ୍କ ନିମନ୍ତେ ଏହି ଆକ୍ରମଣ ସଂପୂର୍ଣ୍ଣ ରୂପେ ଅପ୍ରତ୍ୟାଶିତ ଏବଂ ଅନାଶାତିତ ଥିଲା । ଅତଃ ସେମାନଙ୍କ ଉପରେ ଅତ୍ୟନ୍ତ ବିବ୍ରତମୂଳକ ଅବସ୍ଥା ଓ ସ୍ଥିତ ସୃଷ୍ଟି ହୋଇଗଲା। ସେମାନେ ବିକ୍ଷିପ୍ତ ହେବା ଯୋଗୁଁ ଶତ୍ରୁପକ୍ଷର ମୁକାବିଲା କରିପାରିଲେ ନାହିଁ । ଯୁଦ୍ଧଭୂମିକୁ ଅବିଶ୍ୱାସକାରୀମାନେ ଅକ୍ତିଆର କରି ନେଇଥିଲେ ଏବଂ ଅନେକ ସାହାବାମାନେ ଉଦ୍‌ବିଗ୍ନ ତଥା ବ୍ୟାକୁଳିତ ଅବସ୍ଥାରେ ମଦିନା ଅଭିମୁଖେ ପଳାୟନ କଲେ । ଏପର୍ଯ୍ୟନ୍ତକି ରସୁଲ୍ କରୀମ୍ ସ.ଅଙ୍କ ଚତୁର୍ପାର୍ଶ୍ୱରେ କେବଳ 12 ଜଣ ସାହାବାମାନେ ରହିଗଲେ । ଏମିତି ଏକ ସମୟ ମଧ୍ୟ ଆସିଲା ଯେ, ଆଁହଜରତ ସ.ଅଙ୍କ ପାଖରେ 12ଜଣ ସାହାବାମାନେ ମଧ୍ୟ ରହିଲେ ନାହିଁ । କିନ୍ତୁ ଆପଣ ସ.ଅଙ୍କ ପାଖରେ କେବଳ 3 ଜଣ ସାହାବାମାନେ ରହିଯାଇଥିଲେ । ଅବିଶ୍ୱାସକାରୀମାନେ ବିଶକ୍ଷତଃ ଆଜରତ ସ.ଅଙ୍କ ଉପରେ ତୀର ଚାଳନା କରିବାକୁ ଆରମ୍ଭ କରିଦେଲେ। କିନ୍ତୁ ଏହିସବୁ ଘଡ଼ିସନ୍ଧି ମୁହୂର୍ତ୍ତରେ ଆପଣ ସ.ଅ ଅହରହ ଶତ୍ରୁ ସହିତ ମୁକାବିଲା କରିବାରେ ଛିଡ଼ା ହୋଇଥିଲେ ଏବଂ ନିଜ ସ୍ଥାନରୁ ହଟିଲେ ନାହିଁ । ପରିଶେଷରେ ଶତ୍ରୁ ସହସା ଭିଡ଼ କରିଦେଲେ ଏବଂ ସେହି ସ୍ୱଳ୍ପ ଲୋକ ଅର୍ଥାତ୍ ସାହାବାମାନଙ୍କୁ ଠେଲି ଦିଆଗଲା ଏବଂ ରସୁଲୁଲ୍ଲାଃ ସ.ଅ ଆହତ ହୋଇ ଗର୍ତ୍ତ ମଧ୍ୟରେ ଖସି ପଡ଼ିଲେ। କେତେକ ସାହାବାମାନେ ଯେଉଁମାନେ ଆପଣ ସ.ଅଙ୍କ ସୁରକ୍ଷା କରୁଥିଲେ ସେମାନେ ଶହୀଦ୍ ହୋଇ ଆପଣ ସ.ଅଙ୍କ ଉପରେ ପଡ଼ିଗଲେ । ସାହାବାମାନେ ଆପଣ ସ.ଅଙ୍କ ଉପରେ ଶହୀଦ ହୋଇ ପଡ଼ିବାରୁ ଆପଣ ସ.ଅ ସାହାବାମାନଙ୍କ ଶବ ତଳେ ଚାପି ହୋଗଲେ । ଏହିପରି ଭାବରେ ରସୁଲ୍ କରୀମ୍ ସ.ଅ କିଛି ସମୟ ପାଇଁ ସାହାବାମାନଙ୍କ ଦୃଷ୍ଟିରୁ ଅଦୃଶ୍ୟ ହୋଇଗଲେ । ସୈନ୍ୟବାହିନୀ ମଧ୍ୟରେ ଏହି ଗୁଜବ ପ୍ରଚାର ହୋଇଗଲା ଯେ, ରସୁଲୁଲ୍ଲାଃ **ନାଉଜୁବିଲ୍ଲାଃ** ଶହୀଦ୍ ହୋଇଯାଇଛନ୍ତି। ଉକ୍ତ ସୂଚନାଟି ସାହାବାମାନଙ୍କ ନିମନ୍ତେ ଅତ୍ୟନ୍ତ ସମସ୍ୟାପୂର୍ଣ୍ଣ ସାବ୍ୟସ୍ତ ହେଲା ଏବଂ ମୁସଲମାନ ସାହାବାମାନଙ୍କର ରହିଯାଇଥିବା ସାହାସ ମଧ୍ୟ ଶେଷ ହେବାକୁ ଲାଗିଲା । ଯେଉଁ ସାହାବାମାନେ ସେତେବେଳେ ଆପଣ ସ.ଅଙ୍କ ଆଖପାଖରେ ଉପସ୍ଥିତ ଥିଲେ ଏବଂ ଯେଉଁମାନେ ଜୀବିତ ଥିଲେ ସେମାନେ ଶବକୁ ହଟାଇ ଆଁହଜରତ ସ.ଅଙ୍କୁ ଗର୍ତ୍ତ ମଧ୍ୟରୁ ବାହାରକୁ ବାହାର କଲେ । ଏତଦପରେ ସାହାବାମାନେ ଆପଣ ସ.ଅଙ୍କ ସୁରାକ୍ଷା ନିମନ୍ତେ ଆପଣ ସ.ଅଙ୍କ ଆଖପାଖରେ ଛିଡ଼ା ହୋଇଗଲେ । **(ତଫ୍‌ସିର୍ କବିର୍, ଭାଗ-9, ପୃ77)**

ଆଁହଜରତ ସ.ଅ ଯେତେବେଳେ ଅବିଶ୍ୱାସକାରୀମାନଙ୍କ ବଳୟକୁ ଭେଦ କରି ବାହାରି ଆସି ନିଜର ପ୍ରାଣୋତ୍ସର୍ଗୀ ସାହାବାମାନଙ୍କ ସହିତ ଘାଟି ଅଭିମୁଖେ ଯାଉଥିଲେ ସେତେବେଳେ ଉସ୍‌ମାନ୍ ବିନ୍ ଅବ୍‌ଦୁଲ୍ଲାଃ ବିନ୍ ମୁଗିରାହ୍ ଏକ କୃଷ୍ଣକାୟ ଏବଂ ଧବଳ (କଳା ଓ ଧଳା) ଅଶ୍ୱ (ଘୋଡ଼ା) ଉପରେ ବସି ଆଁହଜରତ ସ.ଅଙ୍କ ଆଡ଼କୁ ଅଗ୍ରସର ହେଲା । ସେ ଆପାଦ ମସ୍ତକ ଲୌହ କବଚ ଦ୍ୱାରା ଆବୃତ୍ତ ହୋଇଥିଲା ଏବଂ ସେ ସେହି ଘାଟି ଆଡ଼କୁ ଅଗ୍ରସର ହେଉଥିଲା ଯେଉଁଆଡ଼କୁ ଆଁହଜରତ ସ.ଅ ଯାଉଥିଲେ । ସେ ଏହା କହୁଥିଲା ଯେ, ଆଁହଜରତ ସ.ଅ ଜୀବିତ ନଚେତ୍ ଅବା ମୁଁ ଜୀବିତ ରହିବି । ଆଁହଜରତ ସ.ଅ ଉସ୍‌ମାନ୍ ବିନ୍ ଅବ୍‌ଦୁଲ୍ଲାଃ ବିନ୍ ମୁଗିରାହର ସ୍ୱର ଶୁଣି ଅଟକିଗଲେ । ସେତେବେଳେ ଉସ୍‌ମାନ୍‌ର ଅଶ୍ୱ ଗର୍ତ୍ତ ମଧ୍ୟରେ ଝୁଣ୍ଟି ଉକ୍ତ ଗର୍ତ୍ତ ମଧ୍ୟରେ ଖସି ପଡ଼ିଲା । ହ. ହାରିସ୍ ର.ଅ ସେତେବେଳେ ତା' ଅଭିମୁଖେ ଧାଇଁଲେ । କିଛି ସମୟ ପର୍ଯ୍ୟନ୍ତ ଉଭୟଙ୍କ ମଧ୍ୟରେ ଖଡ଼୍‌ଗ ଚାଲିଲା । ଦୁହେଁ ପରସ୍ପର ଉପରେ ପ୍ରହାର କଲେ । ସହସା ହ. ହାରିସ୍ ବିନ୍ ସିମ୍ମା ତା' ପାଦକୁ ତୀର ମାରିଦେଲେ । ଉସ୍‌ମାନ୍ ସେହି ଆଘାତ ଲାଗିବା ଫଳରେ ବସି ପଡ଼ିଲା । ସେତେବେଳେ ହାରିସ୍ ର.ଅ ତା'ର କାମ ତମାମ୍ କରିଦେଲେ ଏବଂ ତା'ର ଲୌହ କବଚ ଏବଂ ଲୌହ ମୁକୁଟ ତା' ମୁଣ୍ଡରୁ ବାହାର କରିନେଲେ । ରସୁଲୁଲ୍ଲାଃ ସ.ଅ ଯେତେବେଳେ ଏହି ଦୃଶ୍ୟ ଦେଖିଲେ ସେତେବେଳେ ଆପଣ ସ.ଅ କହିଲେ, ଭଗବାନଙ୍କର ଅଶେଷ ଅଶେଷ ଧନ୍ୟବାଦ ଓ କୃତଜ୍ଞ ଯେ, ସେ ଏହି ପାପୀର ସଂହାର କରିଦେଲେ । ସେହି ସମୟରେ ଉବୈଦୁଲ୍ଲାଃ ବିନ୍ ଜାବିର୍ ଆମରି ହ. ହାରିସ୍ ର.ଅଙ୍କ ଉପରେ ଆକ୍ରମଣ କଲା ଓ ତାଙ୍କର କାନ୍ଧ ଉପରେ ଆକ୍ରମଣ କରି ତାଙ୍କୁ ଆହତ କରିଦେଲା । ହ. ହାରିସ୍ ର.ଅଙ୍କ ସାଥି ତାଙ୍କୁ ଟେକି ନେଇଗଲେ । ତତ୍‌ସହିତ ହ. ଅବୁ ଦୁଜାନା ର.ଅ ଲମ୍ଫ ମାରି ଉବୈଦୁଲ୍ଲାଃ ଉପରେ ଆକ୍ରମଣ କରିଦେଲେ ଓ ତା'କୁ ନିଜର ଖଡ଼୍‌ଗ ଦ୍ୱାରା ବଧ କରି ଫେରି ଆସି ରସୁଲ୍ଲଲାଃ ସ.ଅଙ୍କ ପାଖକୁ ଆସିଗଲେ । **(ସିରତୁଲ୍ ହଲବିୟାହ, ଭାଗ-2, ପୃ-321, ଦାରୁଲ୍ କୁତୁବୁଲ୍ ଇଲମିୟାହ୍, ବୈରୁତ୍)**

EDITOR
Qamarul Haque Khan
Sub-Editor : SAYED ATAUL WAHAB
Mob : (+91) 8437782443
website : www.akhbarbadr.in

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUN ODI/2016/68750
The Weekly BADAR Qadian
Qadian - 143516 Distt. Gurdaspur (Pb.)
Postal Reg. No.GDP-40/2023-2025 Vol. 9 Thursday 31 OCTOBER-7 November 2024 Issue No. 44-45

MANAGER
SHAIKH MUJAHID AHMAD
Mobile. : +91 99153 79255
e-mail :managerbadrqnd@gmail.com

ମକ୍କାର ଉବେି ବିନ୍ ଖଲଫ୍ ନାମକ ଜଣେ ଅଧିପତି ଆଁହଜରତ ସ.ଅଙ୍କ ଉପରେ ଆକ୍ରମଣ କରିଥିବାର ମଧ ଚର୍ଚ୍ଚା ମିଳେ । ଆଁହଜରତ ସ.ଅ ଯେତେବେଳେ ଘାଟି ଅଭିମୁଖେ ଯାଉଥିଲେ ସେତେବେଳେ ଉବେି ବିନ୍ ଖଲଫ୍ ସେହି ଆଡ଼େ ଚାଲି ଆସିଲା । ଉବେି ବିନ୍ ଖଲ୍ଫ୍ ବଦର୍ ଯୁଦ୍ଧରେ ବନ୍ଦୀ ହେବା ଯୋଗୁଁ ଫିଦିୟା (କଏଦୀକୁ ମୁକୁଳାଇବା ନିମନ୍ତେ ଦିଆଯାଉଥିବା ଅର୍ଥ) ପୈଠ କରିଥିଲା । ସେ କହିଲା, ମୋ ପାଖରେ ଉଦ୍ ନାମକ ଅଶ୍ୱ ରହିଛି । ଏହି ଅଶ୍ୱକୁ ମୁଁ ପ୍ରତ୍ୟେକ ଦିନ ଫରକ୍ ଅର୍ଥାତ୍ ସାଢେ 7 କେଜି (କି.ଗ୍ରା) ମକ୍କା ଦାନା ଖୋଉଛି । ଏହି ଅଶ୍ୱଟି ଖୁବ୍ ଶକ୍ତିଶାଳୀ ଅଟେ ଏବଂ ଅତ୍ୟନ୍ତ ସ୍ୱାସ୍ଥ୍ୟବାନ୍ ଅଶ୍ୱ ଅଟେ । ମୁଁ ସେହି ଅଶ୍ୱ ଉପରେ ଆରୋହଣ ହୋଇ ମୁହମ୍ମଦ ସ.ଅଙ୍କୁ ହତ୍ୟା କରିଦେବି । ଆପଣ ସ.ଅଙ୍କ ନିକଟରେ ଯେତେବେଳେ ତା'ର ଉକ୍ତ ସନ୍ଦେଶ ପହଞ୍ଚିଲା ସେତେବେଳେ ଆପଣ ସ.ଅ କହିଲେ, ନାହିଁ ! ବରଂ ମୁଁ ତା'ର ବଧ କରିଦେବି । ଏକ କଥନ ଏହା ମଧ ରହିଛି ଯେ, ଉବେି ବିନ୍ ଖଲ୍ଫ୍ ଉକ୍ତ କଥା ହିଜ୍ରତ୍ (ପ୍ରବାସ) ପୂର୍ବରୁ ମକ୍କା ଠାରେ ଆପଣ ସ.ଅଙ୍କୁ କହିଥିଲା। ଅତଏବ୍ ଯେତେବେଳେ ଓହୋଦ୍ ଯୁଦ୍ଧ ହେଲା ସେତେବେଳେ ହୁଜୁର ସ.ଅ ନିଜର ସାହାବାମାନଙ୍କୁ କହିଲେ, ହେ ସାହାବାମାନେ ! ମୁଁ ଏହି ଆଶଙ୍କା କରୁଛି ଯେ, ଉବେି ବିନ୍ ଖଲଫ୍ ମୋ ପଛେ ପଛେ ମୋ ଉପରେ ଆକ୍ରମଣ କରିଦେବ । ତେଣୁ ତୁମେମାନେ ଯେତେବେଳେ ତାକୁ ଦେଖିବ ସେତେବେଳେ ମୋତେ କହିଦେବ ଯେ, ସେ ଆସୁଛି । ସେ ଲୌହ କବଚ ପରିଧାନ (ପିନ୍ଧି) କରି ଅଶ୍ୱକୁ ଦଉଡ଼ାଇ ଆସୁଥିଲା। ହୁଜୁର ସ.ଅ ମଧ ତା'କୁ ଦେଖିନେଲେ । ସେ କହୁଥିଲା ଯେ, ମୁହମ୍ମଦ ସ.ଅ ମଧ ତା'କୁ ଦେଖି ପକାଇଛନ୍ତି । ସେ (ଅବ୍ଦୁଲ୍ଲାଃ ବିନ୍ ଖଲ୍ଫ୍) କହୁଥିଲା ଯେ, ମୁହମ୍ମଦ୍ (ସ.ଅ) କେଉଁଠି ? ସେ ଯଦି ବର୍ତ୍ତି (ଜୀବିତ ରହିଗଲେ) ଗଲେ ମୁଁ ବର୍ତ୍ତି ପାରିବି ନାହିଁ । ହ. ମୁସ୍ଅବ୍ ବିନ୍ ଉମୈର୍ ର.ଅ ତା' ସମ୍ମୁଖରେ ଆସିଗଲେ। ସେ ଆପଣ ସ.ଅଙ୍କ ରକ୍ଷା କରୁଥିଲେ । ସେ ଅର୍ଥାତ୍ ଅବ୍ଦୁଲ୍ଲାଃ ବିନ୍ ଖଲ୍ଫ୍ ହ. ମୁସ୍ଅବ୍ ବିନ୍ ଉମୈର୍ ର.ଅଙ୍କୁ ଶହୀଦ୍ କରିଦେଲା । ସାହାବାମାନେ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଅବ୍ଦୁଲ୍ଲାଃ ବିନ୍ ଉବେି ବିନ୍ ଖଲଫ୍ ଆପଣ ସ.ଅଙ୍କ ଆଡ଼କୁ ଧାଇଁ ଆସୁଛି । ଆପଣ ଯଦି ଚାହୁଁଛନ୍ତି (ଆମମାନଙ୍କୁ ଅନୁମତି ଦିଅନ୍ତି) ତେବେ ଆମମାନଙ୍କ ମଧ୍ୟରୁ କେହି ତା'ର କାମ ତମାମ କରିଦେବ ।

ଅନ୍ୟ ଏକ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ସାହାବାମାନେ ତା' ସମ୍ମୁଖକୁ ଚାଲି ଆସିଲେ । ଆପଣ ସ.ଅ କହିଲେ: ହେ ସାହାବାମେନ ! ତା'କୁ ଛାଡ଼ିଦିଅ, ତା' ମାର୍ଗରୁ ହଟିଯାଅ । ସେ ଯେତେବେଳେ ଆପଣ ସ.ଅଙ୍କ ନିକଟବର୍ତ୍ତୀ ହୋଇଗଲା ସେତେବେଳେ ଆପଣ ସ.ଅ କହିଲେ: "ହେ ମିଥ୍ୟାବାଦୀ ! କୁଆଡ଼େ ପଳାୟନ କରୁଛୁ ? ହୁଜୁର ସ.ଅ ହ. ହାରିସା ବିନ୍ ସିମା ର.ଅଙ୍କ ଠାରୁ ବର୍ଚ୍ଛା ନେଲେ । ଅନ୍ୟ ଏକ କଥନ ଅନୁଯାୟୀ ହ. ଜୁବୈର୍ ବିନ୍ ଅୱାମ୍ ର.ଅଙ୍କ ଠାରୁ ବର୍ଚ୍ଛା ନେଲେ । ଆପଣ ସ.ଅ ସିହରି ଗଲେ (ଥରି ଉଠିଲେ) । ସାହାବାମାନେ ଆପଣ ସ.ଅଙ୍କ ଠାରୁ ଏପରି ଦୂରେଇ ଗଲେ ଯେପରି ଓଟର ଅଣ୍ଟାରୁ ମାଛିମାନେ ଦୁରେଇ ଯାଆନ୍ତି। ଆପଣ ସ.ଅ ଅବ୍ଦୁଲ୍ଲାଃ ବିନ୍ ଉବେି ବିନ୍ ଖଲ୍ଫ ସମ୍ମୁଖକୁ ଆସିଲେ ଏବଂ ତା'ର ବେକରେ ବର୍ଚ୍ଛା ପ୍ରହାର କଲେ କିମ୍ବା ଲୌହ ମୁକୁଟ ଏବଂ ପରିହତ ଲୌହ କବଚ ପୋଷାକ ମଧ୍ୟବର୍ତ୍ତୀ ସ୍ଥାନରେ ଦୃଶ୍ୟମାନ ହେଉଥିବା ସ୍ଥାନରେ ବର୍ଚ୍ଛା ମାରିଲେ ଅର୍ଥାତ୍ ପ୍ରହାର କଲେ । ଆଁହଜରତ ସ.ଅଙ୍କ ଉକ୍ତ ବର୍ଚ୍ଛା ପ୍ରହାର ଯୋଗୁଁ ସେ ନିଜର ଅଶ୍ୱ ଉପରୁ ଅନେକ ଥର ତଳକୁ ଭାରସାମ୍ୟ ହରାଇ ଖସି ପଡୁଥିଲା । ସେ ବଳଦ ପରି ହାପୁଡ଼ି ନେବାକୁ ଲାଗିଲା । ତା' ବେକ ଉପରେ ସାଧାରଣ ଆଘାତ ବାଜିଥିଲା ଫଳତଃ ତା'ର ରକ୍ତସ୍ରାବ ବନ୍ଦ ହୋଇ ଯାଇଥିଲା । ତା'ର ପିଞ୍ଜରା ହାଡ଼ ମଧ୍ୟରୁ ଗୋଟିଏ ହାଡ଼ ଭାଙ୍ଗି ଯାଇଥିଲା । ସେ ନିଜ ସଂପ୍ରଦାୟ ଆଡ଼କୁ ଫେରିଗଲା (ଧାଇଁଲା) ଏବଂ କହିବାକୁ ଲାଗିଲା, ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ! ଆରବ୍ୟ ମୁହମ୍ମଦ ସ.ଅ ମୋର ସଂହାର କରି ଦେଇଛନ୍ତି । ଅବ୍ଦୁଲ୍ଲାଃ ବିନ୍ ଉବେି ବିନ୍ ଖଲ୍ଫକୁ ତା' ସଂପ୍ରଦାୟର ଲୋକମାନେ କହିଲେ, ହେ ଅବ୍ଦୁଲ୍ଲାଃ ! ତୋ ମନ ବୋଧେ ଭାଙ୍ଗି ଯାଇଛି । ଆମେ ଈଶ୍ୱରଙ୍କ ଶପଥ କରି କହୁଛୁ ତୋର କିଛି ହୋଇ ନାହିଁ । ସାମାନ୍ୟ ଆଘାତ ଟିକେ ବାଜିଛି ତୋତେ । ଯଦି ଆମମମାନଙ୍କ ମଧ୍ୟରୁ କାହା ଆଖିରେ ବି ଏତେ ଆଘାତ ଲାଗିଥାଆନ୍ତା ତେବେ ତାହାକୁ କିଛି ହୋଇ ନଥାଆନ୍ତା । ସେ କହିଲା, ମୁଁ ଲାତ୍ ଓ ଉଜ୍ଜାଙ୍କର ଶପଥ କରି କହୁଛି ! ଯେଉଁ ଆଘାତ ମୋତେ ବାଜିଛି ଯଦି ଜୁଲ୍ ମଯାଜ୍ ବାସୀ କିମ୍ବା ରବିୟା ଓ ମୁଜର୍ ସଂପ୍ରଦାୟକୁ ବାଜିଥାଆନ୍ତା ତେବେ ସମସ୍ତେ ପ୍ରାଣ ହରାଇ ଥାଆନ୍ତେ । ସେ (ମୁହମ୍ମଦ ସ.ଅ) ମୋତେ ପବିତ୍ର ଭୂମି ମକ୍କାରେ କହିଥିଲା, ହେ ଅବ୍ଦୁଲ୍ଲାଃ ମୁଁ ତୋର ସଂହାର କରିବି ।"

ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ସେ ଯଦି ଅର୍ଥାତ୍ ମୁହମ୍ମଦ ସ.ଅ ମୋ ଉପରେ ଯଦି ଛେପ ବି ପକାଇ ଦେଇଥାଆନ୍ତା ତେବେ ମୁଁ ମରିଯାଇ ଥାଆନ୍ତି । ଅବିଶ୍ୱାସକାରୀମାନେ ଯେତେବେଳେ ଫେରୁଥିଲେ ସେତେବେଳେ ଅବ୍ଦୁଲ୍ଲାଃ ବିନ୍ ଉବେି ବିନ୍ ଖଲଫ୍ ସରଫ୍ ନାମ ସ୍ଥାନରେ ନର୍କଗାମୀ ହୋଇଗଲା (ମୃତ୍ୟୁବରଣ କଲା) । ସରଫ୍ ଏକ ବୃହତ୍ ଉପତ୍ୟକା ଅଟେ । ଆଜିକାଲି ସେହି ସ୍ଥାନକୁ ନୱାରିୟାହ୍ ବୋଲି କୁହାଯାଏ । ହଜ୍ଜତୁଲ୍ ୱଦାର ମଦିନା ଠାରୁ ଉକ୍ତ ସ୍ଥାନର ଦୂରତା 7 କି.ମି ଥିଲା । ଉକ୍ତ ସ୍ଥାନଟି ତନ୍ଇମ୍ ନିକଟବର୍ତ୍ତୀ ମକ୍କା ଠାରୁ 10 ମାଇଲ୍ ବ୍ୟବଧାନରେ ଅବସ୍ଥିତ ଅଟେ । **(ସବ୍ଲୁଲ୍ ହୁଦା ୱର୍ ରଶ୍ଶାଦ୍, ଭାଗ-4, ପୃ-208, ଦାରୁଲ୍ କୁତୁବୁଲ୍ ଇଲ୍ମିୟାହ୍ ବୈରୁତ୍) (ଜିବନୀ ଇନ୍ସାଇକ୍ଲୋପିଡ଼ିଆ, ଭାଗ-6, ପୃ-274, ଦାରୁସ୍ ସଲାମ୍) (ଜୀବନୀ ଶବ୍ଦକୋଷ, ପୃ-147, ପ୍ରକାଶନ ସ୍ଥାନ- ଜୱାର୍ ଏକାଡ଼େମୀ, କରାଚୀ)**

ହ. ମିର୍ଜା ବଶୀର୍ ଅହେମଦ୍ ସାହେବ ଉଲ୍ଲେଖ କରନ୍ତି ଯେ, କୁରୈଶ୍ମାନେ ଯେତେବେଳେ ଟିକିଏ ପଛକୁ ଘୁଞ୍ଚିଲେ ଏବଂ ଯେଉଁ ମୁସଲମାନମାନେ ଯୁଦ୍ଧଭୂମିରେ ଉପସ୍ଥିତ ଥିଲେ ସେମାନେ ଆଁହଜରତ ସ.ଅଙ୍କୁ ଚିହ୍ନି ଆପଣ ସ.ଅଙ୍କ ଆଖପାଖରେ ଏକତ୍ରିତ ହୋଇଗଲେ । ତେବେ ଆପଣ ସ.ଅ ନିଜର ସାହାବାମାନଙ୍କ ସହିତ ଏକାଠି ହୋଇ ଧୀରେ ଧୀରେ ପର୍ବତ ଉପରେ ଚଢି ଏକ ସୁରକ୍ଷିତ ସ୍ଥାନରେ ପହଞ୍ଚିଗଲେ। ମାର୍ଗରେ ମକ୍କାର ଜନୈକ ଅଧିପତି ଯାହାର ନାମ ଅବ୍ଦୁଲ୍ଲାଃ ବିନ୍ ଉବେି ବିନ୍ ଖଲ୍ଫ୍ ଥିଲା ତା'ର ଦୃଷ୍ଟି ଆପଣ ସ.ଅଙ୍କ ଉପରେ ପଡ଼ିଲା ଏବଂ ସେ ଦ୍ୱେଷାଭାବ ଓ ଶତ୍ରୁତାରେ ଅନ୍ଧ ହୋଇଯାଇ ଏହି ଶବ୍ଦ କହି ଆପଣ ସ.ଅଙ୍କ ଆଡ଼କୁ ଧାଇଁଲା ଯେ, لَا نَجَوْتُ اِنْ نَجَا ଅର୍ଥାତ୍ ମୁହମ୍ମଦ ସ.ଅ ଯଦି ଏଠାରୁ ବର୍ତ୍ତି (ଜୀବିତ) ପଳାଇଗଲା ତେବେ ମୁଁ ଆଉ ବର୍ତ୍ତି (ଜୀବିତ ରହି ପାରିବ) ପାରିବ ନାହିଁ । ସାହାବାମାନେ ତା'କୁ ଅଟକାଇବାକୁ ଚାହିଁଲେ । କିନ୍ତୁ ଆଁହଜରତ ସ.ଅ କହିଲେ, ତା'କୁ ଛାଡ଼ିଦିଅ ଏବଂ ତା'କୁ ମୋ କତିକୁ (ପାଖକୁ) ଆସିବାକୁ ଦିଅ । ଅବ୍ଦୁଲ୍ଲାଃ ବିନ୍ ଉବେି ବିନ୍ ଖଲ୍ଫ୍ ଯେତେବେଳେ ଆପଣ ସ.ଅଙ୍କ ଉପରେ ଆକ୍ରମଣର ଉଦ୍ଦେଶ୍ୟ ନେଇ ଆପଣ ସ.ଅଙ୍କ ନିକଟରେ ପହଞ୍ଚିଲା ସେତେବେଳେ ଆପଣ ସ.ଅ ଏକ ବର୍ଚ୍ଛା ଧରି ତା' ଉପରେ ପ୍ରହାର କଲେ । ଫଳତଃ ମୁଣ୍ଡ ବୁଲାଇ ସେ ତଳେ ପଡ଼ିଗଲା ଏବଂ ପୁନଃ ଉଠି ଚିତ୍କାର କରି ସେଠାରୁ ପଳାୟନ କଲା । ପ୍ରକାଶ୍ୟ ରୂପେ କ୍ଷତ ଅଧିକ ଗମ୍ଭୀର ନଥିଲା । କିନ୍ତୁ ମକ୍କା ପହଞ୍ଚିବା ପୂର୍ବରୁ ସେ ମାଟିରେ ମିଶିଗଲା ଅର୍ଥାତ୍ ମୃତ୍ୟୁବରଣ କରି ନର୍କଗାମୀ ହେଲା । **(ସିରତ୍ ଖାତମୁନ୍ ନବୀୟିନ୍, ଲେଖକ-ସାହିବ୍ଜାଦା ମିର୍ଜା ବଶୀର୍ ଅହେମଦ ସାହେବ ଏମ୍.ଏ ର.ଅ, ପୃ-497)**

ଆଁହଜରତ ସ.ଅ ନିଜର ସାହାବାମାନଙ୍କ ସହିତ ଘାଟିରେ ପହଞ୍ଚିଲେ । ଏଥି ସଂକ୍ରାନ୍ତରେ ଇବ୍ନେ ଇସ୍ହାକ୍ (ଇତିହାସବିତ୍) ବର୍ଣ୍ଣନା କରନ୍ତି: "ରସୁଲୁଲ୍ଲାଃ ସ.ଅଙ୍କ ଶାହାଦତ୍ର ଘୋଷଣା ଏବଂ କିଛି ଲୋକମାନଙ୍କର ବିକ୍ଷିପ୍ତ ହୋଇଯିବା ପରେ ସରବ୍ ଠାରେ ପ୍ରଥମେ ରସୁଲୁଲ୍ଲାଃ ସ.ଅଙ୍କ ଉପରେ ହ. କାଆବ୍ ବିନ୍ ମାଲିକ୍ ର.ଅଙ୍କ ଦୃଷ୍ଟି ପଡ଼ିଲା । ସେ କୁହନ୍ତି ଯେ, ମୁଁ ଖୌଦ୍ (ଯୁଦ୍ଧ ସମୟରେ ପିନ୍ଧା ଯାଉଥିବା ଲୌହ୍ ମୁକୁଟ)ର ମଧ୍ୟବର୍ତ୍ତୀ ଭାଗରୁ ଆପଣ ସ.ଅଙ୍କ ଜାଜ୍ଜୁଲ୍ୟମାନ ଚକ୍ଷୁକୁ ଦେଖି ଉଚ୍ଚ ସ୍ୱରରେ ଡାକିଲି, ହେ ମୁସଲମାନମାନେ ! ତୁମେମାନେ ଖୁସି ହୋଇଯାଅ । ରସୁଲୁଲ୍ଲାଃ ସ.ଅ ହେଇଟି ଜୀବିତ ଅଛନ୍ତି । ଉକ୍ତ କଥା ଶୁଣି ରସଲୁଲ୍ଲାଃ ସ.ଅ ହାତ ଦ୍ୱାରା ଇଙ୍ଗିତ କଲେ ଯେ, ହେ କାଆବ୍ ! ଚୁପ୍ ହୋଇଯାଅ । ମୁସଲମାନମାନେ ଯେତେବେଳେ ରସୁଲୁଲ୍ଲାଃ ସ.ଅଙ୍କୁ ଚିହ୍ନି ପକାଇଲେ ସେତେବେଳେ ଆପଣ ସ.ଅଙ୍କ ସାଥିରେ ଘାଟି ଅଭିମୁଖେ ବାହାରି ପଡ଼ିଲେ । ଆପଣ ସ.ଅଙ୍କ ସହିତ ହ. ଅବୁ ବକ୍କର ସିଦ୍ଧିକ୍ (ସତ୍ୟବାଦୀ), ହ. ଉମର୍ ର.ଅ, ହ. ଅଲୀ ର.ଅ, ହ. ତଲ୍ହା ବିନ୍ ଉବୈଦୁଲ୍ଲାଃ ର.ଅ ଓ ଓ ହ. ଜୁବୈର୍ ବିନ୍ ଅୱାମ୍ ର.ଅ, ହ. ହାରିସ୍ ବିନ୍ ସିମା ର.ଅ ଇତ୍ୟାଦି ସାହାବାମାନେ ସାମିଲ୍ ଥିଲେ।" **(ତାରିଖୁତ୍ ତିବ୍ରୀ, ଭାଗ-2, ପୃ-67, ଦାରୁଲ୍ କୁତୁବୁଲ୍ ଇଲ୍ମିୟାହ୍, ବୈରୁତ୍)**

ଅପରପକ୍ଷେ ରସୁଲ୍ କରୀମ୍ ସାହାବାମାନଙ୍କ ସହିତ ସେହି ଚଟ୍ଟାଣ ଉପରେ ଅବସ୍ଥାନ କରିଥିଲେ । ସହସା କୁରୈଶ୍ର ଏକ ଦଳ ପର୍ବତର ଉପର ମୁଣ୍ଡରେ ପହଞ୍ଚିଗଲା । କୁରୈଶର ସେହି ଦଳ ମଧ୍ୟରେ ଖାଲିଦ୍ ବିନ୍ ୱଲିଦ୍ ମଧ ଥିଲେ । ଆଁହଜରତ୍ ସ.ଅ ଶତ୍ରୁମାନଙ୍କୁ ପର୍ବତ ଉପରୁ ଦେଖି ଦୁଆ କଲେ ଯେ, اَللّٰهُمَّ اِنَّهٗ لَا يَنْبَغِيْ لَهُمْ اَنْ يَعْلُوْنَا، اَللّٰهُمَّ لَا قُوَّةَ لَنَا اِلَّا بِكَ ଅର୍ଥାତ୍ ହେ ଅଲ୍ଲାଃ ! ସେମାନଙ୍କ ନିମନ୍ତେ ଏହା ଉଚିତ୍ ନୁହଁ ଯେ, ସେମାନେ ଆମମାନଙ୍କ ଉପରେ ଆଧିପତ୍ୟ ବିସ୍ତାର କରିନେବେ । ହେ ଅଲ୍ଲାଃ ! ତୁମ୍ଭ ବ୍ୟତୀତ ଆମ୍ଭ ନିକଟରେ ଶକ୍ତି ଓ ସାମର୍ଥ୍ୟ ନାହିଁ। ତୁମ୍ଭେ ହିଁ ଆମ୍ଭମାନଙ୍କର ସାହା ଭରସା ଅଟ । ତୁମ୍ଭ ମାଧ୍ୟମରେ ହିଁ ଆମ୍ଭେ ଶକ୍ତି ଓ ସାମର୍ଥ୍ୟ ପ୍ରାପ୍ତ କରିଥାଉ । ହ. ଉମର୍ ର.ଅ ସେହି ସମୟରେ ହିଁ ସେହି ପ୍ରବାସକାରୀ କୁରୈଶ୍ମାନଙ୍କର ମୁକାବିଲା କଲେ ଏବଂ ସେମାନଙ୍କୁ ପଛକୁ ଠେଲିଦେଲେ । ଫଳତଃ ସେମାନେ ପର୍ବତର ନିମ୍ନଦେଶକୁ ଓହ୍ଲାଇବା ପାଇଁ ବାଧ ହେଲେ । **(ସିରତୁଲ୍ ହଲବିୟାହ, ଭାଗ-2, ପୃ-323, ଦାରୁଲ୍ କୁତୁବୁଲ୍ ଇଲ୍ମିୟାହ୍, ବୈରୁତ୍)**

(ଅବଶିଷ୍ଟାଂଶ............ପରବର୍ତ୍ତୀ ସଂଖ୍ୟାରେ)

Printed & Published by: Jameel Ahmed Nasir on behalf of Nigran Board of Badar. Name of Owner: Nigran Board of Badar. And printed at Fazle-Umar Printing Press. Harchowal Road, Qadian, Distt. Gurdaspur-143516, Punjab. And published at office of the Weekly Badar Mohallah - Ahmadiyya, Qadian Distt. Gsp-143516, Punjab. India. Editor: Qamrul Haque Khan